


ଫାଇନାଲ୍‌ରେ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-214 • FRIDAY • 30 JANUARY 2026 • PAGE-12 • ₹ 7.00 | SAMBALPUR | • ବର୍ଷ-୪୩ • ସଂଖ୍ୟା-୨୧୪ • ଶୁକ୍ରବାର • ୩୦ ଜାନୁଆରୀ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦






To locate your nearest store and know more on +91 81473 49242 Buy online at tanishq.co.in or Download our App *Conditions Apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

## ୮ ବର୍ଷ ପରେ ଚୀନ୍‌ରେ ପହଞ୍ଚିଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ବେଜିଂ, ୨୯ ।୧(ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବ୍ରିଟେନର କୌଣସି ପ୍ରଧାନମନ୍ତ୍ରୀ ଚୀନ୍ ଗସ୍ତରେ ଯାଇଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର ଏକ ୩ ଦିନିଆ ଗସ୍ତରେ ଚୀନ୍‌ରେ ପହଞ୍ଚିଛନ୍ତି। ପୂର୍ବରୁ ୨୦୧୮ରେ ସେତେବେଳର ପ୍ରଧାନମନ୍ତ୍ରୀ ଥେରେସା ମେ ଚୀନ୍ ଗସ୍ତରେ ଯାଇଥିଲେ। ଗତ ୮ ବର୍ଷ ମଧ୍ୟରେ ବୈଶ୍ୱିକ ରାଜନୀତିରେ ବହୁତ ପରିବର୍ତ୍ତନ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ନୀତି ଓ ମନ୍ତବ୍ୟ କାରଣରୁ ସାରା ବିଶ୍ୱରେ ଅସ୍ଥିରତା ଦେଖାଦେଇଛି। ଖାସ୍ କରି ୟୁରୋପୀୟ ଦେଶଗୁଡ଼ିକ ନୂଆ ସାଥୀ ଖୋଜିବାକୁ ପ୍ରୟାସ କରୁଛନ୍ତି। ଫଳରେ ଚୀନ୍ ଏବେ ବ୍ରିଟେନ ପାଇଁ ଏକ ଦୃଢ଼ ବିକଳ୍ପ ଭାବେ ଉଭା ହୋଇଛି। ଏହି ଗସ୍ତ ଆମେରିକା ଓ ଚୀନ୍ ମଧ୍ୟରୁ ଗୋଟିଏ ବାଛିବା ପାଇଁ ନୁହେଁ। ଆମେରିକା ସହିତ ଆମର ସମ୍ପର୍କ ବଜାୟ ରହିବ। କିନ୍ତୁ ଚୀନ୍‌କୁ ଆମେ ଅଣଦେଖା କରିପାରିବୁ ନାହିଁ ବୋଲି ଷ୍ଟାର୍‌ମର କହିଛନ୍ତି। ସେପଟେ ଷ୍ଟାରମରଙ୍କ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସ୍ଥିରତା ବୃଦ୍ଧି କରିବ ବୋଲି ଚୀନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ୨୦୨୦ କରୋନା ମହାମାରୀ ସମୟରେ ବ୍ରିଟେନ ଚୀନ୍‌ର ଟେକ କମ୍ପାନୀ ହୁଆୱେକୁ ଗୁପ୍ତଚର କରିବା ଅଭିଯୋଗରେ ଦେଶରୁ ବାହାର କରିଥିଲା। ଫଳରେ ଦୁଇ ଦେଶର ସମ୍ପର୍କ ତିକ୍ତ ହୋଇଥିଲା।

## ମିଲାନିଆ ଟ୍ରମ୍ପଙ୍କ ଡକ୍ୟୁମେଣ୍ଟାରୀ ବ୍ରିଟେନରେ ସାଂଘାତିକ ଫ୍ଲପ୍

ଲଣ୍ଡନ, ୨୯ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ମିଲାନିଆଙ୍କ ଉପରେ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର 'ମେଲାନିଆ' ବ୍ରିଟେନରେ ସାଂଘାତିକ ଭାବେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ଏହାକୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଆଦୌ ଆଗ୍ରହ ନାହିଁ ବୋଲି ଦେଶର ସବୁଠାରୁ ବଡ଼ ସିନେମା ଅପରେଟରମାନଙ୍କ ମଧ୍ୟରୁ ଗୋଟିଏ, ଭ୍ୟୁ ସିନେମାର ମୁଖ୍ୟକାର୍ଯ୍ୟ ନିର୍ବାହୀ ଟିମ୍ ରିଚାର୍ଡ୍ସ କହିଛନ୍ତି। ଟିମ୍ ଦେଇଥିବା ସୂଚନା ଅନୁଯାୟୀ ଲଣ୍ଡନର ଇସ୍‌ଲିଙ୍ଗଟନ ଅଞ୍ଚଳର ଏକ ପ୍ରେକ୍ଷାଳୟରେ ଏହାର ୨୮ଟି ସ୍କ୍ରିନିଂ ସ୍ଥିର କରାଯାଇଥିଲା। କିନ୍ତୁ ଏଥିରେ ମାତ୍ର ଗୋଟିଏ ଟିକଟ ବିକ୍ରି ହୋଇଥିଲା ବୋଲି ସେ କହିଛନ୍ତି। ଆମାଜନ ଷ୍ଟୁଡ଼ିଓ ଏହି ସିନେମାର ରାଇଟ୍‌କୁ ୩୪୦ କୋଟି ଟଙ୍କାରେ କ୍ରୟ କରିଥିଲା। ଏହା ବ୍ୟତୀତ କମ୍ପାନୀ ବିଶ୍ୱବ୍ୟାପୀ ମାର୍କେଟିଂରେ ୩୨୧ ଟଙ୍କା ଖର୍ଚ୍ଚ କରିଛି। ମିଲାନିଆଙ୍କ ଏହି ପ୍ରମାଣିକ ଚଳଚ୍ଚିତ୍ରକୁ ନାପସନ୍ଦ କରାଯାଇଛି ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।

**ଲଣ୍ଡନ ପ୍ରିମିୟରରେ ମାତ୍ର ଗୋଟିଏ ଟିକେଟ ବିକ୍ରି**

## କଲମ୍ବିଆରେ ଭୟାନକ ବିମାନ ଦୁର୍ଘଟଣା: ନେତାଙ୍କ ସମେତ ୧୫ ମୃତ

ବୋଗୋଟା, ୨୯ ।୧(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆର ଉତ୍ତରରେ ଥିବା ନାର୍ଟ ଡି ସାଣ୍ଟାଣ୍ଡର ରାଜ୍ୟର ଗ୍ରାମାଞ୍ଚଳରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣେ ରାଜନେତାଙ୍କ ସମେତ ୧୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘଟଣାସ୍ଥଳକୁ ଏକ ଉଦ୍ଧାରକାରୀ ଦଳକୁ ପଠାଯାଇଛି। ବିମାନ ଏଚ୍‌କେ୪୭୦୯ ରାଜଧାନୀ ବୋଗୋଟା ବିମାନବନ୍ଦରରୁ ସ୍ଥାନୀୟ ସମୟ ଅନୁସାରେ ସକାଳ ୧୧.୪୨ରେ ପର୍ବତଘେରା ସହର ଓକାନା ଅଭିମୁଖେ ଯାତ୍ରା କରିଥିଲା। ବୋଗୋଟାରୁ ଓକାନା ପହଞ୍ଚିବାକୁ ପ୍ରାୟ ୪୦ ମିନିଟ ସମୟ ଲାଗିଥାଏ। ବିମାନରେ ଦୁଇଜଣ କ୍ରୁ ସଦସ୍ୟ ଥିଲେ। ବିମାନଯାତ୍ରା କରୁଥିବା ସବୁ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ବୋଲି କଲମ୍ବିଆ ପରିବହନ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଦୁର୍ଘଟଣାର ତଦନ୍ତ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ଦୁର୍ଘଟଣା ପାଇଁ ଶୋକ ବ୍ୟକ୍ତ କରିଛନ୍ତି।

## ବାଂଲାଦେଶ ଠକେଇର କାରଖାନା ପାଲଟିଛି: ୟୁନୁସ୍

ଢାକା, ୨୯ ।୧(ଏଜେନ୍ସି): ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ନିଜ ଦେଶ ସମ୍ପର୍କରେ ଏକ କଡ଼ା ମନ୍ତବ୍ୟ ଦେଇଛନ୍ତି। ବଙ୍ଗଳା ଖବରକାଗଜ ଟ୍ରାଇବୁନ ଅନୁଯାୟୀ, ବାଂଲାଦେଶର ଅନ୍ତର୍ଜାତୀୟ ପ୍ରତିଷ୍ଠା ଏବେ ଗୁରୁତର ଭାବେ କ୍ଷତିଗ୍ରସ୍ତ ଓ ବଦ୍‌ନାମ ହୋଇଛି। ଦେଶରେ ଏବେ ବଡ଼ ପରିମାଣରେ ନକଲି କାଗଜପତ୍ର ପ୍ରସ୍ତୁତ ହେଉଛି। ଅନେକ ଦେଶ ଆମର ପାସପୋର୍ଟ ଗ୍ରହଣ କରନ୍ତି ନାହିଁ। ଏଠାରେ ଏବେ ସବୁକିଛି ନକଲି। ଭିସା ନକଲି, ପାସପୋର୍ଟ ନକଲି। ଆମେ ଏବେ ଠକେଇରେ ବିଶ୍ୱ ଚାମ୍ପିଅନ ହୋଇଛୁ ବୋଲି ସେ କହିଛନ୍ତି। ନକଲି ଶିକ୍ଷାଗତ ପ୍ରମାଣପତ୍ର ସମେତ ନକଲି କାଗଜପତ୍ର କାରଣରୁ ବାଂଲାଦେଶ ନାଗରିକଙ୍କ ଭିସା ପ୍ରତ୍ୟାଖ୍ୟାନ ହେଉଛି। ନକଲି ଡକ୍ୟୁମେଣ୍ଟ ଆଧାରରେ ଲୋକେ ଭିସା ପାଇଁ ଆବେଦନ କରୁଛନ୍ତି। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ, ଜଣେ ମହିଳା ଡାକ୍ତର ଭାବରେ ନିଜକୁ ପରିଚୟ ଦେଇ ନାଗରିକ ଭିସା ପାଇଁ ଆବେଦନ କରିଥିଲେ। କିନ୍ତୁ ତାହା ନକଲି ବୋଲି ଜଣାପଡ଼ିଛି। ଏଭଳି ଠକେଇ ପାଇଁ କିଛି ବାଂଲାଦେଶୀ ନାଗରିକଙ୍କୁ, ଏପରିକି ଜାହଜରେ କାମ କରୁଥିବା ନାବିକଙ୍କୁ ପ୍ରବେଶ ପାଇଁ ମନା ହୋଇଛି।

## ବସ୍-ଟ୍ରେଲର ଧକ୍କା; ୪ ମୃତ

ଭରତପୁର, ୨୯ ।୧(ଏଜେନ୍ସି): ରାଜସ୍ଥାନର ଭରତପୁରରେ ବୁଧବାର ରାତି ୨.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଏକ ସ୍ଲିପର ବସ୍ ଓ ଟ୍ରେଲର ମଧ୍ୟରେ ଧକ୍କା ହୋଇଥିଲା। ବସଟି ଉତ୍ତରପ୍ରଦେଶର କାସଗଞ୍ଜରୁ ଜୟପୁର ଯାଉଥିଲା। ସଡ଼କରେ ପୂର୍ବରୁ ଠିଆ ହୋଇଥିବା ଟ୍ରଲରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, ବସ୍‌ଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନେ ଚିତ୍କାର କରିବାକୁ ଲାଗିଥିଲେ। ଆଗ୍ରା- ଜୟପୁର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ଯାତ୍ରୀମାନଙ୍କୁ ନିକଟସ୍ଥ ଆରବିଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ୪ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ।

# ଅଜିତ ପାୱାରଙ୍କ ଅନ୍ତ୍ୟେଷ୍ଟି ସଂପନ୍ନ; ଏବେ ରାଜନୀତି ଚର୍ଚ୍ଚା



ମୁମ୍ବଇ/ନୂଆଦିଲ୍ଲୀ, ୨୯ ।୧(ଏଜେନ୍ସି): ମହାରାଷ୍ଟ୍ରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଅନ୍ତିମ ସଂସ୍କାର ଗୁରୁବାର ବାରାମତୀର କାଟେୱାଡ଼ି ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ କରାଯାଇଛି। ମହାରାଷ୍ଟ୍ରରେ ଅଜିତ ଦାଦା ନାମରେ ପରିଚିତ ପାୱାରଙ୍କ ଦୁଇ ପୁଅ ପାର୍ଥ ଓ ଜୟ ତାଙ୍କୁ ମୁଖାଗ୍ନି ଦେଇଥିଲେ। ପତ୍ନୀ ସୁନେତ୍ରା ପାୱାର ତାଙ୍କ ସ୍ୱାମୀଙ୍କ ପାର୍ଥିବ ଶରୀରରେ ଗଙ୍ଗା ଜଳ ଅର୍ପଣ କରିବା ସହ ତାଙ୍କୁ ଶେଷ ବିଦାୟ ଦେଇଥିଲେ। ଦାଦା ଶରଦ ପାୱାର, ତାଙ୍କ ଝିଅ ସୁପ୍ରିୟା ସୁଲେ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ, ମହାରାଷ୍ଟ୍ର ମୁଖମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ, ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍, ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ ଠାକ୍‌ରେ, ଶିବସେନା ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ଉପସ୍ଥିତ ଥିଲେ। ନିଜର ପ୍ରିୟ ଅଜିତ ଦାଦାଙ୍କୁ ଭାବପ୍ରବଣ ଅନ୍ତିମ ବିଦାୟ ଦେବା ପାଇଁ ଏନ୍‌ସିପିର ସମର୍ଥକମାନେ ତାଙ୍କ କାଟେୱାଡ଼ି ଘରୁ ବିଦ୍ୟା ପ୍ରତିଷ୍ଠାନ ଗ୍ରାଉଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆସିଥିଲେ। ଅଜିତଙ୍କ ମୃତଦେହକୁ ତ୍ରିରଙ୍ଗାରେ ଆଚ୍ଛାଦିତ କରାଯାଇଥିଲା। ପାୱାରଙ୍କ ଶେଷକୃତ୍ୟ ପୂର୍ଣ୍ଣ ରାଜ୍ୟ ସମ୍ମାନ ସହ ଅନୁଷ୍ଠିତ ହୋଇଥିଲା। ଶେଷକୃତ୍ୟ ସମୟରେ ଭାବପ୍ରବଣ ହୋଇ ଲୋକେ 'ଅଜିତ ଦାଦା ଅମର ରହେ' ଧ୍ୱନି ଦେଇଥିଲେ।

ମହାରାଷ୍ଟ୍ର ସମେତ ଅନ୍ୟ ରାଜ୍ୟର ଲୋକେ ମଧ୍ୟ ଅଜିତଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଗତକାଲି ବିଳମ୍ବିତ ରାତିଠାରୁ ଲୋକମାନେ ବାରାମତୀରେ ପହଞ୍ଚିବା ଆରମ୍ଭ କରିଥିଲେ। ଫଳରେ ସକାଳେ ଅନେକ ଅଞ୍ଚଳରେ ପ୍ରବଳ ଟ୍ରାଫିକ ଜାମ ଦେଖିବାକୁ ମିଳିଥିଲା। ଅଜିତଙ୍କ ସମର୍ଥକମାନେ ବାଇକ୍, ଟ୍ରାକ୍ଟର-ଟ୍ରଲି ଓ ବସ୍ ଯୋଗେ ଅନ୍ତିମ ସଂସ୍କାର ହୋଇଥିବା ସ୍ଥାନରେ ପହଞ୍ଚିବାକୁ ପ୍ରୟାସ କରିଥିଲେ। ଶବଯାତ୍ରା ଗୋଟିଏରୁ ଦୁଇ କିମି ପର୍ଯ୍ୟନ୍ତ ବ୍ୟାପିଥିଲା।

ସୂଚନାଯୋଗ୍ୟ ଯେ, ବୁଧବାର ସକାଳେ ଅଜିତଙ୍କ ଚାର୍ଟର୍ଡ ବିମାନ ବାରାମତୀ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ୬୬ ବର୍ଷ ହୋଇଥିଲା। ଅବତରଣ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅଜିତ ଓ ତାଙ୍କର ସୁରକ୍ଷା କର୍ମୀ, ଦୁଇ ପାଇଲଟ, ଜଣେ ମହିଳା କ୍ରୁଙ୍କ ସମେତ ୫ ଜଣ ମୃତ୍ୟୁବରଣ କରିଥିଲେ। ଅଜିତ ଫେବୃଆରୀ ୫ରେ ପୁଣେ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ଚାରୋଟି ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା। ପାୱାରଙ୍କ ମୃତ୍ୟୁ ପରେ ମହାରାଷ୍ଟ୍ରରେ ୩ ଦିନିଆ ରାଜ୍ୟ ଶୋକ ଘୋଷଣା କରାଯାଇଛି।

**■ ପତ୍ନୀ ଦେଲେ ଗଙ୍ଗାଜଳ, ପୁଅମାନେ ଦେଲେ ମୁଖାଗ୍ନି**
**■ ଅମିତ ଶାହା, ଶରଦ ପାୱାର ଉପସ୍ଥିତ**



## ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ଅଜିତଙ୍କ ପତ୍ନୀ

ମୁମ୍ବଇ, ୨୯ ।୧(ଏଜେନ୍ସି): ଗତକାଲି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅଜିତ ପାୱାରଙ୍କ ଶେଷକୃତ୍ୟ ସଂପନ୍ନ ହେବାପରେ ମହାରାଷ୍ଟ୍ରରେ ରାଜନୀତି ପୁଣି ଚଳଚଞ୍ଚଳ ହୋଇପଡ଼ିଛି। ଅଜିତଙ୍କ ମୃତ୍ୟୁ ଏନ୍‌ସିପିକୁ ଗୁରୁତର ସଙ୍କଟ ଭିତରକୁ ଠେଲିଦେଇଛି। ତାଙ୍କ ସ୍ଥାନରେ ପାର୍ଟିର ମଙ୍ଗ କିଏ ଧରିବ, ତାହାକୁ ନେଇ ଦଳ ଭିତରେ ବିଚାର ଆଲୋଚନା ଆରମ୍ଭ ହୋଇଯାଇଛି। ଆଜି ଦଳର କିଛି ବରିଷ୍ଠ ନେତା ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ର ପାୱାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ପ୍ରଫୁଲ୍ଲ ପଟେଲ, ଛଗନ ଭୂଜବଳ, ଧନଞ୍ଜୟ ମୁଣ୍ଡେ ଏବଂ ସୁନୀଲ ଠାକରେ ପ୍ରମୁଖ ସୁନେତ୍ରଙ୍କ ସହିତ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଅଜିତ ପୱାରଙ୍କ ସ୍ଥାନରେ ସୁନେତ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ସେମାନେ ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କ ସହିତ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି। ଏବେ ରାଜ୍ୟସଭା ସଭ୍ୟା ଥିବା ସୁନେତ୍ର ଅଜିତଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ବାରାମତୀରୁ ପ୍ରାର୍ଥୀ ହୋଇପାରନ୍ତି। ଅଜିତଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡ଼ିଛି ଏବଂ ଏଠାରେ ଶୀଘ୍ର ଉପନିର୍ବାଚନ ହୋଇପାରେ। ପରବର୍ତ୍ତୀ ସମୟରେ ଶରଦ ପାୱାରଙ୍କ ଦଳ ସହିତ ଏନସିପିର ମିଶ୍ରଣ ଉପରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

# ଆମେରିକା ଧମକରେ ନରମିଲା ଇରାନ

**ଟ୍ରମ୍ପଙ୍କ ସହ ପରମାଣୁ ଚୁକ୍ତି ପାଇଁ ରାଜି, ଖୁବଶୀଘ୍ର ହୋଇପାରେ ଆଲୋଚନା**

ତେହେରାନ, ୨୯ ।୧(ଏଜେନ୍ସି): ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଇରାନର ସୁପ୍ରିମ ନେତା ଆୟାତୋଲ୍ଲା ଖାମେନେଇ ନରମିଛନ୍ତି। ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଆମେରିକା ସହିତ ଆଲୋଚନା ପାଇଁ ରାଜି ହୋଇଛନ୍ତି। ଏହି ସୂଚନା ଦେଇଛନ୍ତି ଖାମନେଇଙ୍କ ମୁଖ୍ୟ ପରାମର୍ଶଦାତା ଅଲୀ ସମଖାନୀ। ସେ କହିଛନ୍ତି ଯେ ପରମାଣୁ ଚୁକ୍ତି ଲାଗି ତାଙ୍କ ଦେଶ ପ୍ରସ୍ତୁତ ଅଛି। ତେବେ ଏଥିପାଇଁ ସର୍ତ୍ତ ହେଲା ଯେ ଇରାନ ଉପରେ ଲାଗୁ ହୋଇଥିବା ସମସ୍ତ କଟକଣାକୁ ହଟାଇବାକୁ ପଡ଼ିବ। ସେ କହିଲେ ଯେ ଇରାନ କେବେହେଲେ ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ। ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଉଦ୍ଦିଷ୍ଟ ୟୁରାନିୟମକୁ ନଷ୍ଟ କରିଦିଆଯିବ ଏବଂ କେବଳ ବେସାମରିକ ଏବଂ ବିଶେଷ କରି ବିଦ୍ୟୁତ ଉତ୍ପାଦନ ପାଇଁ ଏହାର ବ୍ୟବହାର କରାଯିବ। ଏହି ପ୍ରକ୍ରିୟା ଉପରେ ସର୍ବେକ୍ଷଣ ଲାଗି ଆନ୍ତର୍ଜାତିକ ଟିମକୁ ଅନୁମତି ମଧ୍ୟ ପ୍ରଦାନ କରାଯିବ। ଏସଂପର୍କରେ ତାଙ୍କ ଦେଶ ଆଲୋଚନା ଓ ଚୁକ୍ତି ଲାଗି ପ୍ରସ୍ତୁତ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଧମକ ନେଇ ପ୍ରତିକ୍ରିୟା ରଖିଛନ୍ତି ଇରାନର ଜଣେ ବରିଷ୍ଠ ସାମରିକ ଅଧିକାରୀ। ସେ କହିଛନ୍ତି ଆମେରିକା ଆକ୍ରମଣ କଲେ ଇରାନ ଏହାର କଡ଼ା ଜବାବ ଦେବାଲାଗି ପ୍ରସ୍ତୁତ ହୋଇ ରହିଛି। ଉପସାଗର ଆଡ଼କୁ ଆସୁଥିବା ଆମେରିକାର ଯୁଦ୍ଧ ଜାହାଜ ଉପରେ ନଜର ରହିଛି। ଏହାକୁ ଟାର୍ଗେଟ କରିବା ଲାଗି ସେନା ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହୋଇ ରହିଛି ବୋଲି ସେ ଧମକ ଦେଇଛନ୍ତି।



ଇତିମଧ୍ୟରେ ୟୁରୋପିଆନ ସଂଘ (ଇୟୁ) ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି)କୁ ଆତଙ୍କବାଦୀ ସଂଗଠନ ଭାବେ ତାଲିକାଭୁକ୍ତ କରିବାକୁ ସ୍ଥିର କରିଛି। ହମାସ, ଅଲ-କାଏଦା, ଆଇଏସ୍‌ଆଇଏସ୍, ଡାଏଶ ଭଳି ରିଭୋଲ୍ୟୁସନାରୀ ଗାର୍ଡକୁ ମଧ୍ୟ ତାଲିକାଭୁକ୍ତି କରାଯିବ। ତେବେ ଏଥିପାଇଁ ଇୟୁକୁ ୨୭ଟି ସଦସ୍ୟ ରାଷ୍ଟ୍ରର ସର୍ବସମ୍ମତ ସମର୍ଥନ ଆବଶ୍ୟକ ହେବ। ଇରାନରେ ଚାଲିଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ରିଭୋଲ୍ୟୁସନାରୀ ଗାର୍ଡ ୬, ୩୭୩ ଜଣ ନାଗରିକଙ୍କୁ ହତ୍ୟା କରିବା ପରେ ଇୟୁ ଏହାକୁ ଆତଙ୍କବାଦୀ ସଂଗଠନ ଭାବେ ତାଲିକାଭୁକ୍ତ କରିବାକୁ ଯାଉଛି ବୋଲି ୟୁରୋପୀୟ କମିଶନର କାଜା କାଲାସ କହିଛନ୍ତି। କାଲାସ ପୂର୍ବରୁ ଇସ୍ତୋନିଆର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଇରାନ ରୁଷର ଏକ ସହଯୋଗୀ ଓ ପାଶ୍ଚାତ୍ୟ ବିରୋଧୀ ଚିନ୍ତାଧାରା ବଜାୟ ରଖୁଛି। ଅନ୍ୟପଟେ ଏହାକୁ ଇରାନ୍ ଗମ୍ଭୀରତାର ସହ ଗ୍ରହଣ କରିଛି। ଏପରି କରାଗଲେ ପରିଣତି ଭୟଙ୍କର ହେବ ବୋଲି ଇରାନ ଚେତାବନୀ ଦେଇଛି।


**ଇରାନ୍‌ର ରିଭୋଲ୍ୟୁସନାରୀ ଗାର୍ଡକୁ ଆତଙ୍କବାଦୀ ସଂଗଠନ ଭାବେ ତାଲିକାଭୁକ୍ତ କରିବ ୟୁରୋପୀୟ ସଂଘ**

## ଅଜିତଙ୍କ ବିମାନର ବ୍ଲାକ୍ ବକ୍ସ ମିଳିଲା

ମୁମ୍ବଇ, ୨୯ ।୧(ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଯାତ୍ରା କରୁଥିବା ଲିଅର୍‌ଜେଟ ଚାର୍ଟର୍ଡ ବିମାନର ବ୍ଲାକ୍ ବକ୍ସ ଗୁରୁବାର ଦୁର୍ଘଟଣାର ଗୋଟିଏ ଦିନ ପରେ ଉଦ୍ଧାର କରାଯାଇଛି। ଏ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଏମ୍‌ଓସିଏ) ତରଫରୁ ନିଶ୍ଚିତ କରାଯାଇଛି। ବ୍ଲାକବକ୍ସରେ ଫ୍ଲାଇଟ୍ ଡାଟା ରେକର୍ଡର ଓ କକ୍‌ପିଟ୍ ଭଏସ ରେକର୍ଡର ରହିଛି। ଦୁର୍ଘଟଣା କାରଣ ନିର୍ଣ୍ଣୟ କରିବା ପାଇଁ ଏଗୁଡ଼ିକର ଯାଞ୍ଚ କରାଯିବ। ମନ୍ତ୍ରଣାଳୟ କହିଛି ଯେ, ଦିଲ୍ଲୀରୁ ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଓ ମୁମ୍ବଇର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗୁରୁବାର ସକାଳେ ଡିଜିସିଏ ଅଧିକାରୀ ଓ ଫରେନସିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଣେ ଗ୍ରାମାଞ୍ଚଳ ପୁଲିସ ବାରମାତୀ ତାଲୁକା ଥାନାରେ ଏକ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ (ଏଡିଆର) ପଞ୍ଜିକୃତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ରାହୁଲ, ଖଡ଼୍‌ଗେଙ୍କୁ ଭେଟିଲେ ଥରୁର୍

ନୂଆଦିଲ୍ଲୀ, ୨୯ ।୧(ଏଜେନ୍ସି): ଦଳ ହାଇକମାଣ୍ଡ ତଥା କଂଗ୍ରେସର ତୁଙ୍ଗ ନେତୃତ୍ୱ ଭିତରେ ମତଭେଦ ନେଇ ଚର୍ଚ୍ଚା ହେବା ପରେ ବରିଷ୍ଠ ନେତା ଶଶି ଥରୁର ଗୁରୁବାର ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ସେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ସଂସଦରେ ୩ଜଣ ଖଡ଼ଗେଙ୍କ କାର୍ଯ୍ୟାଳୟରେ ବୈଠକରେ ବସିଥିଲେ। ବୈଠକ ପରେ ଥରୁର କହିଛନ୍ତି ଯେ, ମୁଁ ଦୁଇ ନେତାଙ୍କ ସହ କଥା ହୋଇଛି। ସବୁକିଛି ଠିକ୍ ଅଛି। ଆମେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରୁଛୁ। ମୁଁ ସବୁବେଳେ ଦଳ ପାଇଁ ପ୍ରଚାର କରି ଆସିଛି। ଦଳୀୟ ନେତୃତ୍ୱ ମଧ୍ୟରେ ମତଭେଦ ଦେଖା ଦେଇଥିବା ବେଳେ ଏହି ବୈଠକ ବସିଥିଲା। ନିକଟରେ କେରଳ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ତିରୁଅନନ୍ତପୁରମରେ ଏଆଇସିସିର ଏକ ବୈଠକ ବସିଥିଲା। ସେଥିରେ ଥରୁର ଯୋଗ ଦେଇ ନଥିଲେ ଓ ଏହାକୁ ନେଇ ବିବାଦ ଓ ଚର୍ଚ୍ଚା ସୃଷ୍ଟି ହୋଇଥିଲା। କେରଳର ମୁଖ୍ୟମନ୍ତ୍ରୀ ହେବା ପ୍ରଶ୍ନର ଉତ୍ତର ଦେଇ ଥରୁର କହିଛନ୍ତି ଯେ, ମୁଁ କେବେ ଏ ବିଷୟରେ ଆଲୋଚନା କରିନାହିଁ। କୌଣସି ପଦ ପାଇଁ ମୋର ଆଗ୍ରହ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏବେ ସାଂସଦ ଅଛି ଓ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପ୍ରୟାସ କରୁଛି ବୋଲି ସେ କହିଛନ୍ତି। ପୂର୍ବରୁ ଜାନୁଆରୀ ୧୯ରେ କୋଚିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାହୁଲ ମଞ୍ଚରେ ବସିଥିବା ବରିଷ୍ଠ ନେତାଙ୍କ ନାମ ନେଇଥିଲେ। କିନ୍ତୁ ଥରୁରଙ୍କୁ ଅଣଦେଖା କରିଥିଲେ। ସେତେବେଳେ ଏ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ପୂର୍ବରୁ ଥରୁର ଏକାଧିକ ମନ୍ତବ୍ୟ ଦେଇଥିଲେ ଓ ଏହା କଂଗ୍ରେସ ବିରୋଧରେ ଥିଲା।



## ଦିଲ୍ଲୀରେ ଗର୍ଭବତୀ କମାଣ୍ଡୋଙ୍କୁ ସ୍ୱାମୀର ନିର୍ମମ ହତ୍ୟା

ନୂଆଦିଲ୍ଲୀ, ୨୯ ।୧(ଏଜେନ୍ସି): ଦିଲ୍ଲୀ ପୁଲିସର ଜଣେ ୨୭ ବର୍ଷୀୟା ସ୍ୱାଟ୍ କମାଣ୍ଡୋ କାଜଲ ଚୌଧୁରୀଙ୍କୁ ତାଙ୍କ ସ୍ୱାମୀ ଏକ ଭାରୀ ଡମ୍ବେଲ ସହାଯ୍ୟରେ ମୁଣ୍ଡରେ ଆଘାତ ଦେଇ ନିର୍ମମ ଭାବେ ହତ୍ୟା କରିବାର ଘଟଣା ସମ୍ନାକୁ ଆସିଛି। କାଜଲ ୪ ମାସର ଗର୍ଭବତୀ ଥିଲେ। ସ୍ୱାମୀ ୨୮ ବର୍ଷୀୟ ଅଙ୍କୁର ଚୌଧୁରୀ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ କିରାଣୀ ଭାବେ ଚାକିରି କରୁଥିଲେ। ଆର୍ଥିକ ପ୍ରସଙ୍ଗକୁ ନେଇ ବାରମ୍ବାର ଯୁକ୍ତିତର୍କ ବୃଦ୍ଧି ପାଇବା କାରଣରୁ ଜାନୁଆରୀ ୨୨ରେ ଅଙ୍କୁର କାଜଲଙ୍କୁ ଉପରେ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେ ଚିକିତ୍ସିତ ହେବା ଅବସରରେ ଗତ ମଙ୍ଗଳବାର ମୃତ୍ୟୁବରଣ କରିଥିଲେ। ଅଙ୍କୁର କାଜଲଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ଅଙ୍କୁର କାର୍ ଓ ନଗଦ ଟଙ୍କା ଦାବି କରୁଥିଲେ। ୨୦୨୩ରେ ଦୁହିଁଙ୍କର ବିବାହ ହୋଇଥିଲା। ଆକ୍ରମଣ କରିଥିବା ରାତିରେ ହିଁ ଅଙ୍କୁରଙ୍କୁ ପୁଲିସ ଗିରଫ କରିଥିଲା। ସେ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଅଛନ୍ତି। କାଜଲଙ୍କର ଏକ ଦେଢ ବର୍ଷର ପୁଅ ଅଛି। ଘଟଣା ଦିନ ସେ ମାମୁଁ ଘରେ ଥିଲା। ଅଙ୍କୁର କାଜଲଙ୍କ ବାପାମାଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ କରାଯାଇଛି।

## ପଶ୍ଚିମବଙ୍ଗ ଅଗ୍ନିକାଣ୍ଡ: ମିଳିଲାଣି ୨୧ ମୃତଦେହ

କୋଲକାତା, ୨୯ ।୧(ଏଜେନ୍ସି): ପଶ୍ଚିମବଙ୍ଗର ଉତ୍ତର ୨୪ ପରଗନା ଜିଲ୍ଲାରେ ଜାନୁଆରୀ ୨୬ ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ଗୁରୁବାର ଆଉ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଫଳରେ ମୃତ୍ୟୁ ସଂଖ୍ୟା ଏବେ ୨୧କୁ ବୃଦ୍ଧି ପାଇଛି। ଜଳିଯାଇଥିବା ଗୋଦାମରୁ ଏହି ମୃତଦେହଗୁଡ଼ିକ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୨୮ ଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଉତ୍ତର ୨୪ ପରଗନା ଜିଲ୍ଲାର ଆନନ୍ଦପୁରରେ ମୋମୋ କମ୍ପାନୀର ଦୁଇଟି ଗୋଦାମ ଓ ଏକ ଉତ୍ପାଦନ୍ ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ପୋଡ଼ିଯାଇଥିବା ମୃତଦେହଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ମୃତଦେହଗୁଡ଼ିକର ପରିଚୟ ନିଶ୍ଚିତ କରିବା ପାଇଁ ଡିଏନ୍‌ଏ ପରୀକ୍ଷା ଆରମ୍ଭ କରାଯିବ।

## ବାଂଲାଦେଶରେ ବିଏନ୍‌ପି-ଜମାତ୍ କାର୍ଯ୍ୟକର୍ତ୍ତାଙ୍କ ସଂଘର୍ଷରେ ଜଣେ ମୃତ, ୬୫ ଆହତ

ଢାକା, ୨୯ ।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଦୁଇ ପ୍ରମୁଖ ରାଜନୈତିକ ଦଳ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଓ ଜମାତ ସମର୍ଥକଙ୍କ ମଧ୍ୟରେ ହିଂସ୍ରକ ସଂଘର୍ଷ ଦେଖିବାକୁ ମିଳିଛି। ଶେରପୁର ଜିଲ୍ଲାରେ ଏକ କାର୍ଯ୍ୟକ୍ରମ ବେଳେ ଏହି ସଂଘର୍ଷ ଦେଖିବାକୁ ମିଳିଥିଲା। ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୬୫ ଜଣ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ୪୨ ବର୍ଷୀୟ ଜମାତ ନେତା ମୌଲାନା ମହମ୍ମଦ ରେଜାଉଲ କରିବ। ତାଙ୍କୁ ଗୁରୁତର ଅବସ୍ଥାରେ ମୈମନସିଂହ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେ ଗତକାଲି ରାତିରେ ମୃତ୍ୟୁବରଣ କରିଥିଲେ। ସେ ଶେରପୁର ସ୍ରେବର୍ଦ୍ଦି ଉପ- ଜିଲ୍ଲା ଜମାତ ୟୁନିଟର ସମ୍ପାଦକ ଥିଲେ।

## ହିମାଚଳ ପ୍ରଦେଶରେ ଜବରଦସ୍ତ ତୁଷାରପାତ

ନୂଆଦିଲ୍ଲୀ, ୨୯ ।୧(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଜବରଦସ୍ତ ତୁଷାରପାତ ଓ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶରେ ପ୍ରବଳ ତୁଷାରପାତ ଜାରି ରହିଛି। ଉଚ୍ଚ ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୬ରୁ ୧ ଡିଗ୍ରୀରେ ପହଞ୍ଚିଛି। ଲାହୌଲ-ସ୍ପିତି ଜିଲ୍ଲାର କୁକୁମସେରୀରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୬.୧ ଡିଗ୍ରୀ ରେକର୍ଡ କରାଯାଇଛି। ତୁଷାରପାତ ଯୋଗୁଁ ହିମାଚଳ ପ୍ରଦେଶର ୪ଟି ଜାତୀୟ ରାଜପଥ ସମେତ ୮୮୯ଟି ରାସ୍ତା ଓ ୩, ୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଟ୍ରାନ୍ସଫରମର ଅଚଳ ହୋଇଯାଇଛି। ପାଇପଲାଇନ୍‌ରେ ପାଣି ଜମାଟ ବାନ୍ଧିବା ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ସେପଟେ ଦୁଇଦିନ ଧରି ଲଗାତର ତୁଷାରପାତ ପରେ ଉତ୍ତରାଖଣ୍ଡରେ ଗୁରୁବାର ସୂର୍ଯ୍ୟକିରଣ ଦେଖିବାକୁ ମିଳିଛି। ତଥାପି, ବଦ୍ରିନାଥ, କେଦାରନାଥ ଓ ଗଙ୍ଗୋତ୍ରୀରେ ରାସ୍ତା ଉପରେ ୩ରୁ ୪ ଫୁଟର ବରଫ ଜମି ରହିଛି। ବୁଧବାର ଚାମୋଲିର ଆଉଲିରେ ପ୍ରାୟ ୨ଫୁଟ ତୁଷାରପାତ ହୋଇଥିଲା। ରାଜ୍ୟରେ ହିମସ୍ଖଳନ ସତର୍କତା ଜାରି କରାଯାଇଛି। ପାହାଡ଼ରେ ତୁଷାରପାତର ପ୍ରଭାବ ସମତଳ ଅଞ୍ଚଳରେ ଅନୁଭୂତ ହୋଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ବିହାର ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଥଣ୍ଡା ଓ କୁହୁଡ଼ି ପୁଣି ତୀବ୍ର ହୋଇଛି। ଉତ୍ତର ପ୍ରଦେଶରେ ଗୋରଖପୁର ସମେତ ଅଯୋଧ୍ୟା, ଲକ୍ଷ୍ନୌରେ ବର୍ଷା ହୋଇଥିଲା।

**୮୮୯ ସଡ଼କ ବନ୍ଦ, ହଜାର ହଜାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ**





ଆସିବ 'ଦେବରା' ସିକ୍ୱେଲ୍
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-214 ♦FRIDAY ♦30 JANUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୧୪ ♦ଶୁକ୍ରବାର ♦୩୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ସୁନା ୧ ଲକ୍ଷ ୭୭ ହଜାର
### ଦିନକରେ ବଢ଼ିଲା ୧୧ ହଜାର

■ ଭୁବନେଶ୍ୱର,୨୯।୧(ସମିସ): ଘରୋଇ ବଜାରରେ ସମ୍ପ୍ରତି ହୁ ହୁ ହୋଇ ବଢୁଛି ସୁନା ଓ ରୁପା ଦର। ଏହି ଦୁଇ ଧାତୁ ମୂଲ୍ୟରେ ଦୈନିକ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ଇତି ମଧ୍ୟରେ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟରେ ନୂଆ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ୧୦ ଗ୍ରାମ ପିଛା ୧.୭୭ ଲକ୍ଷ ଟଙ୍କାରେ ପହଞ୍ଚିଥିବାବେଳେ ରୁପା ଦର କିଲୋ ପିଛା ରେକର୍ଡ ୪.୧୭ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଅପରପକ୍ଷେ ବଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ୨୦୨୭ ଚତୁର୍ଥ ତ୍ରୈମାସିକ ସୁଦ୍ଧା ସୁନା ୧୦ ଗ୍ରାମ ପିଛା ୩ ଲକ୍ଷ ଏବଂ ରୁପା କିଲୋ ୭ ଲକ୍ଷ ଟଙ୍କା ଅତିକ୍ରମ ଟପିଯିବ। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା




ଏବଂ ଆମେରିକୀୟ ଡଲାର ଦୁର୍ବଳ ହେବା ଯୋଗୁ ସୁନା ଓ ରୁପାକୁ ନିବେଶକମାନେ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରୁଥିବାରୁ ଉଭୟ ଧାତୁ ମୂଲ୍ୟ ବଢ଼ିବାରେ ଲାଗିଛି।

ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ଟପିଛି। ଏମିତିକି ଆଜି ଗୋଟିଏ ଦିନରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୧୦,୬୮୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୭୭,୫୯୦୦ ଟଙ୍କାରେ ପହଞ୍ଚିବାବେଳେ ୨୨ କ୍ୟାରେଟ୍ ୧,୬୨,୯୫୦ ଟଙ୍କା ହୋଇଛି। ସେହିପରି ରୁପା କିଲୋ ପିଛା ପୂର୍ବଦିନର ୩,୯୨,୦୦୦ ଟଙ୍କା ତୁଳନାରେ ଆଜି ୪,୧୭,୦୦୦ ଟଙ୍କାରେ ପହଞ୍ଚିଛି।

# ୟୁଜିସିକୁ 'ସୁପ୍ରିମ' ଅଙ୍କୁଶ
## ବିଜ୍ଞପ୍ତି ଉପରେ ପ୍ରତିବନ୍ଧକ; ସାନି ଡ୍ରାଫ୍ଟ ପ୍ରସ୍ତୁତ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମ ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ। ନୂଆ ନିୟମ ନେଇ ଘୋର ଆପତ୍ତି ଜଣାଇଛନ୍ତି କୋର୍ଟ। କହିଛନ୍ତି ଯେ ଏହାର ଅପବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ହେଲେ ପରିଣାମ ସାଂଘାତିକ ହୋଇପାରେ। ତେଣୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରୋକ୍ ବଳବତ୍ତର ରହିବ। ଏହାବଦଳରେ ୨୦୧୨ ନିୟମ ପୂର୍ବବରି ଲାଗୁ ରହିବ। ନୂଆ ନିୟମର ସାମ୍ବିଧାନିକ ବୈଧତା ଉପରେ ମଧ୍ୟ କୋର୍ଟ ଶୁଣାଣି କରିବେ ବୋଲି ସ୍ପଷ୍ଟ କରିଦେଇଛନ୍ତି।

ୟୁଜିସିର ନୂଆ ନିୟମକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଏହାକୁ ଚାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଅନେକ ପିଟିସନ ଦାଖଲ ହୋଇଥିଲା। ଏହାକୁ ବିଚାର ପାଇଁ ଗ୍ରହଣ କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ନୂଆ ନିୟମ ତଥା ବ୍ୟବସ୍ଥା ଅସ୍ପଷ୍ଟ ରହିଛି ଓ ଏହାର ଅପବ୍ୟବହାର ହେବାର ଯଥେଷ୍ଟ ଆଶାଙ୍କା ରହିଛି। ପ୍ରଥମ ଦୃଷ୍ଟିକୋଣରେ ନିୟମାବଳୀର ଭାଷା ଅସ୍ପଷ୍ଟ ଓ ବିଶେଷଜ୍ଞମାନେ ଏହାକୁ ସମୀକ୍ଷା କରିବା ଆବଶ୍ୟକ। ଏହା ଦ୍ୱାରା ନିୟମର ଅପବ୍ୟବହାର ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ନୂଆ ନିୟମ ସାଧାରଣ ବର୍ଗ ତଥା ଉଚ୍ଚଜାତିରେ ଛାତ୍ରଛାତ୍ରୀଙ୍କ ପ୍ରତି ପକ୍ଷପାତିତା କରୁଥିବା ଏହି ପିଟିସନରେ ଅଭିଯୋଗ କରାଇଥିବା ବେଳେ କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ନୂଆ ନିୟମଗୁଡ଼ିକର ଗମ୍ଭୀର ପରିଣାମକୁ ରୋକିବା ପାଇଁ କୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ। ଆମେ ହସ୍ତକ୍ଷେପ ନକଲେ ଭବିଷ୍ୟତରେ ଏହା ବିପଜ୍ଜନକ ପ୍ରଭାବ ପକାଇପାରେ। ସମାଜକୁ ବିଭାଜିତ କରିବା ସହ ଗମ୍ଭୀର ସମସ୍ୟା ସୃଷ୍ଟି କରିବ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ସମାଜ ଜାତିଭିତ୍ତିକ ବୈଷମ୍ୟକୁ ଦୂର କରିପାରିନାହିଁ।



ନୂଆ ନିୟମ ଉପରେ ରୋକ୍ ଲଗାଇବା ସହିତ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ୟୁଜିସିକୁ ନୋଟିସ ଜାରି କରି ସେମାନଙ୍କର ଜବାବ ମାଗିଛନ୍ତି। ଏଥିସହ ନିୟମଗୁଡ଼ିକର ପୁନଃ ଖସଡ଼ା ପ୍ରସ୍ତୁତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ମାମଲାର ପରବର୍ତ୍ତୀ ▸ପୃଷ୍ଠା-୭

### ଆର୍ଥିକ ସର୍ଭେ ରିପୋର୍ଟରେ ଅଭିବୃଦ୍ଧି ଛବି
# ଏବେ ଗୋଲାପୀ; ଆଗକୁ ଧୂସର

■ ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି): ସାଧାରଣ ବଜେଟ ଆଗତ ହେବାର ତିନି ଦିନ ପୂର୍ବରୁ ସଂସଦରେ ଉପସ୍ଥାପିତ ହୋଇଛି ଆର୍ଥିକ ସର୍ଭେ ରିପୋର୍ଟ। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ଏହି ରିପୋର୍ଟରେ ଦେଶର ବର୍ତ୍ତମାନର ଆର୍ଥିକ ଅଭିବୃଦ୍ଧି ଛବି ଉଜ୍ଜ୍ୱଳ ଗୋଲାପୀ ବୋଲି ଉଲ୍ଲେଖ କରାଯାଇଛି। ତେବେ ଆସନ୍ତା ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହ୍ରାସ ପାଇବ ଓ ଜିଡିପି ହାର ୭.୪%ରୁ ହ୍ରାସ ପାଇ ୬.୮ରୁ ୭.୨% ମଧ୍ୟରେ ପହଞ୍ଚିବ। ଚଳିତ ଆର୍ଥିକବର୍ଷରେ କୃଷି ଏବଂ ଆନୁଷଙ୍ଗିକ ସେବା କ୍ଷେତ୍ର ଆନୁମାନିକ ୩.୧% ହାରରେ ବୃଦ୍ଧି ପାଇବ। ମୌସୁମୀ ଅନୁକୂଳ ରହିବା କାରଣରୁ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧରେ କୃଷି କାର୍ଯ୍ୟକଳାପ ଭଲ



**ଅନିଶ୍ଚିତତା ସତ୍ତ୍ୱେ ୨୦୨୫-୨୬ରେ ୭.୪% ରହିବ ଜିଡିପି ଅଭିବୃଦ୍ଧି**

**୬.୮%ରୁ ୭.୨% ମଧ୍ୟରେ ରହିବ ୨୦୨୬-୨୭ ଦେଶର ଅଭିବୃଦ୍ଧି**

**ଭାରତର ଆଇଟି କ୍ଷେତ୍ର ପାଇଁ ବିପଦ; ବଢ଼ିବ ସୁନା-ରୁପା ମୂଲ୍ୟ**

ରହିଥିଲା। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏଆଇ ମଡେଲ ଆପଣାଇବା ହାର ମନ୍ଥର ରହିଛି। ଅନୁରୂପ ଭାବରେ ଆଗକୁ ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟ ଆହୁରି ମହଙ୍ଗା ହେବ ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି।

ରିପୋର୍ଟ ଅନୁସାରେ, ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଜିଡିପି ଅଭିବୃଦ୍ଧି ହାର ୬.୮ରୁ ୭.୨% ମଧ୍ୟରେ ରହିବାର ଅନୁମାନ କରାଯାଇଛି। ତେବେ ଏହା ଜାରି ଆର୍ଥିକ ବର୍ଷ ନିମନ୍ତେ ଆନୁମାନିକ ୭.୪%ରୁ କମ୍ ରହିଛି। ମୁଦ୍ରାସ୍ଫୀତି ଦୃଷ୍ଟିରୁ ଖୁଚୁରା ମୁଦ୍ରାସ୍ଫୀତି (ସିପିଆଇ)ରେ ଉଲ୍ଲେଖନୀୟ ହ୍ରାସ ଦେଖାଯାଇଛି, ଯାହା ୨୦୨୫-୨୬ରେ ୧.୭%କୁ ପହଞ୍ଚିଛି। ସରକାର ବର୍ତ୍ତମାନ ଆତ୍ମନିର୍ଭରଶୀଳତା ଓ ରଣନୈତିକ ମଜଭୁତି ▸ପୃଷ୍ଠା-୭

### ଓଡ଼ିଶାରେ ଭୋଟ ଅନିୟମିତତା
# ସନ୍ଦେହ ଘନୀଭୂତ

■ ଭୁବନେଶ୍ୱର, ୨୯।୧ (ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ୧୯ ମାସ ବିତିଲାଣି। କମ୍ ଭୋଟ ପାଇଥିବା ସତ୍ତ୍ୱେ ଅଧିକ ଆସନ ଦଖଲ କରି ବିଜେପି କ୍ଷମତାସୀନ ହୋଇଛି, ଅଧିକ ଭୋଟ ପାଇ ବି ବିରୋଧୀ ଆସନରେ ବିଜେଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼ିଛି। କୌତୂହଳର ବିଷୟ ହେଉଛି ଯେ ବିଜେଡିରୁ ୫୧ଜଣ ବିଧାୟକ ବିଜୟୀ ହୋଇଥିଲେ ହେଁ ସମସ୍ତ ସାଂସଦ ପ୍ରାର୍ଥୀ ପରାଜିତ ହୋଇଛନ୍ତି। ସେତେବେଳେ ଏହାକୁ ନେଇ ଅନେକ ବିତର୍କ ହୋଇଥିବାବେଳେ ଏ ସଂକ୍ରାନ୍ତରେ ସାଧାରଣରେ ରହିଥିବା ସଂଶୟ ଓ ବିଜେଡିର ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିଶନ ଅସଫଳ ହୋଇଛନ୍ତି। ଏପରିକି ବିଜେଡି ଏହି ପ୍ରସଙ୍ଗରେ ଅନେକବାର ନିଜର ଆପତ୍ତି ଜଣାଇବା ସତ୍ତ୍ୱେ ନିର୍ବାଚନ କମିଶନ ଏହାକୁ ଖଣ୍ଡନ କରୁନାହାନ୍ତି କିମ୍ବା ଏ ସଂକ୍ରାନ୍ତ ସଠିକ୍ ଉତ୍ତର ଦେଉନାହାନ୍ତି। କେବଳ ବିଜେଡି ନୁହେଁ, ଜାତୀୟସ୍ତରରେ ଅନେକ ନିର୍ବାଚନ ସମୀକ୍ଷକ ମଧ୍ୟ ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠାଇଛନ୍ତି। ଏହି ସମୟରେ ପ୍ରତିଷ୍ଠିତ ଜାତୀୟ ଗଣମାଧ୍ୟମ 'ଦି ହିନ୍ଦୁ' ପକ୍ଷରୁ ପ୍ରକାଶିତ 'ଫ୍ରଣ୍ଟ ଲାଇନ୍' ମାଗାଜିନ୍‌ରେ ପ୍ରକାଶିତ ରିପୋର୍ଟରେ ପ୍ରକାଶିତ ସାଂଘାତିକ ତଥ୍ୟ ଓଡ଼ିଶାରେ ଭୋଟ ଅନିୟମିତତା ସନ୍ଦେହକୁ ଅଧିକ ଘନୀଭୂତ କରିଛି। ଏପରିକି ଏ ସଂକ୍ରାନ୍ତରେ ନିର୍ବାଚନ କମିଶନଙ୍କ ଆଭିମୁଖ୍ୟ ମଧ୍ୟ ଆଶ୍ଚର୍ଯ୍ୟଜନକ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

**ଜାତୀୟ ଗଣମାଧ୍ୟମରେ ସାଂଘାତିକ ତଥ୍ୟ**

**ନିର୍ବାଚନ ଅଧିକାରୀ ଦେଉନାହାନ୍ତି ଭୋଟ ବିସଂଗତିର ଉତ୍ତର**

ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୨୪ରେ ଅନୁଷ୍ଠିତ ନିର୍ବାଚନରେ ଫର୍ମ ୧୭ (ସି) ଓ ଫର୍ମ ୨୦ ମଧ୍ୟରେ ଭୟଙ୍କର ତାରତମ୍ୟ ରହିଛି। ନିୟମ ▸ପୃଷ୍ଠା-୭

### ରାଜ୍ୟ ବିଜେପିକୁ 'ପଞ୍ଚାୟତ' ଚିନ୍ତା
# ନେତା ଆମଦାନୀ ଉପରେ ଗୁରୁତ୍ୱ

■ ଭୁବନେଶ୍ୱର, ୨୯।୧ (ସମିସ): ଆଉ ବର୍ଷକ ପରେ ପଞ୍ଚାୟତ ନିର୍ବାଚନ, ଏହାର ଠିକ୍ ପରେ ପରେ ଅନୁଷ୍ଠିତ ହେବ ୫ ମହାନଗର ଓ ପୌର ନିର୍ବାଚନ। ୨୦୨୪ରେ ଅପ୍ରତ୍ୟାଶିତ ଭାବରେ ରାଜ୍ୟରେ କ୍ଷମତା ଦଖଲ କରିଥିବା ବିଜେପି ପାଇଁ ଏହା ସୃଷ୍ଟି କରିଛି ଶିରପୀଡ଼ା। ଦଳୀୟ ନେତାଙ୍କୁ ଘାରିଛି ସଙ୍ଗଠନ ଚିନ୍ତା। ରାଜ୍ୟରେ ସରକାର ଗଢ଼ିବା ସତ୍ତ୍ୱେ ରାଜ୍ୟର ଅନେକ ଅଞ୍ଚଳରେ ବିଜେପି ନିଜର ଉପସ୍ଥିତି ଜାହିର କରିପାରି ନାହିଁ। ୩୬ ସାଙ୍ଗଠନିକ ଜିଲ୍ଲାରେ ୧୦୫୨ ମଣ୍ଡଳ ମଧ୍ୟରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମଣ୍ଡଳରେ ଦଳର ସ୍ଥିତି କେବଳ ନାମକୁମାତ୍ର। ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ବର୍ଷଟିଏ ବାକିଥିବାବେଳେ ଏହାକୁ ନେଇ ଏବେଠାରୁ ଦଳ ପାଗ ଭିଡ଼ିବା ଆରମ୍ଭ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରଙ୍କ ଅନେକ ବିବାଦୀୟ ନିଷ୍ପତ୍ତି ଏବେ ରାଜ୍ୟବାସୀଙ୍କୁ କ୍ରୋଧିତ କରିଛି। ନେତାମାନଙ୍କ ବେଲଗାମ୍ ମନ୍ତବ୍ୟ ଓ ଟିପ୍ପଣୀ, ଜନ ବିରୋଧୀ ପଦକ୍ଷେପ ଓ ବିକାଶମୂଳକ କାର୍ଯ୍ୟଗୁଡ଼ିକ ବନ୍ଦ କରି କେବଳ ରଙ୍ଗବଦଳା, ନାମବଦଳା ରାଜନୀତି ଲୋକଙ୍କୁ ନିରାଶ କରିଛି। ପଞ୍ଚାୟତ ନିର୍ବାଚନ ଯଦିଓ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହୋଇଥାଏ, ତେବେ ଜିଲ୍ଲା ପରିଷଦ ଓ ପୌର ନିର୍ବାଚନରେ ଦଳୀୟ ଚିହ୍ନ ବ୍ୟବହାର କରାଯାଉଥିବାରୁ ଏହା ଦଳ ପାଇଁ ଚିନ୍ତା ବଢ଼ାଇଛି। ଯାହାକୁ ନେଇ ଗୁରୁବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ବସିଛି ଉଚ୍ଚସ୍ତରୀୟ ବୈଠକ। ବୈଠକରେ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲ୍ଲା ସଭାପତିଙ୍କୁ ଗୁଡ଼ିଏ ଟାସ୍କ ଦେଇଛନ୍ତି ରାଜ୍ୟ ▸ପୃଷ୍ଠା-୭

**ମତଭେଦ ଭୁଲି ଏକାଠି କାମ କରିବାକୁ ରାଜ୍ୟ ସଭାପତିଙ୍କ ପରାମର୍ଶ**

# ନାବାଳକକୁ ନଦୀବାଲିରେ ପୋତି ଭିଡିଓ ସୁଟିଂ
## ଜୀବନ ଯାଉଯାଉ ବଞ୍ଚିଗଲା; ୬ ଗିରଫ



■ ଗୁଣୁପୁର, ୨୯।୧ (ସମିସ): ନଦୀପଠାରୁ ବାଲି ଉଠାଇବାକୁ ରାଜି ନ ହେବାରୁ ନାବାଳକକୁ ବାଲିରେ ପୋତି ଭିଡିଓ ସୁଟିଂ। ନାବାଳକଜଣଙ୍କ ପ୍ରଶ୍ୱାସ ନେବା ପାଇଁ ଛଟପଟ ହେଉଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଉପହାସ କରିଥିଲେ। ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଘଣାନ୍ତ୍ରୀ ପଞ୍ଚାୟତର ମେରିଙ୍ଗ ଗ୍ରାମର ଏପରି ଏକ ଛାତିଥରା ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ପୁଲିସ ୩ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରିଛି। ନାବାଳକମାନଙ୍କୁ ପୁଲିସ ▸ପୃଷ୍ଠା-୭

# ବିଜେପି ନେତାଙ୍କ କବଳରୁ ଅପହୃତା ମହିଳା ଉଦ୍ଧାର !

■ ନୟାଗଡ଼, ୨୯।୧ (ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିବା ଏବଂ ଦୁଷ୍କର୍ମ କରିବା ଅଭିଯୋଗ ଆଧାରରେ ବୁଧବାର ପୁଲିସ ବିଜେପି ନେତା ରାଘବ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରିଥିଲା। ପୁଲିସ ଘଟଣାର ପ୍ରାଥମିକ ଅନୁସନ୍ଧାନ କରି ଗୁରୁବାର ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ବିଜେପି ନେତା ତଥା ଗତ ସାଧାରଣ ନିର୍ବାଚନରେ ଦଶପଲ୍ଲା ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇଥିବା ରାଘବ ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ହୋମଗାର୍ଡ ଚାକିରି କରାଇଦେବାକୁ କହି ବାରମ୍ବାର ମହିଳାଙ୍କ ସହ ଫୋନରେ କଥା ହେଉଥିଲା। ଗତ ▸ପୃଷ୍ଠା-୭




## ତୁର୍କା ଗାଁ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ମାସକରେ ଉଠିଗଲାଣି ପିଚୁ

**ଲାଞ୍ଜିଗଡ଼, ୨୯ ।୧(ସମିସ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁକୁ ସଂଯୋଗ କରୁଥିବା ଆରଡ଼ି ରାସ୍ତାର କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି । ଏକ ମାସ ମଧ୍ୟରେ ରାସ୍ତାରୁ ଚିପ୍‌ସ ଉଠିଯାଉଥିବା ସମୟରେ ସ୍ଥାନେ ସ୍ଥାନେ ଗାତ ସୃଷ୍ଟି ହୋଇଛି । ବର୍ତ୍ତମାନ ତାହା ଅତ୍ୟନ୍ତ ଶୋଚାନୀୟ ହୋଇପଡ଼ିଥିବା ବେଳେ ରାସ୍ତାର ସ୍ଥାୟିତ୍ୱକୁ ନେଇ ତୁର୍କା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଲାଞ୍ଜି ପଞ୍ଚାୟତ ଯୁବା ଗାଁ ଛକଠାରୁ ତୁର୍ଗା ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି ୪.୫୦ କିମି ରାସ୍ତା ପାଇଁ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ମୋଟ ଅଟକଳ ମୂଲ୍ୟ ୪୧୩.୭୦ ଲକ୍ଷ ରହିଥିଲା । ଠିକାଦାର ଶିବ ରଞ୍ଜନ ସାହୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ କରିଥିବା ଚୁକ୍ତି ଅନୁଯାୟୀ କାର୍ଯ୍ୟ ଆରମ୍ଭ ୧୨.୦୩.୨୦୨୪ ତଥା କାର୍ଯ୍ୟ ଶେଷ ତାରିଖ ୧୧.୧୨.୨୦୨୪ ରହିଥିଲା । କିନ୍ତୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଠିକାଦାର ଉଚିତ ସମୟରେ ନକରି ବିଳମ୍ବରେ ଆରମ୍ଭ କରି ୨୦୨୫ ଡିସେମ୍ବରରେ ଶେଷ କରିଥିଲେ । ରାସ୍ତା କାମରେ କମ୍ ପରିମାଣରେ

### ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ

ଚିପ୍‌ସ ଓ ପିଚୁ ବ୍ୟବହାର ହୋଇଥିଲା । ଏହାକୁ ନେଇ ସେହି ସମୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ । କିନ୍ତୁ ରାସ୍ତା ନିର୍ମାଣ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ବେଳେ ଠିକାଦାର ଶୁଣି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦ୍ୱାରା କାମ ସମ୍ପୂର୍ଣ୍ଣ ହେବାର ଏକ ମାସ ମଧ୍ୟରେ ବର୍ତ୍ତମାନ ରାସ୍ତାରୁ ଚିପ୍‌ସ ଉଠିଯାଇଛି । ନିର୍ମାଣର ୫ ବର୍ଷ ପର୍ଯ୍ୟନ୍ତ



ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୨୦.୬୮ ଲକ୍ଷ ରହିଥିବା ବେଳେ ଶେଷ ତାରିଖ ୧୧.୧୨.୨୦୨୯ ପର୍ଯ୍ୟନ୍ତ ରହିଛି । ରାସ୍ତାରେ ଲାଗିଥିବା ସୂଚନା ଫଳକ ଅନୁସାରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ଡିସେମ୍ବର ୨୦୨୫ ରହିଛି । କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ୧ ମାସ ହୋଇଛି । ରାସ୍ତାଟି ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଅଭିଯୋଗ କରାଯାଉଥିଲେ କେହି ଶୁଣୁନଥିବା ଗ୍ରାମବାସୀ ପ୍ରକାଶ କରୁଛନ୍ତି । ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ପଚାରିବାରୁ କେତେ ସ୍ଥାନରେ ପିଚୁ ଉଠିଛି ବୋଲି କହିବା ସହ ମୁଁ ଠିକାଦାରଙ୍କୁ କହୁଛି ବୋଲି ପ୍ରକାଶ କରିଛନ୍ତି । ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

# ବଡ଼ଗୁଣ୍ଡରୀରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଭବାନୀପାଟଣା, ୨୯ ।୧ (ସମିସ):** ନର୍ଲା ବ୍ଲକ ବଡ଼ଗୁଣ୍ଡରୀଗାଁର ଏସସିପଡ଼ା ଠାରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଯାଇଛି । ବଡ଼ଗୁଣ୍ଡରୀ ଏସସିପଡ଼ାବାସୀ ଏବଂ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନ (ଏଓଏସସିଏଫ) ଉପଦେଷ୍ଟା ଧରମ କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଓଏସସିଏଫର ରାଜ୍ୟ ସଭାପତି ଧନଞ୍ଜୟ ଦୀପ, ମୁଖ୍ୟବକ୍ତା ଭାବେ ବିକେଏମ କଳାହାଣ୍ଡି ସଂଯୋଜକ ଲବ କରୁଆଁ, ସମ୍ମାନିତ ଅତିଥି ଭାବେ ଏଓଏସସିଏଫ କଳାହାଣ୍ଡି ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ବିଶିଷ୍ଟ ନାରୀନେତ୍ରୀ କମଳିନୀ ଯାଦବ, ନର୍ଲା ବ୍ଲକ ଏଓଏସସିଏଫ ସଭାପତି ରଘୁନାଥ ଦୀପ, ଏଓଏସସିଏଫ ମହାସଚିବ ଶତ୍ରୁଘନ ନାଏକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ଏଓଏସସିଏଫ ମହିଳା ସଭାନେତ୍ରୀ ସୁଭଦ୍ରା ସେକ ଆଜାଦ, ଗାଡେବନ୍ଧ ଏଓଏସସିଏଫ ସଭାପତି ବନମାଳୀ ତାଣ୍ଡି, ପୂର୍ବତନ ସରପଞ୍ଚ ସୁକାନ୍ତି ସୁନା, କଳମପୁର ସଭାପତି ବଳରାମ ଦୁର୍ଗା, ମ.ରାମପୁର ସଭାପତି ଦୟା ଦାନ୍ ନାଗ, ନର୍ଲା ଉପସଭାପତି ଶୈଳ କୁମାର, କେସିଙ୍ଗା ଏନଏସି ସଭାପତି ବିଷ୍ଣୁ ମଙ୍ଗରାଜ, ସରିଆଁ ସରପଞ୍ଚ ଓମପ୍ରକାଶ



ଛତ୍ରିଆ, ନର୍ଲା ବ୍ଲକ ଯୁବ ସଂଯୋଜକ ଦିଲ୍ ଦେଓ ଘରଡା, ଭକ୍ତ ଗୌର ସୁନା, ଭୂମିଦାତା ବିମଳା ସୁନା, ଶିକ୍ଷାବିତ ଲୋକନାଥ କରୁଆଁ, ଜିଲ୍ଲା ସାମାଜିକ ଉପମୁଖ୍ୟ ଗିରିଜା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏଓଏସସିଏଫ ନର୍ଲା ବ୍ଲକ ଉପସଭାପତି ନରୋତ୍ତମ କରୁଆଁ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀକର ସୁନା, ଅର୍ଜୁନ ସୁନା, ଲବଣୀ ସୁନା, ରାହୁଲ ସୁନା ଓ ଏସସି ପଡ଼ାବାସୀ ସହଯୋଗ କରିଥିଲେ ।

## ■ ଅସଲି ବୋତଲରେ ନକଲି ବିଦେଶୀ ମଦ

# ୧୦ଲିଟର ମଦ ଜବତ, ୬ ଗିରଫ

**କେସିଙ୍ଗା, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ପ୍ରତିଦିନ ନୂଆ ନୂଆ କଥା ହେବାରେ ଲାଗିଛି ।ଦୁଇ ଦିନ ତଳେ ୪ ଜଣ ନକଲି ପୁଲିସକୁ ଗିରଫ କାରିଥିଲା କେସିଙ୍ଗାର ଅସଲି ପୁଲିସ ।ପୁଣି ଗୁରୁବାର ଦିନ କୌଣସି ସୂତ୍ରରୁ ଖବର ପାଇ ଭବାନୀପାଟଣା ଅବକାରୀ ବିଭାଗ ଓ କେସିଙ୍ଗା ଅବକାରୀ ବିଭାଗଙ୍କ ମିଳିତ ଉଦ୍ୟମରେ କେସିଙ୍ଗାର କିଛି ସ୍ଥାନରେ ରେଡ କରି ପ୍ରାୟ ୧୦ ଲିଟର ନକଲି ବିଦେଶୀ ମଦ ସହିତ ପ୍ରାୟ ୧୨ ଶହ ନକଲି ବିଦେଶୀ ମଦ ଷ୍ଟିକର ୧୨ ଶହ ଖଣ୍ଡେ ମଦ ବୋତଲର କ୍ୟାପ ଓ ପ୍ରାୟ ୨ ଶହ ଖାଲି ବିଦେଶୀ ମଦ ବୋତଲ ଜବତ ହୋଇଥିବା ଜଣାପଡ଼ିଛି । ଉକ୍ତ ନକଲି ବିଦେଶୀ ମଦ କେସିଙ୍ଗା ବଲାଙ୍ଗିର ଛକରେ ଥିବା ବିଦେଶୀ ମଦ ଦୋକାନ ଓ କଲେଜ ରୋଡରେ ଥିବା ମଦଦୋକାନରେ ବିକ୍ରି ହେଉଥିଲା କାରଣ ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତ ଉକ୍ତ ଦୁଇ ବିଦେଶୀ ମଦ ଦୋକାନର ଷ୍ଟାଫ ବୋଲି ଜଣାପଡ଼ିଛି । ଉକ୍ତ ବିଷୟ ଉପରେ ଅଧିକ ତଥ୍ୟ ଅବକାରୀ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଥିବା ବେଳେ କେବଳ ୬ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

# ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ପକ୍ଷରୁ ସଡ଼କ ସୁରକ୍ଷା ପାଳନ

**ଲାଞ୍ଜିଗଡ଼, ୨୯ ।୧(ସମିସ):** ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ତରଫରୁ ଜାତୀୟ ସଡ଼କ ସୁରକ୍ଷା ପାଳନ ଅବସରରେ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପଦକ୍ଷେପ ଦ୍ୱାରା ଗାଡ଼ି ସୁରକ୍ଷିତ ଚଲାଇବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଜୀବନ ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଅଟେ । କାର୍ଯ୍ୟକ୍ରମର ଅଂଶ ଭାବରେ, ବ୍ୟକ୍ତିଗତ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଯାତାୟାତକୁ ଉତ୍ସାହିତ କରିବା ପାଇଁ ବିନା ହେଲମେଟରେ ଦୁଇଚକିଆ ଯାନ ଚଳାଉଥିବା ଅଭାବୀ ଚାଳକଙ୍କୁ ସଡକ ସୁରକ୍ଷା ବିଷୟରେ ଅବଗତ କରାଇ କ୍ରାସ୍ ହେଲମେଟ୍ ମଧ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବେଦାନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର ସିଂ, ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ ଉପମୁଖ୍ୟ ସୌରଭ ସିଂ କନୱର, ସଡ଼କ ସୁରକ୍ଷା ମୁଖ୍ୟ ରଶ୍ମି ରଞ୍ଜନ ବେହେରା, ସୁରକ୍ଷା ମୁଖ୍ୟ ବିବେକ କୁମାର, ଉପମୁଖ୍ୟ ସୁରକ୍ଷା ଅଧିକାରୀ ସପମ ରିୟା, ବେଦାନ୍ତ ଅଗ୍ନିଶମ ବିଭାଗ ଭବାନୀ ଶଙ୍କର ନନ୍ଦ, ଲାଞ୍ଜିଗଡ଼ ଥାନା ଏସଆଇ ଡୋଲଓମଣୀ ବିଶି, ଏଏସଆଇ ବଳଭଦ୍ର ଗୌଡ଼ ସମେତ ଆଇଆର ବି ସୁରକ୍ଷା ବଳ ପ୍ରମୁଖ ସହଯୋଗ କରିଥିଲେ ।




# ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କ ଧାନ ମଣ୍ଡି ପରିଦର୍ଶନ



**ନୂଆପଡ଼ା, ୨୯ ।୧(ସମିସ):** ନୂଆପଡ଼ା ଜିଲ୍ଲା ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଡା.ଚିତ୍ରସେନ ରାଉତ ଆସି ଜିଲ୍ଲାର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଥିଲେ । ତାଙ୍କ ସହିତ ଜଏଣ୍ଟ ରେଜିଷ୍ଟ୍ରର, କୋଅପରେସନ ବିଭାଗ ଲକ୍ଷ୍ମୀଧର ସୁବୁଦ୍ଧି ମଧ୍ୟ ହାତୀବନ୍ଧା, ନିଳଜୀ ଓ ବୋଡ଼େନ ମଣ୍ଡି ଇତ୍ୟାଦି ପରିଦର୍ଶନ କରିଥିଲେ । ଉଭୟ ଅଧିକାରୀ ନୂଆପଡ଼ାରେ ଧାନବିକ୍ରିର ସ୍ଥିତି, ଦଲାଲମୁକ୍ତ କ୍ରୟ ପ୍ରଣାଳୀ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ । ଚାଷୀ ମାନେ ଠିକ୍ ଭାବରେ ସେମାନଙ୍କ ଧାନର ଉଚିତ ମୂଲ୍ୟ ପାଉଛନ୍ତି ନା ନାହିଁ ପଚାରି ବୁଝିଥିଲେ । ସୂଚନାଯୋଗ୍ୟଯେ ନୂଆପଡ଼ା ଜିଲ୍ଲାରେ ୭୭ଟି ମଣ୍ଡି ଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ୨୮ ତାରିଖରେ ୩୮୬ ଜଣ ଚାଷୀଙ୍କ ଠାରୁ ୨୮୦୬୪କୁଇଣ୍ଟାଲ ଧାନ କ୍ରୟ ହୋଇଛି । ବର୍ତ୍ତମାନ ସୁଦ୍ଧା ୪୬୩୬୭ ଜଣ ଚାଷୀଙ୍କ ଠାରୁ ମୋଟ ୨୨, ୭୨, ୬୩୨କୁଇଣ୍ଟାଲ ଧାନ ସଂଗ୍ରହ ହୋଇଅଛି । ଗସ୍ତ ସମୟରେ ଡି ଆରସିଏସ, ଜିଲ୍ଲା ସମବାୟ ସମିତି ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଁଇଲିରେ ହିନ୍ଦୁ ସମ୍ମିଳନୀ ତଥା ଗାୟତ୍ରୀ ଯଜ୍ଞ

**କୋକସରା, ୨୯ ।୧(ସମିସ):** ହିନ୍ଦୁ ସମାଜର ନୂତନ ଶକ୍ତି, ଚେତନା ଓ ସ୍ୱାଭିମାନ ଜାଗ୍ରତ କରିବା ପାଇଁ ସମଗ୍ର ହିନ୍ଦୁ ସଂଗଠନ ସନାତନ ଧର୍ମ, ସଂସ୍କୃତି, ସାମାଜିକ ଏକତା ଲାଗି ଗୁରୁବାର କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତର ଆଁଇଲିଠାରେ ହିନ୍ଦୁ ସମ୍ମିଳନୀ ତଥା ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଛି । ସୁବାଷ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା ଅନୁଷ୍ଠିତ ସମ୍ମିଳନୀରେ ବଜେନ୍ଦ୍ର ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟବକ୍ତା, ସହଦେବ ନେଗି, ସିତାକାନ୍ତ ବାଗ, ଦେବୀ ପ୍ରସାଦ ସାହୁ, ଅଖିଳ ଚନ୍ଦ୍ର ସାହୁ, ଅକୃର ବାଗ, ସୁନୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ଏହି କ୍ରମରେ ସତ୍ୟସାଇ ଅନୁଷ୍ଠାନର କଳାହାଣ୍ଡି ଆଦିବାସୀ ସଂଯୋଜକ ପ୍ରେମଲାଲ ସାହୁଙ୍କୁ ସମାଜସେବୀ ଭାବେ ସମ୍ମାନିତ କରାଯାଇଥିଲା । ସେହିପରି ଅବସରପ୍ରାପ୍ତ ଶିକ୍ଷକ ତରୁମଣି ସାହୁ, ଗୋବର୍ଦ୍ଧନ ବାଗ, ପିତାମ୍ବର ରାଉତ, ଅର୍ଜୁନ ସାହୁ, ଭଗବାନ ମାଝୀ, ଟିକେମଣି ମାଝୀ ପ୍ରମୁଖଙ୍କ ସମ୍ମାନିତ କରାଯାଇଥିଲା ।ଗ୍ରାମର ସୁବ୍ରତ କୁମାର ସାହୁ, ଅଲେଖ ଚନ୍ଦ୍ର ସାହୁ, ରଶିକ ଲାଲ ମାଝୀ, କୁଞ୍ଜ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଲକ୍ଷ୍ମୀକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଶଗଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୯ ।୧ (ସମିସ):** ଭବାନୀପାଟଣା ସଦର ବ୍ଲକ ଶଗଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ପାଇଁ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ସମାଜର ଭୂମିକା ନିତାନ୍ତ ଜରୁରୀ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର, ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଟଙ୍କଧର ସାହୁ ଓ ଜିତେନ୍ଦ୍ର ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିବା ସହ ଶିକ୍ଷକ ଯୁଧିଷ୍ଠିର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ପଣ୍ଡା ଓ ବନିତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ବାର୍ଷିକ ମୁଖପତ୍ର ଫୁରଲିଝରେନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଆକାଂକ୍ଷୀ ପାଠ୍ୟକ୍ରମ ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, ଜିଜ୍ଞାସା, କୌଶଳୀ ପ୍ରଦର୍ଶନ ବୁଲି ଦେଖିଥିଲେ । ବିଦ୍ୟାଳୟର ଚାରୋଟି ବିଭାଗରେ ଛାତ୍ରଛାତ୍ରୀଙ୍କୁ ପରିଷ୍କାର ପରିଚ୍ଛନ୍ନତା, ସର୍ବୋତ୍ତମ ଉପସ୍ଥାନ, ଗତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ସର୍ବୋଚ୍ଚ ମାର୍କ, ଉତ୍ତମ ଛାତ୍ର ଏବଂ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ଲୋକଗୀତ ଗାୟକ ତଥା ଆଦର୍ଶ ଶିକ୍ଷକ ସର୍ବେଶ୍ୱର ଭୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପୂର୍ବକ ୩ ଏମ୍. ତଥା ମ୍ୟୁଜିକ୍, ମ୍ୟାଥମେଟିକ, ମେଡିଟେସନ ସମ୍ପର୍କରେ ଆଲୋଚନା କରିବା ସହ ଲୋକପ୍ରିୟତା ଲାଭ କରିଥିବା କିଛି ଲୋକ ଗୀତ ପରିବେଷଣ କରିଥିଲେ ।

# ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଗୋଲାମୁଣ୍ଡା, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେଗାଁ ଥାନା ବରାମୁଣ୍ଡ ଗ୍ରାମ ନିକଟସ୍ଥ ରାସ୍ତାକଡରେ ଥିବା ଶିଶୁ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି କେଗାଁ ପୁଲିସ । ମୃତକ ଜଣକ ଜୁନାଗଡ଼ ଥାନା ଦାବଝରଣ ଗ୍ରାମର ସନ୍ତୟ ଶବରଙ୍କ ପୁଅ ଈଶ୍ୱର ଶବର ବୋଲି ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଈଶ୍ୱର ଶବର ତାଙ୍କର ମାଉସୀ ଘର ବରାମୁଣ୍ଡ ଗ୍ରାମକୁ ଆସିଥିଲେ । ତାଙ୍କର ମାନସିକ ଦୁର୍ବଳତା ଯୋଗୁଁ ଏପରି ଘଟଣା ଘଟିଛି ବୋଲି ଚର୍ଚ୍ଚା ହେଉଛି । ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ । ମୃତକର ମାଁ କୁନ୍ତଳା ଶବର କେଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି କେଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ । ପୁଲିସ କେଶ ନଂ ୧/୨୦୨୬ ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା କେଗାଁ ଆଇଆଇସି ସଙ୍ଗୀତା ବେକ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତର ସମ୍ମିଳନୀ

**ଭବାନୀପାଟଣା, ୨୯ ।୧(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଜଣ ଆରୋଗ୍ୟ ସମିତି ସମ୍ମିଳନୀ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ତନ୍ମୟ ଦୁବେ ପ୍ରମୁଖ ଯୋଗଦେଇ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜନ ର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ସହିତ ଗାଁ ର ଉନ୍ନତି, ଓ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଓ ଆଶା ଦିଦିମାନଙ୍କର ପ୍ରମୂଖ ଭୂମିକା ସମ୍ପର୍କରେ ଆଲୋକପାତ




କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ହରେକୃଷ୍ଣ ଶତପଥି, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ରାକେଶ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଦେବୀ ପ୍ରସାଦ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦିଲୀପ କୁମାର କରିଥିଲେ । ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅନ୍ତର୍ଗତ ପ୍ରମୁଖ ଲକ୍ଷ ଏବଂ ଉଦ୍ଦେଶ୍ୟ ତଥା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା ।।ଜିଲ୍ଲାରୁ ମାତୃମୃତ୍ୟୁ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହିତ ବିଭିନ୍ନ ଜନସ୍ୱାସ୍ଥ୍ୟ ସେବା ଯଥା ମହିଳା ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ, ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗ ସହିତ ଆଞ୍ଚଳିକସ୍ତରରେ ପରିଦୃଷ୍ଟ ରୋଗ ସମୂହର ପ୍ରତିରୋଧ ଓ ନିୟନ୍ତ୍ରଣ, ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ସାର୍ବଜନୀନ କରିବା ସହିତ ଜନସଂଖ୍ୟା ସ୍ଥିରୀକରଣ, ଲିଙ୍ଗଗତ ସମାନତା ଏବଂ ଜନସଂଖ୍ୟା ଭିତ୍ତିକ ଭାରସାମ୍ୟ ରକ୍ଷା କରିବା ସହିତ ସୁସ୍ଥ ଜୀବନ ଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଗ୍ରାମାଞ୍ଚଳ ତଥା ଜନସାଧାରଣଙ୍କର ସୁବିଧା ପାଇଁ ଅଧିସ୍ୱିକୃତ ସାମାଜିକ ସ୍ୱାସ୍ଥ୍ୟ ସହାୟିକା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ଜନନୀ ସ୍ୱାସ୍ଥ୍ୟ ଯୋଜନା ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ପ୍ରକାର ମହାମାରୀ କିମ୍ବା ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପରିସ୍ଥିତିକୁ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ସମ୍ମିଳନୀରେ ଶ୍ରେଷ୍ଠ ବିବେଚିତ ଆଶାମାନଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା ।ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ଜଣ ଆରୋଗ୍ୟ ସମିତି ପୁରସ୍କାର ୧୩ ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରଙ୍କୁ ପ୍ରଦାନ କରାଯାଇଥିଲା, ୧୩ ଟି ଗାଁ କଲ୍ୟାଣ ସମିତି ଙ୍କୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରିବା ସହିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରସ୍ତରରୁ ୨୮ ଟି ମହିଳା ଆରୋଗ୍ୟ ସମିତିଙ୍କୁ ପୁରସ୍କୃତ କରିବା ସହିତ ସାର୍ଟିଫିକେଟ ଏବଂ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା, ଆଶା, ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗଦେଇ ଥିଲେ ।

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି




## ବେହେରା କଲେଜର ବାର୍ଷିକ ଉତ୍ସବ

**ଧର୍ମଗଡ଼, ୨୯ ।୧ (ସମିସ):** ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଠିନ ପରିଶ୍ରମ ହିଁ ସମସ୍ତ ସଫଳତାର ମୁଳଚାବି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ । ଅଧ୍ୟକ୍ଷ ଶ୍ରୀ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱର ଆୟୋଜିତ ସଭାରେ ମୁଖ୍ୟ ଅତିଥ ଠଭାବେ ଧର୍ମଗଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ମୁଖ୍ୟବକ୍ତା ଭାବେ କୋକସରା ଡିଗ୍ରୀ କଲେଜର ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସୁନିଲ କୁମାର ଆଗ୍ରୱାଲ ମଞ୍ଚାସୀନ ଥିଲେ । ଅଧ୍ୟାପକ ମୋହନ ଚରଣ ବିଷି ସ୍ୱାଗତ ଅଭିଭାଷଣ, ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ ଓ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ନିକୁଞ୍ଜ ବିହାରୀ ସାହୁ, ଫକିର ନାରାୟଣ ଚଣ୍ଡି, ସାନୁର୍ଯ୍ୟ ଗୋପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୂର୍ବରୁ ଅନୁଷ୍ଠିତ କ୍ରିଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

## ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

# ଜଳକଷ୍ଟ ଭୋଗୁଛନ୍ତି ପଡ଼ାବାସୀ

**ସିନାପାଲି, ୨୯ ।୧(ସମିସ)**

ଆଗକୁ ଗ୍ରୀଷ୍ମ ଋତୁ । ହେଲେ ଏବେଠୁ ଦେଖାଦେଇଛି ଜଳକଷ୍ଟ । ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ନଳକୂଅ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ମରାମତି ହେଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ଗାଁର ବାଗପଡ଼ା ଅଞ୍ଚଳର ନଳକୂଅ ମାସ ମାସ ଧରି ଅଚଳ ହୋଇପଡ଼ିଛି । ଗାଁର ତିନୋଟି ପଡ଼ାର ଲୋକେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଗ୍ରାମବାସୀ ଅନେକ ଥର ସରପଞ୍ଚ ବିରଞ୍ଚି ଜଗତଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । କିନ୍ତୁ ଦୁଃଖର ବିଷୟ ଦୀର୍ଘ ଦିନ ହେଲା ମରାମତି ହୋଇନାହିଁ । ଫଳସ୍ୱରୂପ ଗ୍ରାମର ମହିଳା ଦୁଇ କିଲୋମିଟର ଦୂରକୁ ପାଣି ଆଣିବାକୁ ଯିବା ପାଇଁ ବାଧ ହେଉଥିବା



ଲୋକେ ଅଭିଯୋଗ କରିଛନ୍ତି । ଏହା ଲୋକ ପ୍ରତିନିଧିଙ୍କ ଦାୟିତ୍ୱଶୀଳତା ଉପରେ ପ୍ରଶ୍ନ ଉଠୁଛି । ସରପଞ୍ଚମାନେ କେବଳ କୁର୍ସି ଓ ପଦବୀ ନୁହେଁ, ଏହା ହେଉଛି ସେବାର ପ୍ରତୀକ । କିନ୍ତୁ ଏଠାରେ ଖମାଖୁଆଲି ନୀତି ଓ ଅବହେଳା ଗାଁବାସୀଙ୍କୁ ଜଳକଷ୍ଟରେ ଠେଲିଦେଇଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଏକ ସାଧାରଣ ନଳକୂଅ

### ନଳକୂଅ ଅଛି ହେଲେ ମରାମତି ହେଉନି

ମରାମତି ପାଇଁ ମାସ ମାସ ଧରି ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ ତେବେ ଗ୍ରାମଉନ୍ନତିର ବିକାଶ କିଭଳି ହେଉଥିବ ତାହା ଅନୁମାନ କଲେ ବେଶ୍ ବୁଝାପଡୁଛି । ଜଣେ ନିର୍ବାଚିତ ଜନପ୍ରତିନିଧି ନିଃସ୍ୱାର୍ଥ ମନୋଭାବ ରଖି ଅଞ୍ଚଳର ସମସ୍ୟାକୁ ତୁରନ୍ତ ପଦକ୍ଷେପ ନେଇ ସମାଧାନ, ଦାୟିତ୍ୱ ନିର୍ଦ୍ଧାରଣ ଓ ଜନସାଧାରଣଙ୍କ ପ୍ରତି ସତ୍ୟ ସେବାଭାବ ନ ରଖି କାର୍ଯ୍ୟ ନ କଲେ ଆଗାମୀ ଦିନରେ ଜଳକଷ୍ଟ ଭୟଙ୍କର ହେବ ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ନଳକୂଅ ମରାମତି କରି ଜଳର ସୁବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ସରପଞ୍ଚ ବିରଞ୍ଚି ଜଗତଙ୍କୁ ପଚାରିବାରୁ ଜଳଯୋଗାଣ ଓ ପରିମଳ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସାରିଛି । ହେଲେ କିଛି ନଳକୂଅ ଯନ୍ତ୍ରାଂଶ ଯୋଗାଣ ହୋଇ ପାରୁ ନ ଥିବାରୁ ଏଭଳି ଅବ୍ୟବସ୍ଥା ହେଉଛି । ଯଥାଶୀଘ୍ର ମରାମତି କରି ଜଳ ଯୋଗାଣର ସୁବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ

**ସିନାପାଲି, ୨୯ ।୧(ସମିସ):** ପ୍ରକୃତିର କୋଳେ ମନୋରଞ୍ଜନ, କିନ୍ତୁ ପ୍ଲାଷ୍ଟିକରୁ ଦୂରେ, ଏହି ଶକ୍ତିଶାଳୀ ସନ୍ଦେଶ ସହ ଗୋର୍ଲା ପଞ୍ଚାୟତ ଡୁମେରବାହାଲ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି । ସବୁଜ ଜଙ୍ଗଲ, ଶୁଭ୍ର ପରିବେଶ ଓ ସଚେତନ ମନର ମିଶ୍ରଣ କାର୍ଯ୍ୟକ୍ରମକୁ ଏକ ସ୍ମରଣୀୟ ଆନ୍ଦୋଳନର ରୂପ ଦେଇଥିଲା । ସିନାପାଲି ବନାଞ୍ଚଳ ଓ ଖଡ଼ିଆଳ ବନଖଣ୍ଡର ସୌଜନ୍ୟରେ, ସିନାପାଲି ରେଞ୍ଜ ଅଫିସର କାମେଶ୍ୱର ତାଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୋର୍ଲା ସରପଞ୍ଚ ଦମୟନ୍ତୀ ଦଣ୍ଡସେନା, ଘାଟମାଲ ଫରେଷ୍ଟର ରାମା ରଞ୍ଜନ ରାଉତ, ଲିଆଡ଼ ଫୋରେଷ୍ଟର ମେଘନାଥ ମାଝୀ, ସିନାପାଲି ଫରେଷ୍ଟର ଚୁଡ଼ାନାଥ ସରାଫ, ନଙ୍ଗଲବୋଡ଼ ଫରେଷ୍ଟର କନ୍ଦର୍ପ ସୁନାନୀ ସହ ସିନାପାଲି ରେଞ୍ଜର ଅନ୍ୟାନ୍ୟ ବନ କର୍ମଚାରୀ ଓ ଡୁମେରବାହାଲର ସଚେତନ ଗ୍ରାମବାସୀ ଯୋଗଦାନ କରିଥିଲେ ।କାର୍ଯ୍ୟକ୍ରମ ସମୟରେ ବକ୍ତାମାନେ କହିଥିଲେ ଯେ ପ୍ଲାଷ୍ଟିକ କେବଳ ପରିବେଶକୁ ନୁହେଁ, ଆମ ଭବିଷ୍ୟତକୁ ମଧ୍ୟ ଆକ୍ରାନ୍ତ କରୁଛି । ଜଙ୍ଗଲ ଓ ବନ୍ୟପ୍ରାଣୀ ପାଇଁ ପ୍ଲାଷ୍ଟିକ ଏକ ନିରବ ଶତ୍ରୁ ବୋଲି ସେମାନେ ଉଲ୍ଲେଖ କରି, ବଣଭୋଜି ସମୟରେ ପ୍ଲାଷ୍ଟିକ ଥାଳି, ଗ୍ଲାସ ଓ ପଲିଥିନ ବ୍ୟବହାର ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ । ସ୍ଲୋଗାନକୁ କେବଳ ନାରା ନୁହେଁ, ଜୀବନ ଶୈଳୀ କରିବା ପାଇଁ ସମସ୍ତଙ୍କୁ ପ୍ରତିଜ୍ଞା କରାଯାଇଥିଲା ।

## ଶିଶୁ ପତ୍ରିକା ମଠଖାଇ ଉନ୍ମୋଚିତ



ବଲାଙ୍ଗିର,୨୯ ।୧(ସମିସ): ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପତ୍ରିକା ମଠଖାଇ ଉନ୍ମୋଚିତ ହୋଇଛି । ଏହି ସମାରୋହରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଡ.ପ୍ରେମ.ନ୍ଦ ମହାନ୍ତି ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜୀବୀ ଜୟରାମ ମିଶ୍ର ଓ ବିଦ୍ୟାଳୟର ପରି.ଳନା ସମିତିର ସଭାପତି ଗୀତାଞ୍ଜଳି କୁଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଠିକ୍ ଭାବେ ଶିଶୁଙ୍କ ସୃଜନଶୀଳତାର ବିକାଶ ହୋଇ ପାରିଲେ ଉପଯୁକ୍ତ ଶିଶୁ ସଂହିତା ସୃଷ୍ଟି କରିହେବ ବୋଲି ମତ ପ୍ରକାଶ ପାଇଥିଲା । ପ୍ରଧାନ ଶିକ୍ଷକ କେଦାରନାଥ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ମଠଖାଇ ସଂପାଦକ ମଦନ ମୋହନ ରଥ ମଠଖାଇ ପ୍ରକାଶନର ଉଦ୍ଦେଶ୍ୟ ଜ୍ଞାପନ କରି ସହଯୋଗ କାମନା କରିଥିଲେ । ସଭା ଆରମ୍ଭରେ କୃଷ୍ଣଚନ୍ଦ୍ର ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅନୀଲ ସାହୁ ସଭା ପରି.ଳନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅକ୍ଷରର ସଂପାଦକ ହୃଷୀକେଶ ପୁରୋହିତ ଅଧ୍ୟକ୍ଷତା କରିଥିବାବେଳେ ଖୁସି ତାଣ୍ଡି ଓ ଯଶୋବନ୍ତୀ ସୁନା ସଂଯୋଜନା କରିଥିଲେ । ଚୁମକି ପଟେଲ, ପୂଜା ପାତ୍ର, ପ୍ରିୟଙ୍କା ପଲତା, ନମିତା ହାତୀ, ଆଲିଶା ତାଣ୍ଡି, ମନିଷା ବାଗ, ଶିଖା ଛତ୍ରିଆ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଅଜିତ ମିଶ୍ର, ପ୍ରଦୀପ ନାୟକ ଓ ତରୁଣ ପରିଚ୍ଛା ପ୍ରମୁଖ କବିତା ପାଠ କରିଥିଲେ । ନୀଳାଞ୍ଚଳ କୁଅଁର, ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ ସହଯୋଗ କରିଥିଲେ । ଲଲାଟ କେଶରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାୟତ୍ରୀ ମହାଯଜ୍ଞର କଳସ ଶୋଭାଯାତ୍ରା



ସଇଁତଳା,୨୯ ।୧(ସମିସ): ସଇଁତଳା ହାଟପଦାରେ ନଅକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର କଳସ ଶୋଭାଯାତ୍ରା ଋଷିପୁତ୍ର ପ୍ରଶାନ୍ତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଯଜ୍ଞ ସ୍ଥଳରେ ଶତାଧିକ ଗାୟତ୍ରୀ ଭକ୍ତ ଏକାତ୍ରିତ ହୋଇ ମୁଣ୍ଡରେ କଳସ ଧାରଣ କରି ଜଳ ଆଣିବା ପାଇଁ ନୂଆଁ ବନ୍ଧକୁ ଶୋଭାଯାତ୍ରାରେ ବାହାରିଥିଲେ । ଲିଙ୍ଗରାଜ ବୈଠାରୁ ଓ ତାଙ୍କ ପତ୍ନୀ ସୁନିତା ବୈଠାରୁ କର୍ତ୍ତା ଥିଲେ । ସୁଶାନ୍ତ ମାଝି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ସଇଁତଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଭୀମସେନ ସ୍ୱାଇଁ, ଅଖିଳ ସାହୁ, ପ୍ରମୋଦ ବୈଠାରୁ, ପ୍ରଦୀପ ଜାଲ୍, ସୁରେସ ରଣା, ବିନୟ ଭୋଇ, ନାରାୟଣ ଜାଲ୍, ହରିବନ୍ଧୁ ସାହୁ, ଓଁମ୍ ପ୍ରକାଶ ଅଗ୍ରୱାଲ୍, ବିଶ୍ୱଜିତ ମିଶ୍ର, ପ୍ରମୋଦ ଅଗ୍ରୱାଲ, ଟଙ୍କଧର ସାହୁ, ମହିଳା ସଂକୀର୍ତ୍ତନ ଦଳ ରମେଶ ଚଉକ୍ (ସଇଁତଳା) ଓ ସଇଁତଳା ବ୍ଲକର ସମସ୍ତ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ ।

### ବଲାଙ୍ଗିର ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

# ବିଳମ୍ବରେ ଉଦ୍‌ଘାଟନ, ଅବ୍ୟବସ୍ଥା ନେଇ ଅସନ୍ତୋଷ

ବଲାଙ୍ଗିର,୨୯ ।୧(ସମିସ)



ଅବ୍ୟବସ୍ଥା, ଅସନ୍ତୋଷ ଭିତରେ ବଲାଙ୍ଗିର ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ ହୋଇଯାଇଛି । ଉତ୍ତମ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷା ଗୁଣବତ୍ତା ପାଇଁ ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ଜିଲ୍ଲାର ସମସ୍ତ ବ୍ଲକରେ ପିଏମଶ୍ରୀ ସ୍କୁଲ ଆରମ୍ଭ କରାଯାଇଥିଲା । ଏହି ପିଏମଶ୍ରୀ ସ୍କୁଲରେ ପୂର୍ବରୁ ସ୍କୁଲସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଆରମ୍ଭ ହୋଇଛି । ଏଥିରେ ଛାତ୍ରଛାତ୍ରୀଙ୍କ ପାଠପଢା ସହ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଚିତ୍ରକଳା, ଆକାଂକ୍ଷୀ, ଆକାଂକ୍ଷୀ ଶିକ୍ଷା ପରିଷଦ, ଦୋକାନ ଯାତ୍ରା ଭଳି ବିଭାଗରେ ଛାତ୍ରଛାତ୍ରୀଙ୍କ ଜ୍ଞାନ ଆରୋହଣ ପାଇଁ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳନ କରାଯାଉଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ଉତ୍ସବ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଖୋଲାଖୋଲି ଏହାର ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ ।

ବଲାଙ୍ଗିର ପିଆର ପିଏମଶ୍ରୀ ହାଇସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଗୁରୁବାର ଉଦଘାଟିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଭିତ୍ତିଭୂମି ପ୍ରଦାନ ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ ଅବଦାନ ରହିଥିବା କହିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲଓର, ବୈଜ୍ଞାନିକ ଶେଷ କିସାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ ଓ ପ୍ରବୀର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାର ୩୬ଟି ପିଏମଶ୍ରୀ ସ୍କୁଲରୁ ବିଭିନ୍ନ ବିଭାଗରେ ଆସିଥିବା ପ୍ରାୟ ୧୪ଶହ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ ଚିତ୍ରକଳା, ଆକାଂକ୍ଷୀ, ଆକାଂକ୍ଷୀ ଛାତ୍ର ପରିଷଦ, ଦୋକାନ ଯାତ୍ରା, ଫୁଡ ପାର୍କ ଭଳି ବିଭାଗରେ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ତେବେ ଏତେ ବଡ ଆୟୋଜନ କରିବା ପାଇଁ ଜାଗା କମ୍ ପଡିଥିବା ଅଭିଯୋଗ ହୋଇଥିଲା । ଉଦଘାଟନୀ ବୈଠକ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ସମୟରେ କିଛି ଶିଶୁ ଅସୁସ୍ଥ ହୋଇପଡିଥିବା ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ଅପରାହ୍ନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ରହିବା ପାଇଁ କୌଣସି



ବ୍ୟବସ୍ଥା କରାଯାଇ ନ ଥିଲା । ଏହାଫଳରେ ସିନ୍ଧେକେଲା, ତୁରେକେଲା ଭଳି ଦୂରରୁ ଆସିଥିବା ଛାତ୍ରଛାତ୍ରୀ ବାହାରେ ବ୍ୟାଗ ରଖି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ସେହିପରି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବାକୁ ଆଣିଥିବା ବିଭିନ୍ନ ପ୍ରକଳ୍ପ ଓ ମଡେଲ ରଖିବା ପାଇଁ ମଧ୍ୟ ବିଭାଗ ଅନୁଯାୟୀ କରାଯାଇଥିବା ଟେଣ୍ଟରେ ଜାଗା ନ ଥିବାରୁ ଛାତ୍ରଛାତ୍ରୀ ତଥା ତାଙ୍କ ସହ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଉତ୍ସବ ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କୁ ପଚାରିବାରୁ ଏହିଭଳି କିଛି ଅବ୍ୟବସ୍ଥା ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା । ସେମାନଙ୍କୁ ସକାଳ ୮.୩୦ ପର୍ଯ୍ୟନ୍ତ ଆସି ପଞ୍ଜିକରଣ କରିବାକୁ କୁହାଯାଇଥିଲା । ଛାତ୍ରଛାତ୍ରୀ ଆସିବା ପାଇଁ ବସ୍ ମଧ୍ୟ ପଠାଯାଇଥିଲା; କିନ୍ତୁ ସେମାନେ ସକାଳୁ ଆସିବା ବଦଳରେ ବହୁ ବିଳମ୍ବରେ ପହଞ୍ଚିଥିବାରୁ ଏହିଭଳି ସମସ୍ୟାର ସମ୍ମୁଖୀନ ହୋଇଥାଇପାରନ୍ତି; କିନ୍ତୁ ସେମାନଙ୍କ ସୁବିଧା କରାଯାଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିକ୍ରିୟାରେ କହିଛନ୍ତି ।

## ଚୋରି ମାମଲାରେ ଦୁଇ ପୁଅ ସହ ବାପା ଗିରଫ

ବଲାଙ୍ଗିର,୨୯ ।୧(ସମିସ): ବଲାଙ୍ଗିର ଟାଉନ ଥାନା ଗାନ୍ଧୀନଗରପଡ଼ା ନିକଟସ୍ଥ ଏକ ଘରୁ ୨୦୨୪ ମସିହାରେ



ହୋଇଥିବା ଏକ ଚୋରି ମାମଲାରେ ୩ ଜଣଙ୍କୁ ଟାଉନ୍ ଥାନା ପୁଲିସ ଗିରଫ କରିଛି । ଏମାନେ ହେଲେ ହୀରାକୁଦ ରିକ୍ସାପଡାର ରମେଶ ସୁନା(୬୦) ଓ ତାଙ୍କ ଦୁଇ ପୁଅ ରବି ସୁନା(୨୭), ଅର୍ଜୁନ ସାହୁ(୨୫) । ୨୦୨୪ ଫେବୃୟାରୀ ୨୮ ତାରିଖରେ ବଲାଙ୍ଗିର ଚିମନିଭାଟି ପଡ଼ାର ପ୍ରମୋଦ ନନ୍ଦ ତାଙ୍କ ବନ୍ଧୁଙ୍କ ଘରେ ହୋଇଥିବା ଏକ ଚୋରି ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ବନ୍ଧୁ ଦେବ ରଞ୍ଜନ ପାଢ଼ୀଙ୍କ ଘର ଗାନ୍ଧୀନଗର ପଡ଼ା ପେଟ୍ରୋଲ ଟାଙ୍କି ପଛପଟେ ରହିଛି । ବନ୍ଧୁ ଶ୍ରୀ ପାଢ଼ୀ ବାହାରେ ରହୁଥିବା ବେଳେ ତାଙ୍କ ଅନୁପସ୍ଥିତିରେ କେହି ତାଲା ଭାଙ୍ଗି ଚୋରି କରିଥିବା ସେ ଲିଖିତ ଭାବେ ପୁଲିସକୁ ଜଣାଇଥିଲେ । ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ସେହି ସମୟରେ ପୁଲିସକୁ କିଛି ସଫଳତା ମିଳି ନ ଥିଲା ।

## ଅଙ୍କିତ ସାହୁ ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ନିର୍ବାଚିତ



ବଲାଙ୍ଗିର,୨୯ ।୧(ସମିସ): ବଲାଙ୍ଗିରର ଅଙ୍କିତ ସାହୁ ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ଯୁବ କଂଗ୍ରେସର ଜାତୀୟ ପ୍ରବକ୍ତା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି । ଯୁବପିଢିଙ୍କ ସମସ୍ୟା ଉପରେ ସ୍ୱଷ୍ଟ ଓ ଦୃଢ ସ୍ୱର ଉତ୍ତୋଳନ କରୁଥିବା ଶ୍ରୀ ସାହୁ ରାଷ୍ଟ୍ରୀୟ ତଥା ରାଜ୍ୟସ୍ତରରେ ରୋଜଗାର, ଶିକ୍ଷା, ସାମାଜିକ ନ୍ୟାୟ, ସାମ୍ବିଧାନିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ସମ୍ପର୍କିତ ପ୍ରଶ୍ନଗୁଡିକୁ ନିରନ୍ତର ଭାବେ ଉଠାଇ ଆସୁଛନ୍ତି । ଶ୍ରୀ ସାହୁ ଯୁବ କଂଗ୍ରେସର ସଂଗଠନକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ପୁନଃ ନିର୍ବାଚନ ପରେ ପ୍ରତିକ୍ରିୟା ଦେଇ ଶ୍ରୀ ସାହୁ ଭାରତୀୟ ଯୁବ କଂଗ୍ରେସ ଓ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଛାତ୍ର, ଯୁବ, କୃଷକ, ଶ୍ରମିକ ଓ ପଛୁଆ ବର୍ଗର ଅଧିକାର ପାଇଁ ତାଙ୍କର ସଂଘର୍ଷ ଆହୁରି ଦୃଢ କରିବେ ବୋଲି କହିଛନ୍ତି ।

## ଅଳିଆ ଗଦାରୁ ନବଜାତ ଶିଶୁ କନ୍ୟା ଉଦ୍ଧାର



ସଇଁତଳା,୨୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍ ଧରପଗଡ଼ ଗାଁରେ ଅଳିଆଗଦାରୁ ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି । ସକାଳୁ ସ୍ଥାନୀୟ ଲୋକେ ଅଳିଆ ଗଦାରେ ଏକ ନବ ଜାତ ଶିଶୁ କନ୍ୟା ପଡ଼ିଥିବା ଦେଖି ଉଦ୍ଧାର କରି ସ୍ଥାନୀୟ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ଜିମା ଦେଇଥିଲେ । ଏହାପରେ ଶିଶୁଟିକୁ ଡାକ୍ତରଖାନା ନିଆଯାଇଥିଲା ।

## ଧାନକିଣା ସମସ୍ୟା ନେଇ ରାଜ୍ୟସଭାରେ ଗର୍ଜିଲେ ନିରଞ୍ଜନ ବିଶି


ଟିଟିଲାଗଡ,୨୯ ।୧(ସମିସ): ଓଡ଼ିଶାରେ ଧାନ କିଣା ସମସ୍ୟା ନେଇ ରାଜ୍ୟସଭାରେ ସାଂସଦ ନିରଞ୍ଜନ ବିଶି ଗର୍ଜିଛନ୍ତି । ସଂସଦର ବଜେଟ ଅଧିବେଶନ ଅବସରରେ ଦ୍ୱିତୀୟ ଦିବସରେ ସେ ଓଡିଶାର କୃଷକମାନଙ୍କ ଖରିଫ ଧାନ ବିକ୍ରି ସମସ୍ୟା ଉତଥାପନ କରିଛନ୍ତି । ସରକାରୀ ଅବହେଳା, ମଣ୍ଡିରେ ଅବ୍ୟବସ୍ଥା, ଟୋକନ ସମସ୍ୟା, କଟନୀଛଟନୀ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ଧାନ କିଣିବା କଟକଣା, ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଉଚିତ ହାରାହାରି ଗୁଣବତ୍ତା (ଏଫଏକ୍ୟୁ)ର



ଉଲ୍ଲଂଘନ ପ୍ରସଙ୍ଗ ଉପରେ ସେ ଗୃହରେ ଉପସ୍ଥାପନା କରିଥିଲେ । ଓଡ଼ିଶାର ଚାଷୀ ସମସ୍ୟା ଓ ଚିନ୍ତାରେ ଅଛନ୍ତି । ସେମାନଙ୍କୁ ଟୋକନ ଦିଆଯାଉନି । ଟୋକନ ଥିବା ଚାଷୀ ମଣ୍ଡିକୁ ଧାନ ନେଲେ ମିଲର ଧାନ ଉଠାଉ ନାହାନ୍ତି । ଚାଷୀ ମଣ୍ଡିରେ ହଇରାଣ ହେଉଛନ୍ତି । ଚାଷୀମାନେ ଏଫଏକ୍ୟୁ ଶତକଡା ୨୦ରୁ ୨୨ ପ୍ରତିଶତ ଦାବି କରୁଛନ୍ତି । ଭାରତ ସରକାର ସମସ୍ତ ରାଜ୍ୟ ପାଇଁ ଶତକଡା ୧୭ ପ୍ରତିଶତ ଏଫଏକ୍ୟୁ ଧର୍ଯ୍ୟ କରିଛନ୍ତି; କିନ୍ତୁ ଓଡ଼ିଶା ସରକାର ୧୫ ପ୍ରତିଶତ ଏଫଏକ୍ୟୁ ଧର୍ଯ୍ୟ କରି କୁଇଣ୍ଟାଲ ପିଛା ୮ କେଜି ଧାନ ଚାଷୀଠାରୁ କାଟୁଛନ୍ତି ବୋଲି ସାଂସଦ ଶ୍ରୀ ବିଶି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡିଶା କୃଷି ପ୍ରଧାନ ରାଜ୍ୟ । ଆଧୁନିକ ଯୁଗରେ ଚାଷୀ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଛନ୍ତି । ଧାନ ଉତ୍ପାଦନ ବଢୁଛି । ଏକର ପିଛା ୩୦ /୩୫ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି । ବଡ଼ ଚାଷୀ ୫୦୦ କୁଇଣ୍ଟାଲ ଧାନ ଅମଳ କରୁଛନ୍ତି । ସରକାର ବର୍ତ୍ତମାନ ବଡ଼ ଚାଷୀ ପିଛା ମାତ୍ର ୧୫୦ କୁଇଣ୍ଟାଲ ଧାନ ୩୧୦୦ ଟଙ୍କା ଏମଏସପିରେ କିଣିବାକୁ ଘୋଷଣା କରିଛନ୍ତି । ବଡ଼ ଚାଷୀଙ୍କ ବଳକା ଧାନ ଅଭାବୀ ବିକ୍ରିର ଶିକାର ହେବେ । ଅର୍ଥାତ ଏମଏସପିରୁ କମ୍ ଦରରେ କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ ମିଲର ବଳକା ଧାନ କିଣିବେ । ଏହାଦ୍ୱାରା ଚାଷୀ ଶୋଷଣର ଶିକାର ହେବେ । ଓଡିଶା ପାଇଁ ୭୩ ଲକ୍ଷ ମିଲିୟନ ଟନ୍ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଧର୍ଯ୍ୟ ହୋଇଛି । ବର୍ତ୍ତମାନ ସୁଦ୍ଧା କିନ୍ତୁ ୨୩ ଲକ୍ଷ ମେଟ୍ରିକ ଟନ ଧାନ ଉଠିଛି । ତେବେ ମାର୍ଚ୍ଚ ସୁଦ୍ଧା ସରକାର ଚାଷୀଙ୍କ ଧାନ କ୍ରୟ କରିବା ଅସମ୍ଭବ ବୋଲି ସାଂସଦ ଶ୍ରୀ ବିଶି ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ଭାରତ ସରକାର କୃଷକ ସମସ୍ୟା ସମାଧାନ କରିବାକୁ ସାଂସଦ ଶ୍ରୀ ବିଶି ଦାବି କରିଛନ୍ତି ।


### ସର୍ବ ଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ସୋନପୁର ରାମଧୂନ କ୍ଲବ୍ ବିଜୟୀ



ବଲାଙ୍ଗିର,୨୯ ।୧(ସମିସ)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିନ ଖେଳରେ ସୋନପୁର ରାମଧୂନ କ୍ଲବ ୩-୧ ଗୋଲରେ ରୋଭର୍ସ ଏଫ୍‌ସି ଭିଲେଇକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଟୁର୍ଣ୍ଣାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୂଭୂଷଣ ତ୍ରିପାଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ରଂଜନ ଠେଲା, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ଡୁଙ୍ଗୁରିପାଲି ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ କ୍ରୀଡା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ ଯୋଗ ଦେଇଥିଲେ । ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କଳିକେଶ ନାରାୟଣ ସିଂଦେଓ, ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, କମିଟି ଉପସଭାପତି ଶମ୍ଭୁ ପ୍ରସାଦ ନାଗ ଓ ସଂପାଦକ ସାଗର ସଂଗମ ଶତପଥୀ ମଞ୍ଚାସୀନ ଥିଲେ । ସୁବ୍ରତ ପୁରୋହିତ, ସଂଜୀବ ମହାରଣା, ସଂଜନ କୁଦେଇ ଓ ନରସିଂସ୍ୱାମୀ ନାଇଡୁ ପରି.ଳନା କରିଥିଲେ । ସୋନପୁର ଦଳର ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ ସୁରେନ୍ଦ୍ର ନାଗ (ସୋନୁ) ଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ମଞ୍ଚ ସଂ.ଳନ କରିଥିଲେ । ଶୁକ୍ରବାର କଲିକତା ଏସ୍.ଡି ଇଲେଭନ ବନାମ ବରଗଡ ୟୁନାଇଟେଡ କ୍ଲବ ମଧ୍ୟରେ ଖେଳ ହେବ ।



ସକାଳ
THE SAKALA

# ସମ୍ପାଦକୀୟ



ହେ ଈଶ୍ୱର! ଆମକୁ ଏଭଳି ଯୋଗ୍ୟ କରନ୍ତୁ, ଯେପରିକି ବିଶ୍ୱରେ ଗରିବୀ ଓ ଭୋକରେ ଜୀବନ କାଟୁଥିବା ଓ ଜୀବନ ହାରୁଥିବା ଲୋକଙ୍କୁ ଆମେ ସହାୟତା କରିପାରିବୁ।

- ମଦର ଟେରେସା

## ୟୁଜିସିର ଜାତିବାଦ!

ଦେଶର ଉଚ୍ଚଶିକ୍ଷାନୁଷ୍ଠାନରେ ଜାତିଭିତ୍ତିକ ଅସୂୟା ଜନିତ ଅଘଟଣକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏଭଳି ଏକ ଅବାଞ୍ଛିତ ନିୟମାବଳୀ ଜାରି କରିଛି, ଯାହା ସମସ୍ୟା ସମାଧାନ ବଦଳରେ ଜାତିଗତ ବିଭେଦ, ବିବାଦ ଓ ବିଦ୍ୱେଷକୁ ଆହୁରି ଉତ୍କଟ କରିବାର ଆଶଙ୍କା ସୃଷ୍ଟି ହୋଇଛି। ନିୟମାବଳୀକୁ ବିରୋଧ କରି ବିବାଦ ଓ ଉତ୍ତେଜନା କ୍ରମଶଃ ଉଗ୍ର ହେଉଥିବାରୁ ଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିଛନ୍ତି ଏବଂ ଅନ୍ୟାଦେଶ ପର୍ଯ୍ୟନ୍ତ ୨୦୧୨ରେ ପ୍ରଣୀତ ନିୟମାବଳୀ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ନୂତନ ନିୟମାବଳୀରେ ଥିବା କେତେକ ସ୍ପର୍ଶକାତର ପ୍ରସଙ୍ଗରେ ସରକାର ଆଭିମୁଖ୍ୟ ସ୍ପଷ୍ଟ ନ କଲେ ଏହାର ପ୍ରଭାବ ଗୁରୁତର ହେବ, ଏପରିକି ଜାତିଭିତ୍ତିରେ ଭାରତୀୟ ସମାଜ ଦୁଇଭାଗ ହେବାର ଆଶଙ୍କା ରହିଛି ବୋଲି ମଧ୍ୟ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି।

ଜାତିଗତ ବିବାଦ ଓ ବିଭେଦ ଭାରତୀୟ ସମାଜର ଅସ୍ଥିମଜ୍ଜାଗତ ହୋଇସାରିଛି। ତେଣୁ ଆଇନ୍ ଓ କାନୁନ୍ ଯେତେ କଠୋର ହେଲେ ମଧ୍ୟ ଅସୂୟାକୁ ଦୂର କରିପାରୁନାହିଁ। ଅଧିକନ୍ତୁ ସମାଜର ଉପେକ୍ଷିତ ଓ ଅବହେଳିତ ବର୍ଗଙ୍କୁ ସମାଜ ଓ ଅର୍ଥନୀତିର ମୁଖ୍ୟସ୍ରୋତରେ ସାମିଲ୍ କରି ସାମ୍ୟତା ଆଣିବା ପାଇଁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଯେଉଁ ସଂରକ୍ଷଣ ବ୍ୟବସ୍ଥାଟି ଆମ ସମ୍ବିଧାନରେ ରହିଛି ତାହା ଜାତିଗତ ଅସୂୟାକୁ ଆହୁରି ତୀବ୍ର କରୁଛି। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ ବା 'କୋଟା'ରେ ନାମ ଲେଖାଇଥିବା ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ସାଧାରଣ ଓ ଉଚ୍ଚ ବର୍ଗର ଛାତ୍ରଛାତ୍ରୀଙ୍କଠାରୁ ହୀନମନ୍ୟତାର ଶିକାର ହେଉଥିବା ଅଭିଯୋଗ ଆସୁଛି। ଏପରିକି ଏହି ଅସୂୟା, ପକ୍ଷପାତିତା ଓ ଆକ୍ଷେପ ଆତ୍ମହତ୍ୟା ପରି ଉଦ୍‌ବେଗଜନକ ସ୍ଥିତିକୁ ଜନ୍ମ ଦେଉଛି।

ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ଅବାଞ୍ଛିତ ପରିବେଶକୁ ନିରୁତ୍ସାହିତ କରି ସାମ୍ୟଭିତ୍ତିକ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ୨୦୧୨ରେ ୟୁଜିସି ଏକ ନିୟମାବଳୀ ଜାରି କରିଥିଲେ। କିନ୍ତୁ ତାହାର କାର୍ଯ୍ୟକାରିତା ବାଧ୍ୟତାମୂଳକ ନଥିବାରୁ ପରିସ୍ଥିତିରେ ବିଶେଷକିଛି ଉନ୍ନତି ପରିଲକ୍ଷିତ ହେଉ ନଥିଲା। ତେଣୁ ସେଥିରେ କେତେକ ସଂଶୋଧନ ଆଣି କେନ୍ଦ୍ର ସରକାର 'ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନତାର ଉନ୍ନତି) ନିୟମାବଳୀ ୨୦୨୬' ନାମରେ ନୂଆ ନିୟମାବଳୀ ଜାରି କରିଛନ୍ତି, ଯାହାର କାର୍ଯ୍ୟକାରିତା ବାଧ୍ୟତାମୂଳକ କରାଯାଇଛି। ଜାତିଭିତ୍ତିକ ଅସମାନତା ଦୂର କରି ସଂହତି ପ୍ରତିଷ୍ଠାରେ ଏହା ସହାୟକ ହେଲେ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ ଏଥିରେ ଥିବା କେତେକ ଧାରା ଆପତ୍ତିଜନକ ଓ ଦ୍ୱନ୍ଦ୍ୱାତ୍ମକ ବୋଲି ହେଉଥିବା ଅଭିଯୋଗ ଆଧାରରେ ବିରୋଧାଭାସ ସୃଷ୍ଟି ହେଉଛି। ଏପରିକି ଚୂଡ଼ାନ୍ତ ଚିଠା ପ୍ରସ୍ତାବରେ ଥିବା କେତେକ ଧାରାକୁ ବିଜ୍ଞପିତ ନିୟମାବଳୀରୁ ବାଦ୍ ଦିଆଯାଇଥିବାରୁ କେନ୍ଦ୍ର ସରକାର ଓ ୟୁଜିସିର ଆଭିମୁଖ୍ୟ ଅଧିକ ବିତର୍କିତ ହୋଇପଡ଼ିଛି। ନୂତନ ନିୟମାବଳୀ ଅଭିଯୁକ୍ତ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରିଥିବା ବେଳେ ମିଥ୍ୟା ଅଭିଯୋଗକାରୀ ପ୍ରସଙ୍ଗରେ ନିରବ ରହିଛି। ତେଣୁ ଉଚ୍ଚଜାତିର ଛାତ୍ରଛାତ୍ରୀଙ୍କ ବିରୋଧରେ ନିୟମାବଳୀର ଉଦ୍ଦେଶ୍ୟମୂଳକ ଦୁରୁପଯୋଗ ହେବାର ଆଶଙ୍କା ବଢ଼ୁଛି। ଚୂଡ଼ାନ୍ତ ଚିଠା ପ୍ରସ୍ତାବରେ 'ମିଥ୍ୟା ଅଭିଯୋଗ' ପ୍ରସଙ୍ଗଟି ସ୍ଥାନ ପାଇଥିବା ବେଳେ ବିଜ୍ଞପିତ ନିୟମାବଳୀରୁ ତାହା ବାଦ୍ ପଡ଼ିବାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇପାରୁନାହିଁ।

ସମ୍ପ୍ରତି ସମାଜରେ ଦୁର୍ବଳ ବର୍ଗର ସୁରକ୍ଷା ପାଇଁ ଅନେକ ଆଇନ ରହିଥିଲେ ହେଁ ତାହାର ଦୁରୁପଯୋଗ ଆଇନ ଅଦାଲତ ପାଇଁ ସମସ୍ୟା ସୃଷ୍ଟି କରୁଛି। ସେହି ପୃଷ୍ଠଭୂମିରେ ଉପରୋକ୍ତ ନିୟମାବଳୀ ମଧ୍ୟ ଦୁରୁପଯୋଗ ଅଭିଯୋଗରୁ ମୁକ୍ତ ହୋଇପାରୁନାହିଁ। ଏହାଛଡ଼ା ଅଧ୍ୟାପକ/ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶୋଷିତ ଦଳିତ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଓ ପ୍ରତିକାର ସମ୍ପର୍କରେ ନିୟମାବଳୀରେ ଉଲ୍ଲେଖ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିୟମାବଳୀର ଏଭଳି କେତେକ ଦୁର୍ବଳ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହା ଆଲୋଚନାର ଅପେକ୍ଷା ରଖେ।

ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ୟୁଜିସିର ସଂଶୋଧିତ ନିୟମାବଳୀ ଭାରତରେ ହୁଏତ ଆମେରିକା ସଂସ୍କୃତିର ଛାପ ସୃଷ୍ଟି କରିବ, ଯେଉଁଠି ଶ୍ୱେତାଙ୍ଗ ଓ କୃଷ୍ଣକାୟ ଛାତ୍ରଛାତ୍ରୀଙ୍କ ପାଇଁ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନ ରହିଛି। ଏହା ଭାରତର ଏକତା ପ୍ରତି ବିପଦ। ଏବେ ମଧ୍ୟ ଦେଶର ଗୋଟିଏ ଅଞ୍ଚଳର ଛାତ୍ରଛାତ୍ରୀ ଅନ୍ୟ ଅଞ୍ଚଳରେ ବୈଷମ୍ୟ, ଭେଦଭାବ ଓ ଅସୂୟାର ଶିକାର ହେଉଛନ୍ତି। କିନ୍ତୁ ତାହାର ପ୍ରତିକାର ବ୍ୟବସ୍ଥା ନିୟମାବଳୀରେ ସ୍ଥାନ ପାଇନାହିଁ। ଏପରିକି ଶିକ୍ଷାନୁଷ୍ଠାନରେ ଗୋଟିଏ ବର୍ଗ ଭିତରେ ସଂଖ୍ୟାବହୁଳ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁର୍ବଳମାନେ ହିଂସା ଓ ଅସୂୟାର ଶିକାର ହେଉଥିଲେ ହେଁ ତାହାର ସମାଧାନର ବାଟ ମଧ୍ୟ ନିୟମାବଳୀ ଦେଖାଇ ନାହିଁ। ତେଣୁ ନିୟମାବଳୀର ଭାଷା ଓ ଶବ୍ଦକୁ ଦେଖିବା ମାତ୍ରେ ହିଁ ଏହାର ଦୁରୁପଯୋଗ ଆଶଙ୍କା ବାରି ହୋଇପଡୁଛି ବୋଲି ଶୀର୍ଷ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଏଥିସହିତ ଏକ ବିଶେଷଜ୍ଞ କମିଟି ଗଠନ କରି ନିୟମାବଳୀର ପୁଙ୍ଖାନୁପୁଙ୍ଖ ତର୍ଜମା କରି ସଂଶୋଧନ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଭାରତ ଏକ ଜାତିବିହୀନ ସମାଜ ଗଠନ ଦିଗରେ ଅଗ୍ରସର ହେଉଛି ଏବଂ ଆନ୍ତଃଜାତିର ବିବାହ କ୍ରମଶଃ ଗ୍ରହଣୀୟ ହେବାରେ ଲାଗିଛି। ଅଥଚ ନିୟମାବଳୀରେ ଦଳିତ ବର୍ଗ ପାଇଁ ସ୍ୱତନ୍ତ୍ର ଛାତ୍ରାବାସ ବ୍ୟବସ୍ଥା ରହିଛି, ଯାହାକୁ ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିଛନ୍ତି।

ଆମ ମତରେ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟବସ୍ଥା ଥିବା ପର୍ଯ୍ୟନ୍ତ ଏଭଳି ଭେଦଭାବର ପରିବେଶକୁ ଆଇନ କାନୁନ୍ ଯେତେ କଠୋର ହେଲେ ମଧ୍ୟ ସମୂଳେ ଦୂର କରିପାରିବ ନାହିଁ, ବରଂ ଆକ୍ରୋଶ ବଢ଼ିବ ଏବଂ ଶିକ୍ଷାନୁଷ୍ଠାନ ପରିସର ଭିତରର ଅସୂୟା ଓ ଅସହନଶୀଳତା ପରିସର ବାହାରେ ହିଂସାର ରୂପ ନେବ। ଆଇନ ସତ୍ତ୍ୱେ ବିଦେଶୀ ସଂସ୍କୃତିରୁ ଆନୀତ 'ର୍‍ୟାଗିଂ'କୁ ସମୂଳେ ବିନାଶ କରାଯାଇପାରୁ ନ ଥିବା ବେଳେ ଭାରତୀୟ ସମାଜରେ ଆବହମାନ କାଳରୁ ରହି ଆସିଥିବା ଜାତିଭିତ୍ତିକ ଭେଦଭାବକୁ ଆଇନ ଓ ନିୟମାବଳୀ ଯେ ଦୂର କରିପାରିବ ଏ ବିଶ୍ୱାସ ଆସୁନାହିଁ। ବରଂ ଏହା ଜାତିବିବାଦକୁ ଅଧିକ ଉଗ୍ର କରିବ। ତେଣୁ ଶିକ୍ଷାନୁଷ୍ଠାନରେ ଆତ୍ମୀୟତା, ସହନଶୀଳତା, ସୌହାର୍ଦ୍ଦ୍ୟ ଓ ଜାତିବିହୀନ ବାତାବରଣକୁ ପ୍ରୋତ୍ସାହିତ କରିପାରୁଥିବା ଭଳି ନିୟମାବଳୀ ପ୍ରଣୟନ ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ।

## ମହାକାଶରେ ଆମର ଉଚ୍ଚାକାଂକ୍ଷା

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ମହାକାଶ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଅନ୍ୟତମ ଅଗ୍ରଣୀ ଦେଶ। ଚନ୍ଦ୍ର ଓ ମଙ୍ଗଳ ବିଜୟ, ସୂର୍ଯ୍ୟକୁ ଅତି ନିକଟରୁ ପର୍ଯ୍ୟବେକ୍ଷଣ ତଥା ବ୍ୟବସାୟିକ ଭିତ୍ତିରେ ବିଭିନ୍ନ ଦେଶର ବହୁସଂଖ୍ୟକ କୃତ୍ରିମ ଉପଗ୍ରହ ପ୍ରେରଣରେ ସଫଳତା ଆଦି ଭାରତକୁ ଦେଇଛି ଏ ସମ୍ମାନ। ଇତିମଧ୍ୟରେ ଭାରତର ଶୁଭାଂଶୁ ଶୁକ୍ଲା ଆନ୍ତର୍ଜାତିକ ସ୍ପେସ୍ ଷ୍ଟେସନ୍‌କୁ ଯାଇଥିବା ବେଳେ ଆମେରିକା ସହଯୋଗରେ ଭାରତ ନିସାର କୃତ୍ରିମ ଉପଗ୍ରହ ପ୍ରେରଣରେ ସଫଳ ହୋଇଛି। ସେହିପରି ଅର୍ଦ୍ଧହିମୀକୃତ ଇଂଜିନ୍, ବୈଦ୍ୟୁତିକ ପ୍ଲାଜମା ଥ୍ରଷ୍ଟର ଏସ୍ଏସ୍ଏଲ୍‌ଭିର ତୃତୀୟ ସ୍ତରର ଉନ୍ନତିକରଣ ଆଦି ବିକାଶମୂଳକ କର୍ଯ୍ୟକ୍ରମ ସହିତ ସୂର୍ଯ୍ୟରୁ ଆଦିତ୍ୟ ଏଲ୍ ୧ ସାହାଯ୍ୟରେ ତଥ୍ୟ ସଂଗ୍ରହ, ମହାକାଶରେ ଚାରାଗଛ ବଢ଼ାଇବା, ସୌର ଜଗତ ବାହାରେ ଗ୍ରହଟିଏ ଆବିଷ୍କାର କରିବା ଆଦି ସଫଳତା ହାସଲ କରିଛି ଭାରତ। ନିକଟରେ ଲଦାଖରେ ମହାକାଶ କେନ୍ଦ୍ରର ନକଲ ସ୍ଥାପନ କରି ସେଥିରେ ଗବେଷଣା ଆରମ୍ଭ କରିବା ପାଇଁ ଯୋଜନା ରଖିଥିବା ବେଳେ ପୁନଶ୍ଚ ଏହାର ଲକ୍ଷ୍ୟ ରହିଛି ଯଥାଶୀଘ୍ର ମହାକାଶକୁ ମଣିଷ ପଠାଇବାଠାରୁ ପୃଥିବୀର କକ୍ଷରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଅନୁରୂପ କେନ୍ଦ୍ରଟିଏ ସ୍ଥାପନ କରିବା। ତଥାପି ଆମକୁ ବେଳେବେଳେ ବିଫଳତାର ମୁହଁ ଦେଖିବାକୁ ମିଳୁଛି।

ମହାକାଶ ଅଭିଯାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି ଉତ୍କ୍ଷେପକ ଯାନମାନ। କୃତ୍ରିମ ଉପଗ୍ରହ ବା ସୁଦୂରଗାମୀ ମହାକାଶଯାନଗୁଡ଼ିକୁ ପୃଥିବୀ ପୃଷ୍ଠରୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ଆମ ଦେଶରେ ବିଭିନ୍ନ ସମୟରେ ନିର୍ମାଣ କରାଯାଇଛି ଭିନ୍ନ ଭିନ୍ନ ଶକ୍ତିସଂପନ୍ନ ଉତେକ୍ଷେପକମାନ। ସେଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲା - 'ଏସ୍ଏଲ୍‌ଭି-୩', ଏସ୍ଏଲ୍‌ଭି', ପିଏସ୍ଏଲ୍‌ଭି', 'ଜିଏସ୍ଏଲ୍‌ଭି', ଏଲ୍‌ଭିଏମ୍-୩' ଓ ଏସ୍ଏସ୍ଏଲ୍‌ଭି'। ଏଗୁଡ଼ିକୁ ଯଥାକ୍ରମେ ୪, ୪, ୬୪, ୧୮, ୮ ଓ ୩ ଥର ବ୍ୟବହାରରେ ଲଗାଯାଇଛି ଏବଂ ତହିଁରୁ ଯଥାକ୍ରମେ ୨, ୧, ୫୯, ୧୨, ୮ ଓ ୨ଥର ସଫଳତା ମିଳିଛି। ତେବେ ଚନ୍ଦ୍ରଯାନ, ମଙ୍ଗଳାୟନ ତଥା ଆଦିତ୍ୟ ଏଲ୍ ୧ ଭଳି ମହାକାଶାନ ପ୍ରେରଣରେ ସଫଳତା ଆମ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'କୁ ଦେଇଛି ଗଭୀର ଆତ୍ମବିଶ୍ୱାସ।

୨୦୨୫ ଡିସେମ୍ବରରୁ ୨୦୨୬ ଜାନୁୟାରୀ ମଧ୍ୟରେ ଇସ୍ରୋକୁ ମହାକାଶ ଅଭିଯାନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଫଳତା ସହିତ ଏକ ବିଫଳତା ମଧ୍ୟ ମିଳିଛି। ତନ୍ମଧ୍ୟରୁ ପ୍ରଥମଟି ହେଲା ଆଜି ପର୍ଯ୍ୟନ୍ତ ପ୍ରାୟତଃ ନିର୍ଭୁଲ ଭାବେ କାମ କରି ଆସିଥିବା 'ଏଲ୍‌ଭିଏମ୍-୩' ଶ୍ରେଣୀର 'ବାହୁବଳୀ' ରୂପେ ନାମିତ ଉତ୍କ୍ଷେପକ ଯାନ ଦ୍ୱାରା ୨୪ ଡିସେମ୍ବର ୨୦୨୫ରେ ଶ୍ରୀହରିକୋଟାରୁ ସବୁଠାରୁ ଭାରି 'ବ୍ଲୁ ବାର୍ଡ ବ୍ଲକ ୨' ଉପଗ୍ରହ ପ୍ରେରଣ। ଆମେରିକା ନିର୍ମିତ ଏହି ଯୋଗାଯୋଗ ଉପଗ୍ରହଟିର ଓଜନ ଥିଲା ୬୧୦୦ କିଲୋଗ୍ରାମ ଏବଂ ଏହାକୁ ପୃଥିବୀର ବୃତ୍ତାକାର କକ୍ଷରେ ସ୍ଥାପନ କରିବାକୁ ଲାଗିଥିଲା ମାତ୍ର ୧୫ ମିନିଟ୍। ତେବେ ଏହି ସଫଳତାକୁ ଯଥାଶୀଘ୍ର ଅନୁସରଣ କଲା ଏକ ବଡ଼ ବିଫଳତା। ତାହା ହେଲା ଗତ ୧୨ ତାରିଖରେ ପ୍ରେରିତ 'ପିଏସ୍ଏଲ୍‌ଭି- ସି ୬୨' ମିଶନ୍। ସେଦିନ ସତୀଶଧାବନ ମହାକାଶ କେନ୍ଦ୍ରରୁ ପ୍ରେରିତ ଏହି ଉତେକ୍ଷେପକ ଯାନଟି କଠିନ ନୋଦକ ବ୍ୟବହାର କରୁଥିବା ତୃତୀୟ ସ୍ତରରେ କାର୍ଯ୍ୟକ୍ଷମ ହେଲା ନାହିଁ। ଏଥିସହିତ ଉତେକ୍ଷେପିତ ହୋଇଥିଲା ଭାରତ ସମେତ ଅନ୍ୟାନ୍ୟ ଦେଶମାନଙ୍କର ୧୬ ଟି କୃତ୍ରିମ ଉପଗ୍ରହ। ତନ୍ମଧ୍ୟରୁ ୧୫ ଟି ଅକାମୀ ହୋଇଗଲେ। ଏହା ଥିଲା ଏହି ଶ୍ରେଣୀର ଉତେକ୍ଷେପକ ଯାନ ବିଫଳ ହେବାର ଲାଗ ଲାଗ ଦୁଇଟି ଘଟଣା। ୧୮, ମେ ୨୦୨୫ ଦିନ ଉତକ୍ଷେପିତ 'ପିଏସ୍ଏଲ୍‌ଭି ସି୬୧' ମଧ୍ୟ ସମଦଶାପନ୍ନ ହୋଇଥିଲା। ପୁନଶ୍ଚ ୨୯, ଜାନୁୟାରୀ ୨୦୨୫ ରେ 'ଇସ୍ରୋ'ର ଶତକ ଉତ୍କ୍ଷେପଣ ରୂପେ 'ଜିଏସ୍ଏଲ୍‌ଭି-ଏଫ୍-୧୫' ଉତ୍କ୍ଷେପକରେ ପ୍ରେରଣ କରାଯାଇଥିଲା ନାଭିଗେସନ୍ ସାଟେଲାଇଟ୍ 'ଏନ୍‌ଭିଏସ୍-୦୨'। ପୃଥିବୀ କକ୍ଷରେ ପହଞ୍ଚିବା ପରେ ଏହାର ଏକ ବ୍ୟବସ୍ଥାରେ ଥିବା ଭଲ୍‌ବଟିଏ କାମ ନ କରିବାରୁ ଏହା ବିଫଳ ହୋଇଯାଇଥିଲା।

ଏହି ଘଟଣାଗୁଡ଼ିକ ଭାରତୀୟ ମହାକାଶ ଗବେଷଣାର ଆତ୍ମବିଶ୍ୱାସ ଉପରେ ଆଘାତ ଆଣିବା ସହିତ ଆର୍ନ୍ତଜାତିକ ସ୍ତରରେ ଇସ୍ରୋର ବିଶ୍ୱସନୀୟତା ଉପରେ ରେଖାପାତ କରିଛି। ଅତଏବ କୃତ୍ରିମ ଉପଗ୍ରହ ପ୍ରେରଣ ଲାଗି ଭାରତ ଉପରେ ନିର୍ଭର କରୁଥିବା ଦେଶମାନଙ୍କୁ ଏବେ ଏଥିପାଇଁ ଦୁଇଥର ଚିନ୍ତା କରିବାକୁ ପଡ଼ିବ। ଅନ୍ୟପକ୍ଷରେ, ଭାରତର ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ନିକଟରେ ମାତ୍ର ୧୯ ଘଣ୍ଟା ମଧ୍ୟରେ ତିନୋଟି ମିଶନ ପ୍ରେରଣ କରିବାକୁ ସମର୍ଥ ହୋଇଛି। ପୁନଶ୍ଚ କୃତ୍ରିମ ଉପଗ୍ରହମାନ ପୃଥିବୀର କକ୍ଷରେ ଥିବା ଅବସ୍ଥାରେ ସେଥିରେ ଇନ୍ଧନ ଭରିବା କୌଶଳରେ ମଧ୍ୟ ଚୀନ୍‌କୁ ସଫଳତା ମିଳିଛି, ଯାହାକି ଏପର୍ଯ୍ୟନ୍ତ କେବଳ ପରୀକ୍ଷାମୂଳକ ଭାବେ କରିପାରିଛି ଆମେରିକା। ବିଗତ ବର୍ଷ ଭାରତ ମାତ୍ର ୫ଟି କୃତ୍ରିମ ଉପଗ୍ରହ ଉତ୍କ୍ଷେପଣ କରିବାକୁ ସମର୍ଥ ହୋଇଥିଲା ଏବଂ ତହିଁରୁ ତିନୋଟି ସଫଳ ହେଲା ବେଳେ ଅନ୍ୟ ଦୁଇଟି ବିଫଳ ହୋଇଥିଲା। ଏଭଳି ସୀମିତ ସଫଳତା 'ଇସ୍ରୋ' ପାଇଁ ସମ୍ମାନର ପ୍ରଶ୍ନ ରୂପେ ଉଭା ହୋଇଛି। ବିଶେଷକରି ଏହାର ଅନ୍ୟତମ ମୁଖ୍ୟ ଉତ୍କ୍ଷେପକ ଏବଂ ୬୦ ଶତାଂଶ ଉତ୍କ୍ଷେପଣ କରୁଥିବା 'ପିଏସ୍ଏଲ୍ ଭି' ଶ୍ରେଣୀର ଯାନର ବିଫଳତା ଚିନ୍ତାର ବିଷୟ। ଏହାରି ଦକ୍ଷତା ହିଁ 'ଇସ୍ରୋ' କୁ ସମର୍ଥ କରିଛି ପୃଥିବର ନିମ୍ନକକ୍ଷଠାରୁ ସୌର ସମକାଳିକ କକ୍ଷ ପର୍ଯ୍ୟନ୍ତ କୃତ୍ରିମ ଉପଗ୍ରହ ସ୍ଥାପନ କରିବାକୁ। ଏହା ମଧ୍ୟ ଚନ୍ଦ୍ରଯାନ ୧, ମଙ୍ଗଳ ଅର୍ବିଟର୍ ମିଶନ, ସୂର୍ଯ୍ୟ ନିକଟକୁ ପ୍ରେରିତ ଆଦିତ୍ୟ ଏଲ୍-୧ ଏବଂ ବ୍ୟବସାୟିକ ଭାବେ ଶହ ଶହ ମହାକାଶ ଗବେଷଣା ବ୍ୟବସ୍ଥା ବହନ କରି ନେଇଛି।

ଅଦ୍ୟାବଧି ଭାରତ ମହାକାଶକୁ ପ୍ରେରଣ କରିଛି ଅନ୍ୟ ଦେଶମାନଙ୍କର ପ୍ରାୟ ୪୦୦ କୃତ୍ରିମ ଉପଗ୍ରହ। ତନ୍ମଧ୍ୟରୁ ଅଧିକାଂଶରେ ବ୍ୟବହୃତ ହୋଇଛି ପିଏସ୍ଏଲ୍ ଭି ଶ୍ରେଣୀର ଉତ୍କ୍ଷେପକ। ଏପରି ସ୍ଥଳେ ଏହାର ଦୁଇଟି ଲାଗ ଲାଗ ବିଫଳ ହେବା ଚିନ୍ତାଜନକ ହୋଇଛି। ଅବଶ୍ୟ ସାରା ପୃଥିବୀରେ ମହାକାଶକୁ ଉତ୍କ୍ଷେପଣରେ ବିଫଳତାର ପ୍ରାୟ ଅର୍ଦ୍ଧେକ ନୋଦକ ବ୍ୟବସ୍ଥା ସହିତ ସଂପୃକ୍ତ ଏବଂ ତହିଁରୁ ଦୁଇ-ତୃତୀୟାଂଶ ଉଚ୍ଚତର ସ୍ତରରେ ହିଁ ଘଟିଥାଏ। ସେ ଦୃଷ୍ଟିରୁ ବିଚାର କଲେ 'ଇସ୍ରୋ' ଏହି ବିଫଳତା ଏପରି କିଛି ବିରଳ ନୁହେଁ। ତଥାପି ଏହାର ଭବିଷ୍ୟତର ଲକ୍ଷ୍ୟଗୁଡ଼ିକ ସଂପ୍ରସାରିତ ହୋଇ ଚାଲିଥିବା ଦୃଷ୍ଟିରୁ ତାହାକୁ ସାକାର କରିବା ପାଇଁ ଏସବୁକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡ଼ିବ। ଆଗକୁ ଭାରତର ଯୋଜନା ରହିଛି ୨୦୪୦ ମସିହା ସୁଦ୍ଧା 'ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ' ଭଳି ମହାକାଶ ଷ୍ଟେସନଟିଏ ସ୍ଥାପନ ଏବଂ ପ୍ରଥମେ ପୃଥିବୀରର କକ୍ଷ ଓ ତପ୍ତରେ ଚନ୍ଦ୍ରକୁ ମଣିଷ ପଠାଇବା ଇତ୍ୟାଦି। ପୁନଶ୍ଚ ଚଳିତ ବର୍ଷ (୨୦୨୬) ପ୍ରେରିତ ହେବ ଗଗନାୟନ, ଯାହାକି ୨୦୨୫ ମସିହାରୁ ବିଳମ୍ବିତ କରାଯାଇଛି। ଉତକ୍ଷେପକ ଏଲ୍‌ଭିଏମ୍-୩ ର ମାନବୃଦ୍ଧି କାର୍ଯ୍ୟ ଚାଲିଥିବାରୁ ଏ କାର୍ଯ୍ୟକ୍ରମ ଘୁଞ୍ଚିଘୁଞ୍ଚି ଆସିଛି। ତେବେ ଖୁବ୍ ଶୀଘ୍ର ତିଆରି ହେବାକୁ ଯାଉଥିବା ଆଗାମୀ ପିଢ଼ିର ଉତକ୍ଷେପକ ଏ ସଫଳତା ଆଣିଦେବ ବୋଲି ଆଶା।

ବର୍ତ୍ତମାନ ଭାରତର ଏକ ଡଜନରୁ କମ ପ୍ରତିରକ୍ଷା କୃତ୍ରିମ ଉପଗ୍ରହ କାର୍ଯ୍ୟକ୍ଷମ ରହିଛି। ଆମେରିକା ଓ ଚୀନ୍ ପାଖରେ ଏଥିରୁ ୨୪୦ଟି ଲେଖାଏଁ ଏବଂ ରୁଷିଆ ପାଖରେ ୧୦୦ରୁ ଅଧିକ ରହିଛି। ଏଣୁ ଆମ ପ୍ରତିରକ୍ଷା ଦୃଷ୍ଟିରୁ ଏହାର ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଭାରତ ପ୍ରେରଣ କରିଥିବା ୪୪ ଟି ଭୂପୃଷ୍ଠ ପର୍ଯ୍ୟବେକ୍ଷଣ ଉପଗ୍ରହ ମଧ୍ୟରୁ ୨୧ ଟି କାର୍ଯ୍ୟକ୍ଷମ ରହିଛି। ଆଗାମୀ ବର୍ଷମାନଙ୍କରେ ଏହାର ସଂଖ୍ୟା ୬୦କୁ ବୃଦ୍ଧି କରିବାର ଯୋଜନା କରାଯାଉଛି। ତଥାପି ଦେଶର ନିରାପତ୍ତା ଦୃଷ୍ଟିରୁ ତାହା ୧୦୦ ରୁ ଅଧିକ ହେବା ଦରକାର। କିନ୍ତୁ ବର୍ତ୍ତମାନର ସାମର୍ଥ୍ୟ ବିଚାରକୁ ନେଲେ ଏହା ସମ୍ଭବ ମନେ ହେଉ ନାହିଁ। ଚୀନ୍‌ର ସଂଖ୍ୟାଧିକ କୃତ୍ରିମ ଉପଗ୍ରହ ପ୍ରାୟତଃ କ୍ରମାଗତ ଭାବେ ଭୂଭାଗ, ସମୁଦ୍ର ଓ ମହାସମୁଦ୍ର ଉପରେ ସତର୍କ ଦୃଷ୍ଟି ରଖିଥା'ନ୍ତି। ଆମ ଦେଶ ଏପରି କରିବା ସମ୍ଭବ ହୋଇନାହିଁ। ଏହାର ପରିସର ମଧ୍ୟରେ ଶୂନ୍ୟସ୍ଥାନମାନ ରହିଛି। ଏଣୁ ଯୁଦ୍ଧ ଭଳି ଆପାତ୍‌କାଳୀନ ସମୟରେ ସମସ୍ତ ବିବାଦମାନ ଅଞ୍ଚଳ ଉପରେ ଦୃଷ୍ଟି ରଖିବା ସମ୍ଭବ ହୋଇ ନପାରେ। ଆମ ବଜେଟରେ ଏଥିପାଇଁ କମ୍ ଅର୍ଥ ବ୍ୟବସ୍ଥା (ବାର୍ଷିକ ପ୍ରାୟ ୨ ବିଲିୟନ୍ ଡଲାର) ଏହାର ଅନ୍ୟତମ ପ୍ରଧାନ କାରଣ। ଅନ୍ୟପକ୍ଷରେ, ଚୀନ୍ ଏହାର ୮ ଗୁଣ ଏବଂ ଆମେରିକା ୧୦ ଗୁଣ ଖର୍ଚ୍ଚ କରୁଛନ୍ତି। ଏଣୁ ସରକାର ଏ ଦିଗରେ ଯଥାଶୀଘ୍ର ଧ୍ୟାନ ଦେବା ଉଚିତ୍।

ଏବେ ବିଶ୍ୱରେ ମହାକାଶର ବ୍ୟବହାରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇସାରିଲାଣି। ଏପରିସ୍ଥଳେ, କୃତ୍ରିମ ଉପଗ୍ରହ ଓ ମହାକାଶଯାନ ପ୍ରେରଣ ଏବଂ ଏହି ପ୍ରଯୁକ୍ତି ବିଦ୍ୟାର ନାନା ଦିଗରୁ ବିକାଶ ଆମ ପ୍ରତିରକ୍ଷା, ଅର୍ଥନୈତିକ ଅଭିବୃଦ୍ଧି ଆଦି ପାଇଁ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଏଣୁ ଏକ୍ଷେତ୍ରରେ ଆମକୁ ଅଧିକ ଅର୍ଥ ବିନିଯୋଗ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପଡ଼ିବ। ଆଗାମୀ ଦିନମାନଙ୍କରେ ମହାକାଶ ଗବେଷଣା କ୍ଷେତ୍ରରେ ଆମ ଉଚ୍ଚାକାଂକ୍ଷା ପୂରଣ ହୋଇପାରିବ ଏବଂ ଦେଶର ସର୍ବାଙ୍ଗୀଣ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। କେବଳ ଉଚ୍ଚାକାଂକ୍ଷା ପଛରେ ନ ଧାଇଁ ବିଫଳତାରୁ ଶିକ୍ଷା କରି ପ୍ରଯୁକ୍ତିବିଦ୍ୟାର ମଧ୍ୟ ବିକାଶ ଘଟାଇବାକୁ ପଡ଼ିବ।

ଭୁବନେଶ୍ୱର, ମୋ : ୯୯୩୭୩୦୧୪୬୦

## ସମତା, ଯୋଗ୍ୟତା ଓ ୟୁଜିସି ନିୟମାବଳୀ

**ରାଜେଶ କୁମାର ତ୍ରିପାଠୀ**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ସମ୍ପ୍ରତି ଘୋଷିତ ସମତା(ଇକ୍ୟୁଟି) ସମ୍ବନ୍ଧୀୟ ନୂତନ ନିୟମାବଳୀ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ଓ ତୀବ୍ର ଚର୍ଚ୍ଚା ସୃଷ୍ଟି କରିଛି। ଏପରି ନୀତିଗତ ପଦକ୍ଷେପ ଉପରେ ସାର୍ବଜନିନ ଆଲୋଚନା ସୁସ୍ଥ ଗଣତନ୍ତ୍ର ପାଇଁ ଆବଶ୍ୟକ। କିନ୍ତୁ ଏହି ଆଲୋଚନା ଯେତେବେଳେ ତଥ୍ୟଠାରୁ ଦୂରରେ ରହେ ଏବଂ ରାଜନୈତିକ ବିରୋଧର ଗୋଟି ପାଲଟିଯାଏ ସେତେବେଳେ ନୀତିର ଉଦ୍ଦେଶ୍ୟକୁ ବୁଝିବା ଅପେକ୍ଷା ନାଗରିକମାନେ ଭ୍ରାନ୍ତ ଧାରଣାରେ ଅନିଚ୍ଛାକୃତ ଭାବେ ପକ୍ଷଭୁକ୍ତ ହୋଇଯାଆନ୍ତି।

ୟୁଜିସିର ନୂତନ ନିୟମ ଏବଂ ସେନେଇ ସରକାର ନେଇଥିବା ପଦକ୍ଷେପକୁ ବୁଝିବା ପାଇଁ ଭାରତୀୟ ଉଚ୍ଚଶିକ୍ଷା ପ୍ରଣାଳୀର ଦୀର୍ଘକାଳୀନ ଗଠନାତ୍ମକ ଅସମାନତାର ପୃଷ୍ଠଭୂମିରେ ଦେଖିବା ଆବଶ୍ୟକ। ଗତ କିଛି ଦଶକରେ ଉଚ୍ଚଶିକ୍ଷାର ବ୍ୟାପ୍ତି ଓ ଭର୍ତ୍ତି ହାର ଅନେକ ଗୁଣା ବୃଦ୍ଧି ପାଇଥିଲେ ମଧ୍ୟ ଗୁଣାତ୍ମକ ଓ ସମ୍ପଦସମୃଦ୍ଧ ପ୍ରତିଷ୍ଠାନଗୁଡ଼ିକରେ ପ୍ରବେଶ ସମସ୍ତଙ୍କ ପାଇଁ ସମାନ ହୋଇନାହିଁ। ଛାତ୍ରଛାତ୍ରୀଙ୍କ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି, ଅଞ୍ଚଳୀୟ ବିଷମତା, ଲିଙ୍ଗ ଓ ସାମାଜିକ ପରିଚୟ ଆଦି ଶିକ୍ଷାଗତ ସୁଯୋଗକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହି ଅସମାନତାକୁ କେବଳ ବ୍ୟକ୍ତିଗତ କ୍ଷମତାର ଅଭାବ ଭାବେ ଦେଖିବା ଏକ ସହଜ ଓ ଅପରିପକ୍ୱ ଦୃଷ୍ଟିକୋଣ। ଶିକ୍ଷାଗତ ସମାନତା ଆମର ଶିକ୍ଷା ପ୍ରଣାଳୀ, ପାଠପ୍ରସ୍ତୁତି ସାଧନ ଓ ସାମାଜିକ ବାଧାର ସଂଚିତ ପ୍ରଭାବର ଫଳ। ୟୁଜିସିର ସମତା ନିୟମାବଳୀ ଏହି ବାସ୍ତବତାକୁ ସ୍ୱୀକାର କରି ଅନିୟମିତ କିମ୍ବା ଇଚ୍ଛାଧୀନ ପଦକ୍ଷେପ ପରିବର୍ତ୍ତେ ଏକ ସ୍ପଷ୍ଟ, ପାରଦର୍ଶୀ ଓ ମାନଦଣ୍ଡ-ଆଧାରିତ ଢାଞ୍ଚା ପ୍ରଦାନ କରିବାକୁ ଉଦ୍ଦିଷ୍ଟ।

ସମାଲୋଚକମାନଙ୍କ ମଧ୍ୟରେ ମୁଖ୍ୟ ଆଶଙ୍କା ହେଉଛି ଯେ ସମତା ଉପରେ ଗୁରୁତ୍ୱ ଦେଲେ ଯୋଗ୍ୟତା କ୍ଷୟ ପାଇବ। କିନ୍ତୁ ଏହି ଧାରଣା ନିୟମାବଳୀର ବିଷୟବସ୍ତୁ ସହିତ ସାମଞ୍ଜସ୍ୟ ରଖୁନାହିଁ। ନୂତନ ନିୟମ ଯୋଗ୍ୟତା ମାନଦଣ୍ଡ, ପ୍ରବେଶ ପରୀକ୍ଷା, ମୂଲ୍ୟାୟନ ପ୍ରଣାଳୀ କିମ୍ବା ଶିକ୍ଷାଗତ ମାନକକୁ ଅପସାରଣ କରୁନାହିଁ। ବରଂ, ଏହା ଯୋଗ୍ୟତାର ଏକ ସଂକୀର୍ଣ୍ଣ ଓ ପରିପ୍ରେକ୍ଷ୍ୟବିହୀନ ଧାରଣା ଭାବେ ନ ଦେଖି, ଏକ ବିସ୍ତୃତ ଓ ନ୍ୟାୟସଙ୍ଗତ ଦୃଷ୍ଟିକୋଣରେ ବୁଝିବାକୁ ପ୍ରେରଣା ଦେଉଛି। ଯୋଗ୍ୟତା କେବେ ମଧ୍ୟ ସାମାଜିକ ପରିବେଶରୁ ଅଲଗା ନୁହେଁ। ଜଣେ ଛାତ୍ର ଯେଉଁ ବିଦ୍ୟାଳୟରେ ପଢ଼ିଛି, ଯେଉଁ ସାଧନ ଓ ସମ୍ପତ୍ତି ଲାଭ କରିଛି ଏବଂ ଯେଉଁ ପରିବେଶରେ ବଢ଼ିଛି - ସେସବୁ ତା'ର ଶିକ୍ଷାଗତ ପ୍ରଦର୍ଶନକୁ ଗଢ଼ି ତୋଳେ - ଏହି ସତ୍ୟକୁ ଗ୍ରହଣ କରିବା କାହାର ଯୋଗ୍ୟତାକୁ କମାଏ ନାହିଁ; ବରଂ ଏହା ଲୁଚି ଯାଇଥିବା ପ୍ରତିଭାକୁ ଚିହ୍ନଟ କରିବାର ସୁଯୋଗ ସୃଷ୍ଟି କରେ। ଭାରତୀୟ ସମ୍ବିଧାନ ଯେଉଁ ସମତାର ଧାରଣାକୁ ସ୍ୱୀକାର କରେ, ତାହା ସମାନ ବ୍ୟବହାର ନୁହେଁ, ବରଂ ନ୍ୟାୟସଙ୍ଗତ ଫଳାଫଳ ପାଇଁ ଭିନ୍ନତାକୁ ଗ୍ରହଣ କରିବା।

ୟୁଜିସି ଉପରେ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା କ୍ଷୁଣ୍ଣ କରିବାର ଅଭିଯୋଗ ମଧ୍ୟ ତଥ୍ୟସମ୍ମତ ନୁହେଁ। ଏକ ସାଂବିଧାନିକ ଓ ଆଇନଗତ ସଂସ୍ଥା ଭାବେ ୟୁଜିସିର କର୍ତ୍ତବ୍ୟ ହେଉଛି ଉଚ୍ଚଶିକ୍ଷାର ନ୍ୟୂନତମ ମାନଦଣ୍ଡ ନିର୍ଦ୍ଧାରଣ କରିବା ଏବଂ ସମତା ସୁନିଶ୍ଚିତ କରିବା। ନୂତନ ନିୟମାବଳୀ ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ କିମ୍ବା ଆଭ୍ୟନ୍ତରୀଣ ଶାସନ ବ୍ୟବସ୍ଥାରେ ହସ୍ତକ୍ଷେପ କରୁନାହିଁ। କାର୍ଯ୍ୟାନ୍ୱୟନର ଦାୟିତ୍ୱ ବିଶ୍ୱବିଦ୍ୟାଳୟଙ୍କ ପାଖରେ ରହିଥାଏ, ଯାହା ସ୍ୱାୟତ୍ତତା ଓ ଦାୟିତ୍ୱବୋଧ ମଧ୍ୟରେ ସମତୁଲତା ସୃଷ୍ଟି କରେ। କିନ୍ତୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ନୀତିର କାର୍ଯ୍ୟାନ୍ୱୟନ ନେଇ ଯୁକ୍ତିସଙ୍ଗତ ପ୍ରଶ୍ନ ରହିଛି। ସମ୍ପଦ ବଣ୍ଟନ, ଶିକ୍ଷକ ପ୍ରଶିକ୍ଷଣ, ପ୍ରଶାସନିକ କ୍ଷମତା ଓ ନିରନ୍ତର ମୂଲ୍ୟାୟନ ଏହାର ସଫଳତା ନିର୍ଣ୍ଣୟ କରିବ। ଏହିସବୁ ପ୍ରଶ୍ନ ଉପରେ ଗଭୀର ଓ ସଂରଚନାତ୍ମକ ଆଲୋଚନା ଆବଶ୍ୟକ। କିନ୍ତୁ ସମତାକୁ ଉତ୍କୃଷ୍ଟତାର ବିରୋଧୀ ଭାବେ ଉପସ୍ଥାପନ କରିବା ଏକ ଭ୍ରମ ସୃଷ୍ଟି କରିବାର ମାନସିକତା, ଯାହା ନୀତିଗତ ସୁଧାରକୁ ଅବରୋଧ କରେ।

ଭାରତ ଯଦି ତାହାର ଜନସାଂଖ୍ୟିକ ସମ୍ଭାବନାକୁ ସାର୍ଥକ କରିବାକୁ ଚାହେଁ, ଉଚ୍ଚଶିକ୍ଷାକୁ ଏକ ସମତାମୂଳକ, ପ୍ରତିସ୍ପର୍ଦ୍ଧୀ ଓ ସାମାଜିକ ଭାବେ ଦାୟିତ୍ୱବାନ ପ୍ରଣାଳୀରେ ପରିଣତ କରିବା ଅନିବାର୍ଯ୍ୟ। ୟୁଜିସିର ସମତା ନିୟମାବଳୀ ଏହି ଦିଗରେ ଏକ ବିଚାରସମ୍ମତ ପଦକ୍ଷେପ। ଏହା ଉପରେ ଆଲୋଚନା ହେଉ। ତଥ୍ୟ ଓ ବିବେକ ଦ୍ୱାରା ପରିଚାଳିତ ବିତର୍କ ହେଉ। ନାଗରିକ ଭାବେ ଏହା ଆମର ଦାୟିତ୍ୱ ଯେ ଆମେ ସରକାରଙ୍କ ବିଚାର ଏବଂ ନୀତିଗୁଡ଼ିକୁ ତ୍ରୁଟିଶୂନ୍ୟ କରିବା, ନିଷ୍ପତ୍ତିକୁ ଦୃଢ଼ କରିବା ଏବଂ ରାଷ୍ଟ୍ର ହିତରେ ନିଜର ସକାରାତ୍ମକ ଯୋଗଦାନ ରଖିବା। ଶିକ୍ଷାରେ ନୀତିଗତ ସୁଧାରର ମୂଲ୍ୟାଙ୍କନ କରିବା ସମୟରେ ସତର୍କତା, ବିବେକ ଓ ତଥ୍ୟ ଆଧାରିତ ଭାବ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟାନ୍ୱୟନ କ୍ଷମତା, ବ୍ୟବସ୍ଥା ପ୍ରସ୍ତୁତି, ସଂସାଧନ ବଣ୍ଟନ ଓ ପ୍ରତିଷ୍ଠାନଗତ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନମାନଙ୍କ ଉପରେ ଉପରଠାଉରିଆ ଆଲୋଚନା ଅପରିପକ୍ୱ ଓ ଅଗ୍ରହଣୀୟ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

## ଝିଟିପିଟି ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ଝିଟିପିଟିକୁ ନେଇ ଅନେକ ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ, ପରମ୍ପରା ଓ ମାନ୍ୟତା ରହିଛି। ଝିଟିପିଟି ଦେହବାତ୍ ଶରୀରର କେଉଁ ସ୍ଥାନରେ ପଡ଼ିଲେ, କ'ଣସବୁ ଶୁଭାଶୁଭ ଫଳ ମିଳିଥାଏ, ତାହାର ବର୍ଣ୍ଣନା ମଧ୍ୟ ଆମର ପୁରାଣଶାସ୍ତ୍ରରେ ଉଲ୍ଲେଖ ଅଛି। ଭାରତର ଅନେକ ସ୍ଥାନରେ ଝିଟିପିଟିକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ମନେକରି ପୂଜା କରାଯାଏ ଏବଂ ଝିଟିପିଟିକୁ ସମର୍ପିତ ଅନେକ ମନ୍ଦିର ମଧ୍ୟ ଅଛି।

ତାମିଲନାଡୁର କାଞ୍ଚିପୁରମ୍‌ସ୍ଥିତ ବରଦରାଜ ପେରୁମଲ୍ ମନ୍ଦିରରେ ସୁନା ଓ ରୁପାର ଦୁଇଟି ବଡ଼ ଝିଟିପିଟି ମୂର୍ତ୍ତି ରହିଛି, ଯାହାକୁ ଛୁଇଁଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୁଏ, ସୁଖସମୃଦ୍ଧି ବୃଦ୍ଧି ହୁଏ ଏବଂ ସର୍ପଦୋଷ ଦୂର ହୁଏ ବୋଲି ବିଶ୍ୱାସ ଅଛି। ସ୍ଥାନୀୟ ଲୋକମାନେ ଆରୋଗ୍ୟ କାମନା ପୂର୍ବକ ମଧ୍ୟ ଏହି ଦୁଇଟି ଝିଟିପିଟିକୁ ସ୍ୱର୍ଶ କରିଥା'ନ୍ତି। ଶ୍ରୀବିଷ୍ଣୁଙ୍କୁ ସମର୍ପିତ ଏହି ମନ୍ଦିର ଛାତରେ ଝିଟିପିଟି ମୂର୍ତ୍ତି ଅଛି। ପୌରାଣିକ କଥାନୁସାରେ ଏକଦା ମହର୍ଷିଗୌତମ ଏକ ଯଜ୍ଞ ପାଇଁ ଜଳ ଆଣିବାକୁ ଶିଷ୍ୟମାନଙ୍କୁ କହିଲେ। ଦୁଇଜଣ ଶିଷ୍ୟ ଜଳ ଘେନି ଆଶ୍ରମକୁ ଫେରିଲେ। ମହର୍ଷି ଗୌତମ ଦେଖିଲେ ଯେ ଉକ୍ତ ଜଳରେ ଏକ ମୃତ ଝିଟିପିଟି ଅଛି। ଏଥିରେ କ୍ରୋଧାନ୍ୱିତ ହୋଇ ମହର୍ଷି ଶିଷ୍ୟଦୁଇଜଣଙ୍କୁ ଝିଟିପିଟି ହୋଇ ଜନ୍ମ ନେବାକୁ ଅଭିଶାପ ଦେଲେ। ଏଥିରେ ଦୁଇଜଣ ଶିଷ୍ୟ ଆଳୁକ ହୋଇ କ୍ଷମା ମାଗିବାରୁ ମହର୍ଷିଙ୍କ ହୃଦୟ ଦୟାଭାବାପନ୍ନ ହେଲା ଏବଂ ଅଭିଶାପରୁ ମୁକ୍ତ ହେବା ପାଇଁ କାଞ୍ଚିପୁରମ୍ ଯାଇ ଶ୍ରୀବିଷ୍ଣୁଙ୍କ ତପସ୍ୟା କରିବା ପାଇଁ ମହର୍ଷି ଉପଦେଶ ଦେଲେ। ସେମାନଙ୍କ ତପସ୍ୟା ଓ ଭକ୍ତିରେ ପ୍ରସନ୍ନ ହୋଇ ଶ୍ରୀବିଷ୍ଣୁ ନିଜର ମନ୍ଦିରରେ ପୂଜା ପାଇବା ପାଇଁ ବରଦାନ ଦେଲେ। ଉକ୍ତ ଦିନଠାରୁ ସେହି ଦୁଇଶିଷ୍ୟ ସୁନା ଓ ରୁପା ଝିଟିପିଟି ଭାବେ ପୂଜା ପାଇ ଆସୁଛନ୍ତି। ତେଣୁ ଏହି ଦୁଇ ଝିଟିପିଟିକୁ ସ୍ୱର୍ଶ କଲେ ସବୁ ପାପ ନାଶ ହୋଇଯାଏ ବୋଲି ବିଶ୍ୱାସ ରହିଛି।

ଅନ୍ୟ ପୌରାଣିକ ମତାନୁସାରେ ଦେବରାଜ ଇନ୍ଦ୍ର ମା'ସରସ୍ୱତୀଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ଶ୍ରୀବିଷ୍ଣୁଙ୍କ ଦର୍ଶନ କରିବା ପାଇଁ ବରଦରାଜା ପେରୁମଲ୍ ମନ୍ଦିରକୁ ଆସିଥିଲେ। ଶ୍ରୀବିଷ୍ଣୁ ଇନ୍ଦ୍ରଙ୍କୁ ଏହି ସ୍ଥାନରେ ଅଭିଶାପରୁ ମୁକ୍ତ କରିବା ସମୟରେ ଦୁଇଟି ଝିଟିପିଟି ମଧ୍ୟ ଶ୍ରୀବିଷ୍ଣୁଙ୍କ ଦର୍ଶନ କରି ମୋକ୍ଷ ପାଇଥିଲେ। ସେହି ଦୁଇଟି ଝିଟିପିଟିର ଶରୀର ସୁନା ଓ ରୁପା ମୂର୍ତ୍ତିରେ ପରିବର୍ତ୍ତିତ ହୋଇ ମନ୍ଦିରର ଛାତରେ ରହିଛନ୍ତି। ଆଉ ଏକ କଥାନୁସାରେ ଦ୍ୱାପର ଯୁଗରେ ଯାଦବମାନେ ମନ୍ଦିର ନିକଟରେ ଥିବା ଏକ କୂଅ ଭିତରେ ଗୋଟିଏ ବିଶାଳ ଝିଟିପିଟି ଥିବା ଦେଖିଲେ। ଏକଥା ଶ୍ରୀକୃଷ୍ଣ ଜାଣିବା ପରେ ଝିଟିପିଟିକୁ କୂଅରୁ ଉଦ୍ଧାର କଲେ। ଶ୍ରୀକୃଷ୍ଣଙ୍କ ଦିବ୍ୟ ସ୍ୱର୍ଶରେ ଝିଟିପିଟି ଜଣେ ରାଜକୀୟ ବେଶଧାରୀ ବ୍ୟକ୍ତି ଭାବେ ପ୍ରକଟ ହେଲା। ସେହି ବ୍ୟକ୍ତି ଜଣେ ରାଜା ଥିଲେ ଏବଂ ବ୍ରାହ୍ମଣଙ୍କ ଅଭିଶାପରୁ ସେ ଝିଟିପିଟି ରୂପ ପାଇଥିବାର କାହାଣୀ ବର୍ଣ୍ଣନା କରିଥିଲେ।

ଏହାବ୍ୟତୀତ କାଞ୍ଚିପୁରମ୍ ନିକଟସ୍ଥ ଚେୟାର୍ ନଦୀର ଉତ୍ତର ତଟରେ ଅବସ୍ଥିତ ମଗରାଲରେ ଗୋଟିଏ ଶିବ ମନ୍ଦିର ଅଛି। ଏଠାରେ ସ୍ୱୟଂଭୂ ଶିବଲିଙ୍ଗ ମଗରାଲେଶ୍ୱର ଓ ଅଗସ୍ତେଶ୍ୱର ନାମରେ ପୂଜା ପାଇ ଆସୁଛନ୍ତି। ଏଠାରେ ସ୍ୱୟଂ ମହାଦେବ ଗୋଟିଏ ସୁନେଲି ଝିଟିପିଟି ସ୍ୱରୂପରେ ପ୍ରକଟ ବୋଲି ପୌରାଣିକ ଜନଶ୍ରୁତି ରହିଛି। ଶିବଲିଙ୍ଗର ଆକାର ଝିଟିପିଟିର ଲାଞ୍ଜ ଭଳି ଛୋଟ ଓ ଶଙ୍କୁ ଭଳି ରହିଛି। ତାମିଲ୍‌ରେ ସୁନେଲି ଝିଟିପିଟିକୁ ଉଡୁମ୍ବି କୁହାଯାଉଥିବାରୁ ଏଠାରେ ପୂଜିତ ଶିବଲିଙ୍ଗ ଉଡୁମ୍ବେଶ୍ୱର ଭାବେ ମଧ୍ୟ ବିଖ୍ୟାତ। ମନ୍ଦିରର ମୁଖ୍ୟ ପ୍ରବେଶଦ୍ୱାରରେ ଗୋଟିଏ ଝିଟିପିଟିର ମୂର୍ତ୍ତି ମଧ୍ୟ ରହିଛି। କିନ୍ତୁ ମନ୍ଦିର ସମ୍ପର୍କିତ ବିଭିନ୍ନ ଶିଳାଲେଖରେ ଏହି ମନ୍ଦିରରେ ପୂଜିତ ଶିବଲିଙ୍ଗଙ୍କୁ ଅଗସ୍ତେଶ୍ୱର ବୋଲି ବର୍ଣ୍ଣନା କରାଯାଇଛି। ମନ୍ଦିରରେ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ପ୍ରକାର ରୋଗ ଏବଂ ବିଶେଷ ଭାବେ ହାଡ଼ ସମ୍ପର୍କିତ ରୋଗ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।

ପ୍ରଥା ଓ ପରମ୍ପରା ଭିତ୍ତିକ ବିଭିନ୍ନ ବ୍ରତକଥା ମଧ୍ୟରୁ ଉମା-ମହେଶ୍ୱର ବ୍ରତ କଥାରେ ମଧ୍ୟ ଗୋଟିଏ ଝିଟିପିଟିର ବର୍ଣ୍ଣନା ରହିଛି, ଯାହାକି ମୁଖ୍ୟତଃ କପିଳୋଖ୍ୟାନ ସହିତ ଜଡ଼ିତ। ଏହି ବ୍ରତ କଥାରେ ଶଙ୍ଖିନୀ ନାମକ ଜଣେ କନ୍ୟା ନିଜ ବାପଘର ଓ ଶାଶୂଘର ପରିବାରକୁ ଅସମ୍ମାନ କରି କିଭଳି ଝିଟିପିଟି ହେବାର ଅଭିଶାପ ଭୋଗିଥିଲା ଏବଂ ସେ ପୁନଃ ଉମା-ମହେଶ୍ୱରଙ୍କୁ ପୂଜା କରି କିଭଳି ଭାବେ ମନୁଷ୍ୟ ରୂପ ଲଭିଥିଲା, ସେ ସମ୍ପର୍କିତ ବର୍ଣ୍ଣନା ରହିଛି।

ବୌଦ୍ଧ ଧର୍ମରେ ମଧ୍ୟ ଝିଟିପିଟି ପୂଜନୀୟ ବୋଲି କେତେକ ତଥ୍ୟରୁ ଜଣାପଡ଼େ। ଜାପାନର ହୋରୟୁ-ଜି ମନ୍ଦିରରେ ଝିଟିପିଟି ଆକୃତିର ଏକ ପ୍ରାଣୀର ମୂର୍ତ୍ତି ରହିଛି, ଯାହାକୁ ଭଗବାନ ବୁଦ୍ଧଙ୍କ ଉପଚାର ଶକ୍ତି ବା ହିଲିଙ୍ଗ ପାଓ୍ୱାର୍‌ର ପ୍ରତୀକ ଭାବେ ପୂଜା କରାଯାଏ। ବୌଦ୍ଧ ଧର୍ମରେ ଏହି ପ୍ରାଣୀ ଶକ୍ତିର ସଂରକ୍ଷକ ଏବଂ ପୌରାଣିକ ପ୍ରାଣୀ ଭାବେ ବିଦିତ। ଥାଇଲାଣ୍ଡର ବୌଦ୍ଧ ମନ୍ଦିରର ପ୍ରବେଶ ଦ୍ୱାରରେ ଥିବା ନାଗମୂର୍ତ୍ତିଗୁଡ଼ିକ ଝିଟିପିଟି ଆକୃତି ଅନୁସାରେ ନିର୍ମାଣ କରାଯାଇଛି। ଏହି ନାଗମାନେ ମନ୍ଦିରର ରକ୍ଷକ ବୋଲି ଜନଶ୍ରୁତି ଅଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜ୍ୟସଭା ରାଜନୀତି ଗୋଳିଆ

■ ବିଜେଡି ଖାତାକୁ ଆସିବ ଦୁଇଟି ଆସନ: ଶାରଦା
■ ଅଙ୍କ କଷିବ ଯିଏ, ଚତୁର୍ଥ ଆସନ ତାର: ବିଶ୍ୱେଶ୍ୱର
■ ପୂର୍ବାନୁମାନ କରିବା ସମ୍ପୂର୍ଣ୍ଣ ବୋକାମୀ: ସମୀକ୍ଷକ

ଭୁବନେଶ୍ୱର,୨୯।୧(ସମିସ): ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ଦିନକୁ ଦିନ ଗୋଳିଆ ହେଉଛି ଓଡ଼ିଶା ରାଜନୀତି । ବୁଧବାର ପିସିସି ସଭାପତି ଭକ୍ତଚରଣ ଦାସ ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ନବୀନଙ୍କୁ ଭେଟିବେ ବୋଲି କହିବା ପରେ ଆଜି ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ବିଜେଡି ଦୁଇଟି ଆସନରେ ବିଜୟୀ ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି । ଏଥିପାଇଁ ଦଳର ସଭାପତି ରଣନୀତି ପ୍ରସ୍ତୁତ କରିଥିବା ସାରଦା କହିଛନ୍ତି । ପୂର୍ବରୁ ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀ ଦେବାକୁ ଭକ୍ତ ଦାସ ଆଗ୍ରହ ପ୍ରକାଶ କରିବା ପରେ ଆଜି ସାରଦାଙ୍କ ଟିପ୍ପଣୀ ଅନେକ ଗୁରୁତ୍ୱବହନ କରୁଛି ।

ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେପି ୨ଟି ଓ ବିଜେଡି ଖାତାକୁ ଗୋଟିଏ ସିଟ୍ ଯିବା ନିଶ୍ଚିତ ଥିବାବେଳେ ଚତୁର୍ଥ ଆସନ ମଧ୍ୟ ଆମ ଦଳକୁ ଆସିବ । ଆମେ ରାଜ୍ୟସଭାର ୨ଟି ଆସନ ନିଶ୍ଚିତ ଭାବେ ନେଉଛୁ । ଦଳର ସଭାପତି ନବୀନ ପଟ୍ଟନାୟକ ଏଥିପାଇଁ ସମସ୍ତ ରଣନୀତି ପ୍ରସ୍ତୁତ କରି ରଖିଛନ୍ତି । କେବଳ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି । ଏପଟେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ବିଶ୍ୱେଶ୍ୱର ଟୁଡୁ କହିଛନ୍ତି ଯେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ । ଯିଏ ଅଙ୍କ କଷିବ, ସିଏ ଆସନ ହାତେଇବ । ସମସ୍ତ ଦଳ ଚାହିଁବେ ରାଜ୍ୟସଭାରେ ନିଜ ସଂଖ୍ୟା ବଢ଼ାଇବା ପାଇଁ । ବିଜେପିର ଶୀର୍ଷ ନେତୃତ୍ୱ ମଧ୍ୟ ଏ ନେଇ ଚିନ୍ତା କରୁଛନ୍ତି ବୋଲି ଶ୍ରୀ ଟୁଡୁ କହିଛନ୍ତି ।

ଅପରପକ୍ଷରେ ରାଜନୈତିକ ସମୀକ୍ଷକଙ୍କ ମତରେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ । ମାତ୍ର ପିସିସି ସଭାପତିଙ୍କ ବୟାନ ନିଶ୍ଚିତ ଭାବେ ବିଜେପିକୁ ଅକଳରେ ପକାଇଛି । ଯଦି ଚତୁର୍ଥ ଆସନ ପାଇଁ ବିଜେଡି କଂଗ୍ରେସର ପ୍ରସ୍ତାବକୁ ଗ୍ରହଣ କରିନିଏ, ତାହେଲେ ବିଜେପିର ସଂଖ୍ୟା ୨ରେ ସୀମିତ ହୋଇ ରହିଯାଇପାରେ । ତେଣୁ ନବୀନଙ୍କ ସହ ଭକ୍ତଙ୍କ ଭେଟଘାଟ ଏବଂ ଏହା ପରେ ନବୀନଙ୍କ ନିଷ୍ପତ୍ତି ଚତୁର୍ଥ ଆସନର ସଂଖ୍ୟା ଖେଳର ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ବିନା ନବୀନରେ ଚତୁର୍ଥ ଆସନ ହାତେଇବା କାହା ପକ୍ଷରେ ବି ସମ୍ଭବ ନୁହେଁ । ଉଭୟ ବିଜେପି ଓ କଂଗ୍ରେସ ୪ର୍ଥ ଆସନ ପାଇଁ ନବୀନଙ୍କ ଉପରେ ନିର୍ଭରଶୀଳ ଥିବାବେଳେ ନବୀନଙ୍କ ଗୋଟିଚାଳନାକୁ ସମସ୍ତେ ଅପେକ୍ଷା କରିଛନ୍ତି । ପୂର୍ବରୁ ଅନେକ ନିର୍ବାଚନରେ ନବୀନ ସରପ୍ରାଇଜ କାର୍ଡ ଖେଳିଥିବା ବେଳେ ନବୀନଙ୍କୁ ନେଇ କୌଣସି ପୂର୍ବାନୁମାନ କରିବା ବୋକାମୀ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି ।

# ଅଷ୍ଟମ ଛାତ୍ରଙ୍କ ବ୍ୟାଗ୍‌ରୁ ବନ୍ଧୁକ ଜବତ

■ ସାଦା ପୋଷାକରେ ପହଞ୍ଚି ପୁଲିସ ହଟହଟା
■ ସ୍କୁଲରେ ଉତ୍ତେଜନା



ବାହାନଗା,୨୯।୧(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ରେମୁଣା ବ୍ଲକ ଶ୍ରୀଜଙ୍ଗସ୍ଥିତ ଦାସ ମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗ୍‌ରୁ ପୁଲିସ ଏକ ବନ୍ଧୁକ ଜବତ କରିଛି । ଗୁରୁବାର ଅପରାହ୍ନରେ ସ୍କୁଲ ଛୁଟି ହେବା ପୂର୍ବରୁ କିଛି ଛାତ୍ରଛାତ୍ରୀ ସମ୍ପୃକ୍ତ ଛାତ୍ରଙ୍କ ନିକଟରେ ବନ୍ଧୁକ ଥିବାର ଦେଖିବାକୁ ପାଇଥିଲେ । ପରେ ଛାତ୍ରଛାତ୍ରୀମାନେ ଏ ସଂପର୍କରେ ଶିକ୍ଷକଙ୍କୁ ଜଣାଇଥିଲେ । ଖବର ପ୍ରଘଟ ହେବା ପରେ ସ୍କୁଲ କମିଟି ପହଞ୍ଚି ଘଟଣା ବାବଦରେ ବୁଝି ଖନ୍ତାପଡ଼ା ଥାନା ପୁଲିସକୁ ଜଣାଇଥିଲେ । ପୁଲିସ ପ୍ରଥମେ ବାଇକ ଯୋଗେ ସାଦା ପୋଷାକରେ ପହଞ୍ଚି ଛାତ୍ର ଜଣଙ୍କୁ ଥାନାକୁ ନେବା ସମୟରେ ସ୍ଥାନୀୟ ସ୍କୁଲ କମିଟି ଏବଂ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଡ୍ୟୁଟି ସମୟରେ ପୁଲିସ ପୋଷାକରେ ନଆସି ସାଦା ପୋଷାକରେ ଆସିଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆସିଥିବା ଥାନାର ଏଏସ୍‌ଆଇ ଉଦୟ ନାରାୟଣ ଭୋକ୍ତାଙ୍କୁ ଉତ୍ୟକ୍ତ ଲୋକେ ଅଟକ ରଖିଥିଲେ । ପରେ ଥାନାର ସବ୍-ଇନ୍ସପେକ୍ଟର ବିକ୍ରମ କୁମାର ମହାପାତ୍ର ଏବଂ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ସହ ସ୍କୁଲ କମିଟି ଏବଂ ଅଞ୍ଚଳବାସୀଙ୍କ ଯୁକ୍ତିତର୍କ ଲାଗି ରହିଥିଲା । ଏମିତିକି ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତେଜନା ଲାଗିରହିଥିଲା । ଦୀର୍ଘ ସମୟ ପରେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ଯେଉଁ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ବାହାରିଥିଲା । ସେହି ଛାତ୍ରଙ୍କୁ ପୁଲିସ ତାଙ୍କ ମାଆଙ୍କ ହେପାଜତରେ ଛାଡ଼ିଥିବା ଜଣାପଡ଼ିଛି । ସେପଟେ ବନ୍ଧୁକକୁ ପୁଲିସ ଜବତ କରି ଥାନାକୁ ନେବା ସହ ଛାତ୍ରଜଣଙ୍କ ବନ୍ଧୁକ କେଉଁଠାରୁ ଆଣିଲେ, କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଛାତ୍ର ଜଣକୁ ବନ୍ଧୁକ ଦେଇଥିଲା । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

ସୂଚନା ଥାଉକି, ଗତ ଡିସେମ୍ବର ୮ ତାରିଖରେ ଗୋପାଳପୁର ଥାନା ଗୋପାଳପୁର କଲେଜ ପରିସରରେ ଜଣେ ଛାତ୍ର ଖେଳଣା ବନ୍ଧୁକ ଦେଖାଇ ଧମକ ଚମକ ଦେଉଥିବା ବେଳେ ପୁଲିସ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏବେ ପୁଣି ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଙ୍କ ବସ୍ତାନିରୁ ବନ୍ଧୁକ ଜବତ ହେବା ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଅବଶିଷ୍ଟାଂଶ

### ୟୁଜିସିକୁ 'ସୁପ୍ରିମ'...

ଶୁଣାଣି ମାର୍ଚ୍ଚ ୧୯ରେ ହେବ । ଏକ ବିଶେଷଜ୍ଞ କମିଟି ଦ୍ୱାରା ନିୟମାବଳୀର ଯାଞ୍ଚ କରାଯିବା ଉଚିତ ବୋଲି କୋର୍ଟ କହିଛନ୍ତି । ସେପଟେ ୟୁଜିସିର ନୂଆ ନିୟମକୁ ବିରୋଧ କରି ଦେଶରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ଗୁରୁବାର ଛାତ୍ରମାନେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଉତ୍ତର କ୍ୟାମ୍ପସ ବାହାରେ ପ୍ରଦର୍ଶନ କରିଥିଲେ । ଉତ୍ତରପ୍ରଦେଶର ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସରେ, ବିଭିନ୍ନ ସଂଗଠନର ଛାତ୍ରମାନେ ରାସ୍ତାରେ ବସି ସ୍ଲୋଗାନ ଦେଇଥିଲେ । ବିକ୍ଷୋଭ ଜାରି ରହିଥିବା ସ୍ଥାନରେ ପୁଲିସ ମୁତୟନ ଅଛନ୍ତି ।

### ଏବେ ଗୋଲାପୀ...

ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଦେଶର ଅର୍ଥନୀତିରେ ସ୍ଥିରତା ପାଇଁ ଘରୋଇ କ୍ଷମତା ଓ ଉତ୍ପାଦନ ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ନୂଆ ପ୍ରୋଜେକ୍ଟ ଓ ଇକ୍ୱିଟି ନିବେଶ କାରଣରୁ ଏଫଡିଆଇର ପ୍ରବାହ ସ୍ଥିର ରହିଛି । ପୁନଶ୍ଚ ସେବା କ୍ଷେତ୍ର ଯୋଗାଣ ଦିଗରେ ଅଭିବୃଦ୍ଧିର ମୁଖ୍ୟ ବାହକ ଭାବରେ ରହିଛି । ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ସେବା ପାଇଁ ମୋଟ ମୂଲ୍ୟବୃଦ୍ଧି (ଜିଭିଏ) ୯.୩% ବୃଦ୍ଧି ପାଇଛି, ଯାହା ସମଗ୍ର ଆର୍ଥିକ ବର୍ଷ ପାଇଁ ଆନୁମାନିକ ୯.୧ ପ୍ରତିଶତ ବୃଦ୍ଧି ପାଇଛି । ଏହି ଧାରା ଏହି କ୍ଷେତ୍ରରେ ଏକ ବ୍ୟାପକ-ଭିତ୍ତିକ ବିସ୍ତାରକୁ ସୂଚାଉଛି । ମୁଦ୍ରାସ୍ଫୀତିରେ ଉଲ୍ଲେଖନୀୟ ହ୍ରାସ ସହିତ ଚାହିଦା-ଆଧାରିତ ଅଭିବୃଦ୍ଧି ଦୃଢ଼ ହୋଇଛି । ମୁଖ୍ୟତଃ ପନିପରିବା ଏବଂ ଡାଲି ମୂଲ୍ୟରେ ସଂଶୋଧନ, ଅନୁକୂଳ କୃଷି ପରିସ୍ଥିତି, ଯୋଗାଣ-ପାର୍ଶ୍ୱ ହସ୍ତକ୍ଷେପ ଏବଂ ଏକ ଦୃଢ଼ ମୂଳ ପ୍ରଭାବ କାରଣରୁ ଉପଭୋକ୍ତା ମୂଲ୍ୟସୂଚୀ ଭିତ୍ତିକ (ସିପିଆଇ) ମୁଦ୍ରାସ୍ଫୀତି ୧.୭%କୁ ହ୍ରାସ ପାଇଛି । ଜିଏସ୍‌ଟି ହ୍ରାସ ଫଳରେ ମୁଦ୍ରାସ୍ଫୀତି ମଧ୍ୟ କୋହଳ ହୋଇଛି ।

ରିପୋର୍ଟ ଅନୁସାରେ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତାର ପୃଷ୍ଠଭୂମିରେ ଭାରତର ମୋଟ ରପ୍ତାନି (ପଣ୍ୟ ଏବଂ ସେବା) ଆର୍ଥିକ ବର୍ଷ ୨୦୨୪-୨୫ରେ ରେକର୍ଡ ୮୨୫.୩ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି । ୨୦୨୫-୨୬ରେ ଏହି ଗତି ଜାରି ରହିଛି । ଆମେରିକା ଦ୍ୱାରା ଲଗାଯାଇଥିବା ଉଚ୍ଚ ଶୁଳ୍କ ସତ୍ତ୍ୱେ, ସାମଗ୍ରୀ ରପ୍ତାନି ୨.୪ ପ୍ରତିଶତ (ଏପ୍ରିଲ-ଡିସେମ୍ବର ୨୦୨୫) ବୃଦ୍ଧି ପାଇଛି । ବାହ୍ୟ କ୍ଷେତ୍ରରେ ଅର୍ଥ ବ୍ୟବସ୍ଥା ପାଇଁ ୨୦୨୫-୨୬ ଏକ ଅସାଧାରଣ ଆହ୍ୱାନପୂର୍ଣ୍ଣ ବର୍ଷ ଥିଲା । ବିଶ୍ୱ ବାଣିଜ୍ୟରେ ବୃଦ୍ଧି ପାଇଥିବା ଅନିଶ୍ଚିତତା ଏବଂ ଉଚ୍ଚ, ଦଣ୍ଡ ଶୁଳ୍କ ଲାଗୁ ନିର୍ମାତାମାନଙ୍କ ପାଇଁ ବିଶେଷକରି ରପ୍ତାନିକାରୀଙ୍କ ପାଇଁ ଚାପ ସୃଷ୍ଟି କରିଥିଲା ଏବଂ ବ୍ୟବସାୟିକ ଆତ୍ମବିଶ୍ୱାସକୁ ପ୍ରଭାବିତ କରିଥିଲା । ମଧ୍ୟମ ଅବଧିରେ ବିଶ୍ୱ ଅର୍ଥନୀତି ପାଇଁ ଦୃଷ୍ଟିକୋଣ ମନ୍ଥର ରହିଛି, ନିମ୍ନଗାମୀ ବିପଦ ସମ୍ପ୍ରତି ପ୍ରାଧାନ୍ୟ ବିସ୍ତାର କରୁଛି । ସର୍ଭେ?ରେ ଦର୍ଶାଯାଇଛି ଯେ ବର୍ତ୍ତମାନ ବୈଶ୍ୱିକ ପରିବେଶ ଦୁର୍ବଳ ରହିଛି । ଅଭିବୃଦ୍ଧି ଆଶାଠାରୁ ଭଲ ରହିଛି, କିନ୍ତୁ ତୀବ୍ର ହେବାରେ ଲାଗିଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ବିଖଣ୍ଡନ ଏବଂ ଆର୍ଥିକ ଦୁର୍ବଳତା ମଧ୍ୟରେ ବିପଦ ବୃଦ୍ଧି ପାଇଛି । ଭାରତ ପାଇଁ ବିଶ୍ୱ ପରିସ୍ଥିତି ତୁରନ୍ତ ସାମଗ୍ରିକ ଆର୍ଥିକ ଚାପ ବଦଳରେ ବାହ୍ୟ ଅନିଶ୍ଚିତତାରେ ପରିଣତ ହୋଇଛି । ଦେଶର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ମନ୍ଥର ଅଭିବୃଦ୍ଧି, ବାଣିଜ୍ୟରେ ଶୁଳ୍କ ଆଧାରିତ ବାଧା ଏବଂ ପୁଞ୍ଜି ପ୍ରବାହରେ ଅସ୍ଥିରତା ରପ୍ତାନି ଏବଂ ନିବେଶକଙ୍କ ଭାବନା ଉପରେ ମଝିରେ ମଝିରେ ଚାପ ସୃଷ୍ଟି କରିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି ।

### ସନ୍ଦେହ ଘନୀଭୂତ...

ଅନୁସାରେ ଫର୍ମ ୧୭-ସି (ବୁଥ୍‌ରେ ପଡ଼ିଥିବା ଭୋଟ୍ ସଂଖ୍ୟା) ଓ ଫର୍ମ ୨୦ (ଗଣନା ପରେ ଲିଖିତ ସଂଖ୍ୟା) ମଧ୍ୟରେ ଅସଙ୍ଗତି ସିଧାସଳଖ ଅନିୟମିତାକୁ ଇଙ୍ଗିତ କରିଛି । ସାଧାରଣତଃ ଗୋଟିଏ ବୁଥର ଫର୍ମ ୧୭-ସି ଓ ଫର୍ମ ୨୦ର ସଂଖ୍ୟା ସର୍ବଦା ସମାନ ହେବା ଉଚିତ; ହେଲେ ଓଡ଼ିଶାରେ ଏହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ରହିଛି । ଅଭିଯୋଗ ଅନୁସାରେ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ୫୮ଟି ବୁଥ୍‌ରେ ପଡ଼ିଥିବା ଭୋଟ୍ ଓ ଗଣନା ହୋଇଥିବା ଭୋଟ୍ ମଧ୍ୟରେ ବ୍ୟବଧାନ ୯୦୮ ପର୍ଯ୍ୟନ୍ତ ରହିଛି । ଫର୍ମ ୧୭ସି ଅନୁସାରେ ଫୁଲବାଣୀର ବୁଥ୍ ନମ୍ବର ୫୭ର ୬୮୨ଜଣ ଭୋଟ୍ ଦେଇଥିଲେ, କିନ୍ତୁ ଫର୍ମ ୨୦ରେ ଏହି ସଂଖ୍ୟା ଶୂନ ରହିଛି । ଏହାର ଅର୍ଥ ଫୁଲବାଣୀର ବୁଥ୍ ନମ୍ବର ୫୭ରେ ଜଣେ ମଧ୍ୟ ଭୋଟ୍ ଦେଇ ନାହାନ୍ତି । ତଳସରା ବୁଥ୍ ନମ୍ବର ୧୬୫ ଓ ୨୧୯ରେ ମଧ୍ୟ ଖଣ୍ଡିଏ ଭୋଟ୍ ଗଣନା ହୋଇ ନ ଥିବା ଦର୍ଶାଯାଇଛି । ମାତ୍ର ଫର୍ମ ୧୭ସି ଅନୁସାରେ ଏଠାରେ ମୋଟ ୧,୪୪୪ଜଣ ଲୋକ ଭୋଟ୍ ଦେଇଛନ୍ତି । କୁଚିଣ୍ଡାର ବୁଥ୍ ନମ୍ବର ୫୩ରେ ପଞ୍ଜିକୃତ ୭୭୭ଜଣ ଭୋଟରଙ୍କ ମଧ୍ୟରୁ ୬୨୭ଜଣ ଭୋଟ୍ ଦେଇଥିଲେ; କିନ୍ତୁ ଫର୍ମ ୨୦ରେ ଦର୍ଶାଯାଇଛି ଯେ ଜଣେ ମଧ୍ୟ ଏଠାରେ ଭୋଟ୍ ଦେଇନାହାନ୍ତି । ଏହାବ୍ୟତୀତ ଅନେକ ବୁଥରେ ଭୋଟ୍‌ଦାନ ସଂଖ୍ୟା ତୁଳନାରେ ଗଣନା ସମୟରେ ଅଧିକ ଭୋଟ ପଡ଼ିଛି । ପଦମପୁର ବିଧାନସଭା ନିର୍ବାଚନମଣ୍ଡଳୀ ୧୪ଟି ବୁଥ୍‌ରେ ମୋଟେ ୮୨ଟି ଭୋଟ୍ ପଡ଼ିଥିଲା । ଫର୍ମ ୧୭ ସିରେ ଏହା ଉଲ୍ଲେଖ କରାଯାଇଛି । ମାତ୍ର ଏହି ବୁଥ୍‌ଗୁଡ଼ିକର ଫର୍ମ ୨୦ ଅନୁସାରେ ୯,୩୦୪ଟି ଭୋଟ୍ ଗଣନା କରାଯାଇଛି । ଏହି ୯୨୨୨ଟି ଅତିରିକ୍ତ ଭୋଟ୍ କେଉଁଠୁ ଆସିଲା ବୋଲି ରିପୋର୍ଟରେ ପ୍ରଶ୍ନ କରାଯାଇଛି । ରିପୋର୍ଟ ଅନୁସାରେ ୨୦୨୪ରେ ଓଡ଼ିଶାର ପ୍ରାୟ ୩୭,୦୦୦ଟି ବୁଥ୍ ମଧ୍ୟର ସବୁ ବୁଥ୍‌ର ଫର୍ମ ୧୭-ସି ବିଜେଡି ପାଖରେ ନଥିଲା । ଦଳର ବୁଥ୍ ଏଜେଣ୍ଟମାନେ ସେଗୁଡ଼ିକ ସଂଗ୍ରହ କରିନଥିଲେ କିମ୍ବା ସଂରକ୍ଷଣ କରିପାରିନଥିଲେ । ପରେ ଆରଟିଆଇ ମାଧ୍ୟମରେ ୨୧ଟି ଲୋକସଭା ଓ ୧୪୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍‌ର ଫର୍ମ ୧୭ସି ପାଇଁ ଦଳ ଆବେଦନ କରିଥିଲେ ହେଁ ନିର୍ବାଚନ ଅଧିକାରୀ ଏହି ତଥ୍ୟ ପ୍ରଦାନ କଲେ ନାହିଁ । କେବଳ ଫୁଲବାଣୀ ଓ ତାଳସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ମିଳିଥିବା ଫର୍ମ ୧୭ସିରୁ ବିଜେଡି ଏତିକି ତଥ୍ୟ ହାସଲ କରିଥିଲା । ଅନ୍ୟ ନିର୍ବାଚନମଣ୍ଡଳୀ ତଥ୍ୟ ମିଳିଲେ ଆହୁରି ଭୟଙ୍କର ତଥ୍ୟ ମିଳିପାରେ ବୋଲି ଏଥିରେ କୁହାଯାଇଛି । ଅନ୍ୟପକ୍ଷରେ ଗୋଟିଏ ଦିନରେ ଗୋଟିଏ ବୁଥ୍ ଓ ଗୋଟିଏ ରୁମ୍‌ରେ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ମତଦାନ ହେଉଥିବାରୁ ସ୍ୱାଭାବିକ ଭାବରେ ଭୋଟ ସଂଖ୍ୟା ସମାନ ରହିବା କଥା । ଯଦି କିଛି ତାରତମ୍ୟ ରହେ, ତେବେ ତାହା ନଗଣ୍ୟ ହେବା କଥା । ମାତ୍ର ଆଶ୍ଚର୍ଯ୍ୟର କଥା ରାଜ୍ୟର ୨୧ଟି ସଂସଦୀୟ କ୍ଷେତ୍ର ମଧ୍ୟରୁ କେବଳ ୪ଟି ଲୋକସଭା ଓ ବିଧାନସଭାକୁ ଛାଡ଼ିଦେଲେ ଅନ୍ୟସ୍ଥାନରେ ଏହି ତାରତମ୍ୟ ଯଥେଷ୍ଟ ଅଧିକ ରହିଛି । ୪ଟି ସଂସଦୀୟ କ୍ଷେତ୍ରରେ ଏହି ତାରତମ୍ୟ ୨୦୦ ମଧ୍ୟରେ ରହିଛି । ମାତ୍ର ଅବଶିଷ୍ଟ ୧୭ଟି ସଂସଦୀୟ କ୍ଷେତ୍ରରେ ଏହି ବ୍ୟବଧାନ ୪ ହଜାର ପର୍ଯ୍ୟନ୍ତ ବୋଲି ରିପୋର୍ଟରେ କୁହାଯାଇଛି । ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଓ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଲୋକସଭା ତୁଳନାରେ ୪,୦୫୬ଜଣ ଅଧିକ ଲୋକ ଭୋଟ ଦେଇଥିବା କୁହାଯାଉଥିବାବେଳେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ବିଧାନସଭା ପ୍ରାର୍ଥୀଙ୍କ ଅପେକ୍ଷା ୩,୫୨୧ଜଣ ଅଧିକ ଲୋକ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଦେଖାଯାଇଛି । ଅନୁରୂପ ଭାବରେ ପୋଲିଂ ଦିନ ସନ୍ଧ୍ୟା ୫ଟାରେ ଘୋଷିତ ଭୋଟିଂ ପ୍ରତିଶତ ଓ ରାତି ୧୧.୪୫ରେ ଦିଆଯାଇଥିବା ପ୍ରତିଶତ ଏବଂ ଦୁଇ ଦିନ ପରେ ପୁନର୍ବାର ସଂଶୋଧିତ ହୋଇଥିବା ଭୋଟ ପ୍ରତିଶତ ମଧ୍ୟରେ ଦୃଷ୍ଟାନ୍ତମୂଳକ ପାର୍ଥକ୍ୟ ଭୋଟ ଅନିୟମିତତା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ୨୧ଟି ସଂସଦୀୟକ୍ଷେତ୍ରରେ ଏହା ୭ ପ୍ରତିଶତରୁ ଆରମ୍ଭ କରି ୧୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ସେହିପରି ରାଜ୍ୟର ୧୪୭ଟି ବିଧାନସଭା ଆସନରେ ଏହି ବୃଦ୍ଧି ୮.୫୪ ପ୍ରତିଶତରୁ ୩୦.୬୪ ପ୍ରତିଶତ ପର୍ଯ୍ୟନ୍ତ ରହିଛି । ସର୍ବାଧିକ ବୃଦ୍ଧି କେନ୍ଦୁଝରର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପରିଲକ୍ଷିତ ହୋଇଛି । ଏ ସଂକ୍ରାନ୍ତରେ ବିଜେଡିର ଅଭିଯୋଗ ପ୍ରତି ଇସିଆଇର ନିରବତାକୁ ରିପୋର୍ଟରେ ଦେଶର ଏକଦା ଗର୍ବିତ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି ।

### ନେତା ଆମଦାନୀ...

ବିଜେପି ସଭାପତି ମନମୋହନ ସାମଲ । ଏହି ବୈଠକରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇଥିଲେ ହେଁ ରାଜ୍ୟ ସଭାପତି ଅନ୍ୟ ଦଳରୁ ନେତାମାନଙ୍କୁ ଆମଦାନୀ କରି ବିଜେପିରେ ମିଶାଇବା ପାଇଁ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ମତଭେଦ ଭୁଲି କାମ କରିବା ଓ ଅନ୍ୟ ଦଳର ନେତାଙ୍କୁ ବିଜେପିରେ ମିଶାଇବାକୁ ସେ ଅଗ୍ରାଧିକାର ଦେଇଛନ୍ତି ଓ ଫେବୃଆରୀ ପହିଲାରୁ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସଭାପତି ନିର୍ଦ୍ଦେଶ ଦେଇଥିବା ଏହି ସୂତ୍ରରୁ ସୂଚନା ମିଳିଛି ।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ଭାବେ ବିଜୟ ଲାଭ କରିଥିଲା । ଏହାପରେ ସଂଗଠନ ବୃଦ୍ଧି ପାଇଁ ଛାମୁଆଁ ନେତା ବ୍ୟାପକ ମିଶ୍ରଣ ପର୍ବଠାରୁ ଅନାନ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହାସତ୍ତ୍ୱେ ବିଜେପିର ଶ୍ରୀବୃଦ୍ଧି ଆଶାନୁରୂପକ ହୋଇପାରି ନାହିଁ । ଆସନ୍ତା ଜୁନ୍ ମାସ ମଧ୍ୟରେ ନବଗଠିତ ଏନଏସିରେ ନିର୍ବାଚନ ଓ ଆସନ୍ତା ବର୍ଷ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ସଂଗଠନ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବିଶେଷକରି ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ଭଲ ପ୍ରାର୍ଥୀ ଖୋଜା ଉପରେ ଧ୍ୟାନ କେନ୍ଦ୍ରୀୟ କରିବାକୁ କୁହାଯାଇଛି । ଯେଉଁ ଅନ୍ୟଦଳର ନେତାମାନେ ବିଜେପିରେ ଯୋଗ ଦେବାକୁ ଚାହୁଁଛନ୍ତି, ପୂର୍ବର ସବୁ ମତଭେଦ, ଶତ୍ରୁତାକୁ ଭୁଲି ଦଳ ସେମାନଙ୍କୁ କୋଳାଇବ । ଏହାବ୍ୟତୀତ ବୁଥ କମିଟିଠାରୁ ଆରମ୍ଭ କରି ଶକ୍ତି କେନ୍ଦ୍ର, ମଣ୍ଡଳ, ଜିଲ୍ଲାସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ସାଂଗଠନିକ ବ୍ୟବସ୍ଥାର ସମୀକ୍ଷା, ବୁଥ୍ ଠାରୁ ଆରମ୍ଭ କରି ଜିଲ୍ଲା କମିଟି ଗଠନ; ମଣ୍ଡଳ କମିଟି ଓ ବିଭିନ୍ନ ମୋର୍ଚ୍ଚା କମିଟି ଗଠନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇ ସମସ୍ତ କାର୍ଯ୍ୟକୁ ତୁରନ୍ତ କିପରି ସମାପ୍ତ କରାଯିବ ତାର ଯୋଜନା ପ୍ରସ୍ତୁତ କରାଯାଇଛି । ଆଗାମୀ ଦିନମାନଙ୍କରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପ୍ରସଙ୍ଗରେ ଆଜିର ବୈଠକରେ ଆଲୋଚନା କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ବିଧାନସଭା ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

### ନାବାଳକକୁ ନଦୀବାଲିରେ...

ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି । ସୂଚନାନୁଯାୟୀ, ଖିଲାପଦର ଗ୍ରାମର ରମେଶ ଶବରଙ୍କ ପୁଅ ଓମ୍ ଶବର ମେରିଙ୍ଗ ଗ୍ରାମର ନିଜ ଅଜା ଘରେ ରହି ୫ ଶ୍ରେଣୀରେ ପାଠ ପଢୁଛି । ଗତ ୨୫ ତାରିଖ ସଂଧ୍ୟାରେ ସେହି ଗ୍ରାମର ଅଜୁ ଶବର, ମିଟୁ ଶବର, ଶୁକ୍ଲାଙ୍ଗ ଶବରଙ୍କ ସମେତ ଆଉ ତିନିଜଣ ନାବାଳକ ସାନନଦୀରୁ ବାଲି ଉଠାଣ ପାଇଁ ଯାଇଥିଲେ । ସେଠାରେ ଥିବା ଓମ୍‌ଙ୍କୁ ବି ସେମାନେ ବାଲି ଉଠାଇବାକୁ କହିଥିଲେ । କିନ୍ତୁ ଓମ୍ ମନା କରିଦେବାରୁ ଅଭିଯୁକ୍ତମାନେ ଓମ୍‌ଙ୍କ ଶରୀରକୁ ବେକ ପର୍ଯ୍ୟନ୍ତ ବାଲିରେ ପୋତି ଦେଇଥିଲେ । ନାବାଳକଜଣଙ୍କ ପ୍ରଶ୍ୱାସ ନେବାକୁ ଛଟପଟ ହେଉଥିବା ବେଳେ ସେମାନେ ଉପହାସ କରି ଏହାର ଭିଡିଓ ସୁଟିଂ କରିଥିଲେ । ପରେ ୬ଜଣ ଯାକ ଏକ ନିର୍ଦ୍ଦିଷ୍ଟ ସର୍ତ୍ତରେ ତାଙ୍କୁ ବାଲି ଭିତରୁ କାଢ଼ି ଛାଡ଼ିଥିଲେ । ରାତି ପ୍ରାୟ ୧୦ଟାରେ ନାବାଳକ ଘରେ ପହଞ୍ଚି ଭୟରେ କାନ୍ଦୁଥିବା ଦେଖି ପରିବାରଲୋକ ପଚାରିବାରୁ ଘଟଣା ପଦାକୁ ଆସିଥିଲା । ଅପରପକ୍ଷେ, ବାଲି ଭିତରେ ପୋତି ରଖିଥିବା ଓମ୍‌ର ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରଲ୍ ହୋଇଥିଲା । ଏନେଇ ଓମ୍‌ର ବାପା-ମା' ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ୬ଜଣଙ୍କ ମଧ୍ୟରେ ୩ଜଣ ନାବାଳକ ରହିଥିବାରୁ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଇଛି । ଆଜି ଗୁଣୁପୁର କୋର୍ଟରେ ୧୮୩ ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରାରେ ନାବାଳାକର ବୟାନ ରେକର୍ଡ କରାଯାଇଛି ।

### ବିଜେପି ନେତାଙ୍କ...

ଡିସେମ୍ବର ୧୫ ତାରିଖରେ ସ୍ୱାମୀ ଘରେ ନ ଥିବା ବେଳେ ରାଘବ ମହିଳାଙ୍କୁ ଜୋରଜବରଦସ୍ତ ଅପହରଣ କରି ନେଇଥିଲା । ତାଙ୍କୁ ସେ କିଛି ଦିନ କୌଣସି ସ୍ଥାନରେ ରଖିବା ପରେ ଘରେ ଛାଡ଼ି ଦେଇଥିଲେ । ଗତ ୩୧ ତାରିଖରେ ମହିଳା ଓ ତାଙ୍କ ପୁଅ ନିକଟସ୍ଥ ଉଲିସାହି ଛକକୁ ଯାଇଥିବା ବେଳେ ରାଘବ ଉଭୟଙ୍କୁ ଅପହରଣ କରିନେଇଥିଲା । ଏପଟେ ସ୍ତ୍ରୀ ଓ ପୁଅର କୌଣସି ସନ୍ଧାନ ନମିଳିବାରୁ ସ୍ୱାମୀ ବାଣିଗୋଛା ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ, ରାଘବ ମହିଳାଙ୍କ ସ୍ୱାମୀଙ୍କୁ ଫୋନ୍ ଯୋଗେ ହତ୍ୟା ଧମକ ମଧ୍ୟ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା । ଧମକ ଦିଆଯିବାର ଅନେକ ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା । ଏହାସହ ରାଘବ ମହିଳାଙ୍କୁ ହ୍ୱାଟ୍ସଆପ୍‌ରେ ପଠାଇଥିବା ଅନେକ ମେସେଜ ମଧ୍ୟ ମୋବାଇଲରୁ ମୋବାଇଲକୁ ଘୂରି ବୁଲିଥିଲା । ପ୍ରେମଭରା ମେସେଜ୍‌ଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହେଇଥିଲା । ଏପରି ଏକ ସମ୍ବେଦନଶୀଳ ଘଟଣାରେ ପୁଲିସ ତତ୍ପରତା ଦେଖାଇ ବୁଧବାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗୁରୁବାର ମହିଳା ଏବଂ ତାଙ୍କ ପୁଅକୁ ଉଦ୍ଧାର କରି ମହିଳାଙ୍କ ଡାକ୍ତରୀମାଇନା କରାଯାଇଥିବା ସୂଚନା ମିଳିଛି । ଉଦ୍ଧାର ମହିଳାଜଣକ ମାସେ ହେଲା ବାହାରକୁ ଯାଇ କାମ କରୁଥିବା ଗଣମାଧ୍ୟମକୁ କହିଛନ୍ତି । ମହିଳାଙ୍କ ଅପହରଣ ଘଟଣାକୁ ରାଘବ ଅସ୍ୱୀକାର କରିଛନ୍ତି । ତାଙ୍କ ସ୍ୱାମୀ କଳି, ଝଗଡ଼ା କରିବାରୁ ସେ ବାହାରକୁ ଚାଲିଯାଇଥିବା କହିଛନ୍ତି । ଅନ୍ୟପକ୍ଷେ, ରାଘବଙ୍କୁ ତୁରନ୍ତ ଗିରଫ କରିବାକୁ ବିଭିନ୍ନମହଲରୁ ଦାବି ହୋଇଛି । ପୁଲିସ ରାଘବଙ୍କୁ ଘଣ୍ଟ ଘୋଡ଼ାଇବାକୁ ସବୁ ପ୍ରକାର ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି ।

■ ବିପୁଳ ମାଓ ସାମଗ୍ରୀ ଜବତ

## ୯ଟି ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୨୯।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେରରେ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀକୁ ଜବତ କଲେ ଯବାନ । ଯବାନ ମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର କରି ଲାଲ ବାହିନୀ ଏହି ବିସ୍ଫୋରକ ରଖିଥିବା ବେଳେ ଯବାନଙ୍କ ସତର୍କତା ଯୋଗୁଁ ଏହି ଯୋଜନା ପଣ୍ଡ ହୋଇଛି ।

ସୂଚନା ଅନୁଯାୟୀ ମାଓ ବିରୋଧୀ ଅଭିଯାନରେ ଡିଆରଜି ଏବଂ ବିଏସଏଫର ଯବାନଙ୍କ ଏକ ମିଳିତ ଦଳ ଛୋଟେ ବେଟିଆ ଥାନା ଅଞ୍ଚଳର ମୋଡେମାର୍କା ନଦୀ କୂଳରେ ତଲାସି ଅଭିଯାନ କରୁଥିଲେ । ଏହି ସାମୀରେ ମାଓବାଦୀ ମାନେ ଆଇଇଡି ବୋମା ଲୁଚାଇ ରଖିଥିବା ନେଇ ସୂଚନା ପାଇ ଯବାନ ମାନେ ସତର୍କତାର ସହିତ ଘଟଣାସ୍ଥଳରୁ ତିନୋଟି ଆଇଇଡି ବୋମାକୁ ଉଦ୍ଧାର କରିଥିଲେ । ପରବର୍ତ୍ତୀ ସମୟରେ, ଯବାନ ମାନେ କାଲପାର ଜଙ୍ଗଲରୁ ମଧ୍ୟ ତଲାସି ଅଭିଯାନ ବେଳେ ଛଅଟି ଆଇଇଡି ଉଦ୍ଧାର କରିଥିଲେ । ଉଦ୍ଧାର ସମସ୍ତ ବୋମାକୁ ନିଷ୍କ୍ରିୟ କରାଯାଇଥିଲା । ଅଞ୍ଚଳରୁ ଯବାନ ମାନେ କାବହୁ ପରିମାଣରେ ଅନ୍ୟ ବିସ୍ଫୋରକ, ବିଦ୍ୟୁତ୍ ତାର ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର କରିଥିବା ବେଳେ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ବଢାଇ ଦିଆଯାଇଛି ।

## ନବରଙ୍ଗପୁର ଡବଲ୍ ମର୍ଡର: ହତ୍ୟାକାରୀକୁ ଆଜୀବନ

ବ୍ରହ୍ମପୁର,୨୯ ।୧(ସମିସ): ଗତ ପଞ୍ଚାୟତ ନିର୍ବାଚନ ବେଳେ ଅର୍ଥାତ୍ ୨୦୨୨ ମେ'ରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ନବରଙ୍ଗପୁର ଗ୍ରାମର ପ୍ରଦୀପ ସାହୁ(୨୬) ଓ ତାଙ୍କ ବନ୍ଧୁ ବାବୁ ଗୌଡ଼ (୩୮)ଙ୍କୁ ହତ୍ୟା କରାଯାଇଥିଲା । ଗୁରୁବାର ଏହି ଚର୍ଚ୍ଚିତ ଡବଲ-ମର୍ଡର୍ ମାମଲାର ଚୂଡ଼ାନ୍ତ ରାୟ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ପ୍ରକାଶ ପାଇଛି । ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ବିଜୟ ଗୌଡ଼ ଓରଫ ତୋଫାନ (୨୬)ଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟତମ ଅଭିଯୁକ୍ତ ମୟୂର ଗୌଡ଼ଙ୍କୁ କୋର୍ଟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୨ ମେ' ୨୯ ରାତି ପ୍ରାୟ ୮ଟାରେ ପ୍ରଦୀପ ଓ ବାବୁ ପୋଖରୀରେ ସ୍ନାନ ସାରି ଘରକୁ ଫେରୁଥିବା ବେଳେ ଉଭୟଙ୍କୁ ଗାଁ ଦାଣ୍ଡରେ ହତ୍ୟା କରାଯାଇଥିଲା । ଅଭିଯୋଗ ପରେ ପୁଲିସ ଏକ ମାମଲା (ନଂ.୧୮୫/୨୨ରେ) ରୁଜୁ କରିଥିଲା । ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ମାଷ୍ଟରମାଇଣ୍ଡ ବିଜୟ ଗୌଡ଼ଙ୍କୁ ସେହିବର୍ଷ ଜୁନ ୧୯ରେ ଗିରଫ କରିଥିଲେ । ଫେରାର୍ ଥିବା ମୟୂର ଗୌଡ଼ଙ୍କୁ ପୁଲିସ ମୁମ୍ବାଇରୁ ଗିରଫ କରି କୋର୍ଟଚାଲାଣ କରିଥିଲା । ରାଜନୈତିକ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା । ମାମଲାର ବିଚାରଣା ବେଳେ ୩୩ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାଶ ମକଦ୍ଦମା ପରିଚାଳନା କରିଥିଲେ ।


### ଦଲିଲ ହଜିଛି

ମୁଁ ବାଇଧର ସାହୁ, ପିତା -ଚୈତନ ସାହୁ, ନିବାସୀ - ବଡହଟାତ୍ରିଲୋଚନପୁର, ଥାନା - ଖଇରା ଜିଲ୍ଲା -ବାଲେଶ୍ୱରର ନିବାସୀ ଗତ ୨.୦୧.୨୦୨୬ରେ ମୁଁ ବାଲେଶ୍ୱର ଯିବା ରାସ୍ତା ରେ ମୋର ଦଲିଲ ଯାହାର କ୍ରମିକ ସଂଖ୍ୟା - 10111601107 ଯାହାକି ୧୮.୧୧.୨୦୧୬ ରେ ହୋଇଥିଲା, ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ତେବେ ମତେ ନିମ୍ନ ମୋବାଇଲରେ ଯୋଗାଯୋଗ କରିବେ । ମୋବାଇଲ-9777301070

CDA

### କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ ରୋଡ଼,କଟକ-୧୨

**ସୂଚନା**

ଏତଦ୍ ଦ୍ୱାରା ରତାଗଡ଼ ଲେଙ୍କାସାହି ଓ ଚଣ୍ଡୀପ୍ରସାଦ ଗ୍ରାମର ସମସ୍ତ ଜମି ମାଲିକନଙ୍କୁ ଜଣାଇ ଦିଆଯାଉଛି ଯେ ପ୍ରସ୍ତାବିତ ଟାଉନ୍ ପ୍ଲାନିଂ ଯୋଜନା–୧ (TP Scheme-1) ସନ୍ଦର୍ଭରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆସନ୍ତା ୩୧ ଜାନୁଆରୀ ସକାଳ ୧୦ ଘଟିକାରେ ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯିବ ।

ଏହି ସଭାରେ ଟାଉନ୍ ପ୍ଲାନିଂ ଯୋଜନା–୧ ସହ ସମ୍ପର୍କିତ ବିଷୟ ତଥା ସ୍ଥାନୀୟବାସିନ୍ଦାଙ୍କ ମତାମତ, ପ୍ରସ୍ତାବ ବିଷୟରେ ଆଲୋଚନା କରାଯିବ । ଉକ୍ତ ସଭାରେ ଉପସ୍ଥିତ ରହିବା ପାଇଁ ସମସ୍ତ ବାସିନ୍ଦା, ଜମି ମାଲିକ ଓ ହିତାଧିକାରୀମାନଙ୍କୁ ଅନୁରୋଧ କରାଯାଉଛି ।

ଉପାଧକ୍ଷା
କଟକ ଉନ୍ନୟନ କର୍ତ୍ତୃପକ୍ଷ

### ପୂର୍ବ ତଟ ରେଳପଥ

(1) ଟେଣ୍ଡର ସଂ.ELOP-T-01-2026

କାର୍ଯ୍ୟର ନାମ : 02(ଦୁଇ) ବର୍ଷ ଅବଧି ପାଇଁ ବାହାର ଏଜେନ୍ସି ଜରିଆରେ SLAM ଡାଟା ଏଣ୍ଟ୍ରି ନିମନ୍ତେ ଭୁବନେଶ୍ୱର ଏବଂ ପୁରୀ ଠାରେ ଟ୍ରିପ୍ ସେଡ୍ ଏବଂ ଖୋର୍ଦ୍ଧା ରୋଡ୍, ଭଦ୍ରକ, କଟକ, ହରିଦାସପୁର/ଚଣ୍ଡିଖୋଲ, କେନ୍ଦୁଝରଗଡ଼, ଛତ୍ରପୁର, ମେରାମଣ୍ଡଳୀ, ଅନୁଗୁଳ ଠାରେ କ୍ରିଉ ବୁକିଙ୍ଗ୍ ପଏଣ୍ଟ, ଖୋର୍ଦ୍ଧା ରୋଡ଼ ସ୍ଥିତ TLC କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ନିମନ୍ତେ ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 2,68,60,280.34, EMD (ଟଙ୍କାରେ) : 2,84,300/-।

(2) ଟେଣ୍ଡର ସଂ.ELOP-T-02-2026

କାର୍ଯ୍ୟର ନାମ : 02(ଦୁଇ) ବର୍ଷ ଅବଧି ପାଇଁ ବାହାର ଏଜେନ୍ସି ଜରିଆରେ ପଲାସା, ତାଳଚେର, ପାରାଦ୍ୱୀପ, ପୁରୀ, ଭୁବନେଶ୍ୱର, ଜଖପୁରା, ଯାଜପୁର କେନ୍ଦୁଝର ରୋଡ୍, ଢେଙ୍କାନାଳ, ରାଜଆଠଗଡ଼, ଟମକା ଏବଂ କାମାକ୍ଷା ସ୍ଥିତ କ୍ରିଉ ବୁକିଙ୍ଗ୍ ପଏଣ୍ଟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ନିମନ୍ତେ ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 3,00,19,033.91, EMD (ଟଙ୍କାରେ) : 3,00,100/-।

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- (ଉଭୟ ଟେଣ୍ଡର ନିମନ୍ତେ), ଶେଷ ହେବା ଅବଧି : 730 ଦିନ (ଉଭୟ ଟେଣ୍ଡର ନିମନ୍ତେ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.01.2026 ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.02.2026 ରିଖ 1730 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼
PR-1059/Q/25-26

### କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA
CAD-3111

ଅରୁଣୋଦୟ ଭବନ, ଲିଙ୍କ ରୋଡ଼ କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର), ସେକ୍ଟର-7 ରେ ପ୍ଲଟ୍ ନଂ- E/275 ଟିକୁ ନଦିୟା ବିହାରୀ ମହାନ୍ତି,ପିତା-ସ୍ୱ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି,ସା/ପୋ-ତୟେକୁଣ୍ଡ,ଥା-ପାଟକୁରା,ଜିଲ୍ଲା-କେନ୍ଦ୍ରାପଡା-୭୫୪୧୩୪ ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ନଦିୟା ବିହାରୀ ମହାନ୍ତି ଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ଭାବେ ତିନି ଜଣ ଭାଇ ୧)ଶ୍ରୀ ମଳୟ ବିହାରୀ ମହାନ୍ତି,୨)ଶ୍ରୀ ମାନସ ବିହାରୀ ମହାନ୍ତି,୩)ଶ୍ରୀ ପ୍ରଳୟ ମହାନ୍ତି ,ପିତା-ସ୍ୱପୂର୍ଣ୍ଣ ଚନ୍ଦ୍ର ମହାନ୍ତି,ସା-ଜୟତଳାଙ୍ଗ,ପୋ- ତୟେକୁଣ୍ଡ,ଥା-ପାଟକୁରା,ଜିଲ୍ଲା-କେନ୍ଦ୍ରାପଡା-୭୫୪୧୩୪ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟରେ ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

### ODISHA ADARSHA VIDYALAYA BARPADAR

BLOCK-BHEDEN, DIST-BARGARH, PIN-768104
Email id: bheden@oav.edu.in Mob-9556042271 / 7655025385
ENGAGEMENT OF GUEST FACULTIES ON CONTRACTUAL BASIS
WALK-IN-INTERVIEW

**Notification No**: 01/2026
**Date**: 30.01.2026

A Walk-In-Interview will be conducted in the Vidyalaya premises at 10 A.M on purely contractual basis for the Session **2025-26**. Kindly bring your Passport size photo, Original documents and one set of self-attested photocopies of all Certificates and Aadhar proof. Please report in concerned office of the school as mentioned. For more details please visit the official website "bargarh.odisha.gov.in"/ "https://oav.edu.in/OAVBPD"

**Age between:** 18 to 65 yrs.

**Date of Interview: Dt 06.02.2026** at OAV Barpadar, Bheden, Bargarh

| Sl No | Post Name /Number of Vacancies | Remuneration per month | Educational Qualification |
|---|---|---|---|
| 01 | PGT-Physics (01) | Rs. 25000/- | M.Sc. Physics, with B .Ed. or without B .Ed., with 60% marks. |
| 02 | PGT-Chemistry(01) | Rs. 25000/- | M.Sc. Chemistry, with B .Ed. or without B .Ed., with 60% marks. |

N.B:
1) No TA/DA will be admissible to the candidates for attending the interview.
2) Please send your Resume to our E-mail Id mentioned above by Dt 05.02.2026.

Sd/- Principal OAV
Barpadar Bheden

### AFFIDAVIT

By virtue of an Affidavit before Notary Public, Malkangiri, I **Anupama Mandal,** aged about 22 Years, W/o: Keshab Mandal, resident of village: M.V-103, PO.: Tarlakota, P.S.: Orkel, Dist.: Malkangiri, Odisha, declare by this Affidavit No.: 160/2026, Dated: 29/01/2026 that I have changed my name from Anu Mondal to **Anupama Mandal.** Henceforth I shall be known as **Anupama Mandal** for all future purposes.

### AFFIDAVIT

By virtue of an Affidavit before Notary Public, Malkangiri, I **Shibani Sardar**, aged about 22 Years, D/o: Susil Mandal & W/o: Santa Sardar, resident of village: M.V-43, PO.: Sikhapali, PO./P.S./Dist.: Malkangiri, Odisha-764045, declare by this Affidavit No.: 231/2026, Dated: 29/01/2026 that I have changed my name from Shibani Mandal to **Shibani Sardar.** Henceforth I shall be known as **Shibani Sardar** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Khordha, dated 18/12/2025. I, Gangadhar Biswal, Vill - Bhaliabadi, Baurisahi, Near TLC Road, Po -Pallahat, P.S./Dist - Khordha, Pin - 752055, Declare that I have changed the name of my son from Ram Chandra Biswal to Subham Biswal. Henceforth, he shall be known as Subham Biswal for all purposes.

**Gangadhar Biswal**

### AFFIDAVIT

By virtue of an affidavit no. 272 before Notary Public, Umerkote, Dist.- Nabarangpur, dtd. 28.01.2026, I, Manas Kumar Mandal, S/o Bhupati Mandal, resident of Village Dongriguda, U.V.3, P.O./P.S. Umerkote, Dist. Nabarangpur hereby declare that my correct name is Manas Kumar Mandal as per my Voter ID. But in my Aadhaar Card mentioned as M K Mandal. That both **Manas Kumar Mandal & M K Mandal** is one and the same person, i.e., myself.

### AFFIDAVIT

I, Amena Bibi, D/o- Ujir Khan, resident of At/Po-Pithapur, Ps- Bhograi, Dist- Baleswar, PIN-756038, Odisha declared by this affidavit No. 191, dtd-29/01/20256 that now onwards I shall be known as **AMENA BEWA** for all future purposes.

### ଦେଢ଼େଣମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା

# ସ୍କୁଲ୍‌ରେ ତାଲା ପକାଇଦେଲେ ଅଭିଭାବକ

କନ୍ଧମାଳ,୨୯ ।୧ (ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଦେଢ଼େଣମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ସମାଧାନ ହେଉନି । ଏଥିରେ ଅସନ୍ତୋଷ ପ୍ରକାଶ କରି ଅଭିଭାବକ ସ୍କୁଲରେ ତାଲା ପକାଇ ଦେଇଛନ୍ତି ।

ଏହି ବିଦ୍ୟାଳୟରେ ଶିଶୁ ବାଟିକରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୧୭୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି; ହେଲେ ୩ବର୍ଷ ହେଲା ମାତ୍ର ୩ ଜଣ ଶିକ୍ଷକ ସମ୍ଭାଳିଛନ୍ତି । ସେ ମଧ୍ୟରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟାଳୟ ଦାୟିତ୍ୱ ତୁଲାଉଛନ୍ତି । ଜଣେ ବିଏଲଓ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଦୁଇ ଜଣ ନିଜ ଦାୟିତ୍ୱରେ ସ୍କୁଲ ବାହାରେ ରହିଲେ ଜଣେ ଶିକ୍ଷକଙ୍କୁ ୯ଟି ଶ୍ରେଣୀ ବୁଝିବା କଷ୍ଟକର



ହୋଇ ପଡୁଛି । ଏଭଳି ପରିସ୍ଥିତିରେ କିଭଳି ଶିକ୍ଷାଦାନ ହେଉଥିବ ତାହା ଅନୁମେୟ। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କଣ୍ଟାମାଳ ବିଇଓଙ୍କୁ ୪ ଥର ଏ ନେଇ ଅବଗତ କରାଯାଇଛି; ହେଲେ ଫଳ ଶୂନ। ସେହିଭଳି ଜିଲ୍ଲାପାଳଙ୍କୁ ଜନ ଶୁଣାଣି ଶିବିରରେ ମଧ୍ୟ ୨ଥର ଅଭିଯୋଗ କରାଯାଇଛି । ଏହାସତ୍ତ୍ୱେ ଏଡାରେ ଶିକ୍ଷକ ନିଯୁକ୍ତି କରାଯାଉନି । ଏହାଫଳରେ ଅସନ୍ତୁଷ୍ଟ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଗୁରୁବାର ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଛନ୍ତି । ଶିକ୍ଷକ ଯୋଗାଇ ଦିଆ ନ ଗଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ପରିଚାଳନା କମିଟି ସଭାପତି ସଚ୍ଚିପତି ରଣା, ସଦସ୍ୟା ନିରୁପମା ବଗର୍ତ୍ତି, ଅଭିଭାବକ ମଦନସୁନ୍ଦର ହରିପାଳ, ବିଜୁ ବାଘ, ପ୍ରଶାନ୍ତ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି । ତେବେ ବିଦ୍ୟାଳୟରେ ତାଲା ବନ୍ଦ ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟ ବାହାରେ ରହିଥିଲେ । ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ସମାଧାନ ପାଇଁ ପହଞ୍ଚି ନ ଥିଲେ ।

## ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ବୌଦ୍ଧ,୨୯ ।୧(ସମିସ): ବୌଦ୍ଧ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍‌ର ତ୍ରି-ଦିବସୀୟ ପ୍ରଶିକ୍ଷଣ ଓ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, କଣ୍ଟାମାଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୋଜ ଭୁକ୍ତା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଓ ଜୁନିୟର ରେଡକ୍ରସ୍ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ ।

## ଗଞ୍ଜେଇ କାରବାରରେ ୩ ଗିରଫ

ବୌଦ୍ଧ,୨୯ ।୧(ସମିସ): ବୌଦ୍ଧ ପୁଲିସ ବାଲିପୁର ତିନି ପୁଲିଆ ନିକଟରୁ ଦେଶୀ ବନ୍ଧୁକ ସହ ୨୦୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ବାଲିପୁର ଗ୍ରାମର ଦୁଇ ଭାଇ ସୁରେଶ ବାଘ ଓ ସୁକାନ୍ତ ବାଘ ଏବଂ ମଲ୍ଲିକ ପଡା ଗ୍ରାମର ଲବ ଛତ୍ର ଗିରଫ ହୋଇଛନ୍ତି ।

## ଅଟଳ ବୟୋ ଅଭ୍ୟୁଦୟ ଯୋଜନା କାର୍ଯ୍ୟକ୍ରମ

ବିନିକା,୨୯ ।୧(ସମିସ): ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଡ଼ିଓ ଶରତ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା ମୁଖ୍ୟଅତିଥି, ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନ ମୁଖ୍ୟବକ୍ତା, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜରେ ବରିଷ୍ଠ ନାଗରିକଙ୍କ ଅବଦାନ ଓ ତାଙ୍କ ପ୍ରତି କର୍ତ୍ତବ୍ୟ ଉପରେ ଆଲୋକପାତ କରାଯାଇଥିଲା । ବିନିକାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ସେମାନଙ୍କୁ ନେଇ ମନୋଜ ବିଭାର ବିଭିନ୍ନ ପ୍ରତିଯୋଗିତା କରିଥିଲେ ।



ଏଥିରେ ବିଚାରକ ଭାବେ ଅଧ୍ୟାପକ ନୀଳମାଧବ ଛତ୍ର, ରୋହିତ ଧରୁଆ, ଝଲକ ମିଶ୍ର, ଦେବେଶ ଗଡନାୟକ, ପ୍ରଦୀପ ନାଏକ, ସୁବଳ ପ୍ରଧାନ, ଆକାଶ ପ୍ରଧାନୀ, ଆଶୀର୍ବାଦ ପ୍ରଧାନ, ବିଶ୍ୱମୟ ଗୁରୁ, ଅଧ୍ୟାପିକା ତୁଳସୀ ରାୟ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ଅଧ୍ୟାପକ ଧନେଶ୍ୱର ସାହୁ ସଂଯୋଜନା କରିଥଲେ । ଶିକ୍ଷକ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ମାନିସ ଆଚାର୍ଯ୍ୟ ଓ ଅଧ୍ୟାପିକା ଦୀପ୍ତିମୟୀ ଭୋଇ ସହଯୋଗ କରିଥିଲେ ।

### ଓଡ଼ିଶା ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

## ଭଲ ଚାକିରି ନୁହେଁ; ଭଲ ମଣିଷ ହେବା ଜରୁରୀ

କଣ୍ଟାମାଳ,୨୯ ।୧(ସମିସ): ସ୍ଥାନୀୟ ଓଡ଼ିଶା ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଇଗୁଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ପରିଚାଳକ ପଞ୍ଚାନନ କର୍ଣ୍ଣଙ୍କ



ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏଡିଏମ୍ ଅନିରୁଦ୍ଧ ପ୍ରଧାନ ଯୋଗ ଦେଇଥିଲେ । କେବଳ ଭଲ ଚାକିରି ନୁହେଁ; ବରଂ ଭଲ ମଣିଷ ହେବା ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରାଧ୍ୟାପକ ସନ୍ତୋଷ ବିଶି, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ, ବୌଦ୍ଧ ଜିଲ୍ଲା ଅଗ୍ନିଶମ ଅଧିକାରୀ ସୁମନ୍ତ ଜେନା, କଣ୍ଟାମାଳ ମହାବିଦ୍ୟାଳୟ ଅଧ୍ୟାପକ ବସନ୍ତ ଖଟୁଆ, କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ, ଶିମିଳିଯୋରା ପ୍ରଧାନ ଶିକ୍ଷକ ପ୍ରକାଶ ପ୍ରଧାନ, ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଉଦୟନାଥ ଧଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଶିକ୍ଷକ ଆୟୁଷ ନାୟକ ମଞ୍ଚ ପରିଚାଳନା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଆୟୁଷ ନାୟକଙ୍କ ଲିଖିତ ଓ ନିର୍ଦ୍ଦେଶିତ ସାମାଜିକ ଓ ବାଳିକା ଶିକ୍ଷା ଭିତ୍ତିକ ନାଟକ 'ଅଭିଳାଷା' ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ଶେଷରେ ଶିକ୍ଷକ ବାଳି ତିର୍କି ଧନ୍ୟବାଦ ଦେଇଥିଲେ ।

## ବୀରମହାରାଜପୁର ଲୋକମହୋତ୍ସବ ସ୍ମରଣିକା କମିଟି ବୈଠକ

ବୀରମହାରାଜପୁର,୨୯ ।୧(ସମିସ): ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ବୀରମହାରାଜପୁର ଲୋକମହୋତ୍ସବ ମାଳେଶ୍ରୀ ସ୍ମରଣିକା କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସ୍ମରଣିକା ଲାଗି ଲେଖା ଆହ୍ୱାନ, ବିଜ୍ଞାପନ, ବ୍ୟୟ ଅଟକଳ, ଫଟୋ ସଂଗ୍ରହ ଆଦି ଉପରେ ଆଲୋଚନା ହୋଇଥିଲା । ଲେଖା ଗୁଡିକ ଫେବୃୟାରୀ ୨୫ ସୁଦ୍ଧା ମଳେଶ୍ରୀ କମିଟି ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି । ସ୍ଥାନୀୟ ଲୋକକଳା, ଲୋକସାହିତ୍ୟ, ଐତିହ୍ୟ, ସଂସ୍କୃତି, ପରମ୍ପରା, ଦର୍ଶନୀୟ ସ୍ଥାନ ଆଦି ଉପରେ ସମ୍ବଲପୁରୀ, କୋଶଳୀ, ଓଡ଼ିଆ ଓ ଇଂରାଜୀରେ ଲେଖାହେବା ଆବଶ୍ୟକ ବୋଲି କୁହାଯାଇଛି । ଡ. ପ୍ରଫୁଲ୍ଲ କୁମାର ରଥ, ଭୂଷଣ ପାତ୍ର, ଅକ୍ଷୟ ରାୟ, ଶୁଭ୍ରାଂଶୁ ଶେଖର ପାଢ଼ୀ, ସଦାଶିବ ଚାନ୍ଦ, ଯୁଗଳ କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପଙ୍କଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାଦେବପାଲିରେ ହିନ୍ଦୁ ସମ୍ମିଳନୀ




ବିନିକା,୨୯ ।୧(ସମିସ): ମହାଦେବପାଲିରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶ୍ରୀକ୍ଷେତ୍ର ପୁରୀ ରାମଜୀ ମଠର ମହନ୍ତ ମହାରାଜ ବଂଶୀଧର ଦାଶ ଯୋଗଦେଇ ହିନ୍ଦୁ ଧର୍ମର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଲୋକଙ୍କୁ ନିବେଦନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ସଦ୍‌ଭାବନା ସଂଯୋଜକ ଡ. ଗୋପାଳ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସେବିକା ସମିତିର ସନ୍ତୋଷିନୀ ଚାଉଳିଆ ଯୋଗ ଦେଇଥିଲେ । ଦେବେନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ହାଡିବନ୍ଧୁ ଖମାରୀ ସଂଯୋଜନା କରିଥିଲେ । ପ୍ରଭଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂସାମୁରା ଶିଶୁ ବିକାଶ ସ୍କୁଲର ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା

ବୌଦ୍ଧ,୨୯ ।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଉଚଗ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଡାହାଣୀ ସନ୍ଦେହରେ ନିର୍ଯାତନା ମାନସିକତାକୁ ଦୂର କରିବା ଓ ସେଥିପାଇଁ ଥିବା ଆଇନ ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା ।

## ଚାଷୀଙ୍କୁ ନିରାଶ କରୁଛି ଉଠାଜଳସେଚନ ବିଭାଗ

କଣ୍ଟାମାଳ,୨୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ତିଳିକାମାଳ ଗ୍ରାମର ଦିବ୍ୟାଙ୍ଗ ଚାଷୀ ଟିକେଚନ ରଣାଙ୍କୁ ଉଠାଜଳସେଚନ ବିଭାଗ ନିରାଶ କରୁଛି । ୭ବର୍ଷ ପୂର୍ବେ ସେ ଗଭୀର ନଳକୂପ ଖୋଳିବା ପାଇଁ ଟଙ୍କା ଜମା କରିଥିଲେ । ଟଙ୍କା ଜମା କରିବା ପରେ ବିଭାଗୀୟ ଅଧିକାରୀ ଗଭୀର ନଳକୂପ ଖୋଳି ଥିଲେ । ବିଦ୍ୟୁତ୍ ଖୁଣ୍ଟ ପୋତିବା ସହ ତାର ମଧ୍ୟ ସଂଯୋଗ କରିଥିଲେ; ହେଲେ ତାଙ୍କୁ ପାଣି ପମ୍ପ ମିଳିଲା ନାହିଁ କି ବିଦ୍ୟୁତ୍ ସଂଯୋଗ ଦିଆଗଲା ନାହିଁ। ଏହା ଫଳରେ ସେ ଲୋକଙ୍କଠାରୁ ଧାର କରଜ କରି ଆଣିଥିବା ଟଙ୍କା କିପରି ପରିଶୋଧ କରିବେ ବୋଲି ଚିନ୍ତାରେ ପଡିଛନ୍ତି । ଏ ସମ୍ପର୍କରେ ଶ୍ରୀ ରଣା ବାରମ୍ବାର ବିଭାଗୀୟ ଅଧିକାରୀ ସହ ଜିଲ୍ଲାପାଳଙ୍କୁ ଜଣାଇ ଆସୁଛନ୍ତି । କେହି କିନ୍ତୁ ତାଙ୍କ କଥା କର୍ଣ୍ଣପାତ କରୁ ନ ଥିବା ସେ କହିଛନ୍ତି । ଯଥା ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି । ଏଥି ପାଇଁ ଉଠାଜଳ ସେଚନ ବିଭାଗ ଦାୟୀ ରହିବ ବୋଲି କହିଛନ୍ତି ।



## ଖବର ପ୍ରକାଶ ପରେ ମରାମତି ହେଲା ନଳକୂପ

ଶଗଡା,୨୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ପଞ୍ଚାୟତ ଗମ୍ଭାରୀଗୋରା ଗ୍ରାମରେ ଥିବା ନଳକୂପ ଶେଷରେ ମରାମତି ହୋଇଛି । ଏକ ମାସରୁ ଅଧିକ ହେବ ଏହା ଅଚଳ ଥିଲା । ଏହାଦ୍ୱାରା ଗ୍ରାମର ପାଖାପାଖି ୨୫୦ ଲୋକ ପାଣି ପାଇଁ କଲବଲ ହେଉଥିଲେ ।



ନଳକୂପକୁ ମରାମତି ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କେହି କିନ୍ତୁ ଶୁଣୁ ନ ଥିଲେ । ଶେଷରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଳା, ବଲାଙ୍ଗୀର ଜିଲ୍ଲା ଲୁଇସିଙ୍ଗାର ସୁଶାନ୍ତ ପ୍ରଧାନ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଅନନ୍ତ ମିଶ୍ର, ମନଧର କର୍ମୀ ପ୍ରମୁଖ ସଚେତନ ନାଗରିକ ଏହି ଖବରକୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ସରକାର, ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ବିଭାଗ ତତ୍ପର ହୋଇ ଉଠିଥିଲା ।

## ଜଳବିଭାଜିକା ୱାଟରସେଡ୍ ମହୋତ୍ସବ

କଣ୍ଟାମାଳ,୨୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ଆମ୍ବ ଗହଣା ଜଗନ୍ନାଥ ମନ୍ଦିରରେ ୱାଟରସେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଦୀପକ ବାରିକ, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ସମିତିସଭ୍ୟ ସୁରେନ୍ଦ୍ର ପାତ୍ର, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ହୃଷିକେଶ କହଁର ପ୍ରମୁଖ ଯୋଗ ଦେଇଥିଲେ । ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଭୂତଳ ଜଳ ସଂରକ୍ଷଣ ଓ ସୁପରିଚାଳନାରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅତିଥିଗଣ ବକ୍ତବ୍ୟ ରଖିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା ସଭାପତିତ୍ୱ କରିଥିଲେ । ମାନଭଂଜନ ମିଶ୍ର ଅତିଥି ପରିଚୟ ଦେବା ସହ ସଭା ପରିଚାଳନା କରିଥିଲେ । ଜଳଛାୟା ପ୍ରକଳ୍ପର ନୀତି ନିୟମ ସମ୍ପର୍କରେ ଏକ ସାମୂହିକ ଶପଥ ପାଠ କରାଯାଇଥିଲା । ୱାଟରସେଡ୍ ଯୋଦ୍ଧା ଓ ମାର୍ଗଦର୍ଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଭୂମିପୂଜା ଓ ଶ୍ରମଦାନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତାଙ୍କନ, ବକ୍ତୃତା, ରଚନା, କୁଇଜ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଘୋଷିକା ପ୍ରୀତିପ୍ରଜ୍ଞା ପାଣିଗ୍ରାହୀ ସାଂସ୍କୃତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ହୃଷିକେଶ କହଁର ଧନ୍ୟବାଦ ଅର୍ପଣ କରିଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଏବଂ ମାଁ ସମଲେଶ୍ୱରୀ କ୍ଷୁଦ୍ର ଅଣୁ ଜଳବିଭାଜିକା ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ବୌଦ୍ଧ,୨୯ ।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ । ବାଲ୍ୟ ବିବାହ ନିରାକରଣ ଓ ଶିଶୁ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁ ସୁରକ୍ଷା ପାଇଁ ଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ଓ ହିତାଧିକାରୀଙ୍କ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏଥିରେ ଉପସ୍ଥିତ ଥିଲେ ।

## ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନ

ବିନିକା,୨୯ ।୧(ସମିସ): ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୁରଲୀ ମାଝୀ ବିନିକା ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକଙ୍କ ସହ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ । ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ମାଝୀ ମହାବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ । ଲାଇବ୍ରେରୀ, ଲାବୋରଟୋରୀ ତଦାରଖ କରିଥିଲେ ।



### ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

## ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ହୋଇପାରିବ

ହରଭଙ୍ଗା,୨୯ ।୧(ସମିସ): ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ କୁନି କଳାକାରଙ୍କ ନାଚ ମଞ୍ଚ ଦୁଲୁକାଇଛି । ମା' ରୁଦ୍ର କାଳୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଭାପତି ସଂଗ୍ରାମ କେଶରୀ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗ ଦେଇଥିଲେ । ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ହୋଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି । କମିଟି ସଦସ୍ୟ ସଂଜୀବ ସାହୁ ମଞ୍ଚ ପରିଚାଳନା କରିଥିଲେ । କଲେଜ ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ହରଭଙ୍ଗାର ଦଣ୍ଡନୃତ୍ୟ ପରିବେଷଣ ସହ କୁନି କୁନି ପିଲାଙ୍କ ନାଚଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।



### ଅସୁରଗଡ଼ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଅଞ୍ଚଳର ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ

ମନମୁଣ୍ଡା,୨୯ ।୧(ସମିସ)



ଲୁକ୍କାୟିତ କଳାକୁ ଉଜ୍ଜୀବିତ କରାଇବା ଏବଂ ଉଦୀୟମାନ କଳାକାରଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ଲାଗି ଲୋକ ମହୋତ୍ସବ ଏକ ଉତ୍କୃଷ୍ଟ ମଞ୍ଚ । ଲୋକ ମହୋତ୍ସବ ଦ୍ୱାରା କଳାକାର ଲୋକଲୋଚନକୁ ଆସି ପାରିବେ । ଏହା ଏକ ମହାମିଳନ ତଥା ଭାଇଚାରାର ପର୍ବ । ଲୋକ ମହୋତ୍ସବ ବନ୍ଧୁତା ସ୍ଥାପନ ସହ ଅଞ୍ଚଳରେ ହସ ଖୁସିର ପରିବେଶ ସୃଷ୍ଟି କରିଥାଏ । ତେବେ ଅଞ୍ଚଳର ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ । ଜନ ମଙ୍ଗଳ ରାଷ୍ଟ୍ରରେ ସେନେଇ ଦାବି ଓ ଆନ୍ଦୋଳନ କଲେ ମଧ୍ୟ ତାହା ସରକାର ବିରୋଧୀ ନୁହେଁ । ତୃତୀୟ ଅସୁରଗଡ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଏହି ମତ ପ୍ରକାଶ ପାଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିକାଶ ନାରାୟଣ ମିଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଂଜନ ବହିଦାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ବାଦିକ ବୈଦ୍ୟନାଥ ହୋତା ସଂଯୋଜନା କରିଥିବାବେଳେ ମହୋତ୍ସବ କମିଟି ସଭାପତି ଆଶିଷ ସାହୁ ସଭାପତିତ୍ୱ କରିଥିଲେ । ଏହି ଅବସରରେ ମନମୁଣ୍ଡା ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲର ନୃତ୍ୟ ଦଳ ସମେତ ଅନେକ କଳାକାର ଓ ପ୍ରତିଭାଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ସଭା ପରେ ମହୁଲବାହାଲି, ଶାନ୍ତିପାଲି ଓ ବଡରାହାଯୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁନି କୁନି ଛାତ୍ରଛାତ୍ରୀଙ୍କ ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା । ସେହିପରି ଝାରସୁଗୁଡ଼ାର ରାଇଁଝାଇଁ, ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନର କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । ଲୋକ ନୃତ୍ୟ ସହ ସୁରେଶ ସୁନା ଓ ତୁମକି ପାଢ଼ୀଙ୍କ ସମ୍ବଲପୁରୀ ଗୀତ ଖୁବ୍ ଜମିଥିଲା । ଦର୍ଶକଙ୍କୁ ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଅଭିନେତ୍ରୀ ଆଦ୍ୟାଶା ବିଶ୍ୱାଳଙ୍କ ନୃତ୍ୟରେ ଦର୍ଶକ ମତୁଆଲା ହୋଇଥିଲେ ।

# ରାୟପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ୍‌ରେ ଲୁଟ୍

**କଣ୍ଟାବାଞ୍ଜି, ୨୯ ।୧ (ସମିସ):** ରାୟପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ୍ ସୁରକ୍ଷିତ ନୁହେଁ। ଏହି ଟ୍ରେନରେ ଯାତ୍ରା କରୁଥିଲେ ଯାତ୍ରୀଙ୍କୁ ସାବଧାନ ହେବାକୁ ପଡ଼ିବ। ନଚେତ କେତେବେଳେ ଲୁଟ୍‌ର



ଶିକାର ହେବାକୁ ପଡ଼ିପାରେ। ରେଳଯାତ୍ରୀଙ୍କୁ ସୁରକ୍ଷା ଦେବାରେ ଆରପିଏଫ ଓ ଜିଆରପି ବିଫଳ ହୋଇଛି। ଏହି ଟ୍ରେନ୍‌ରେ ଲୁଟର ଶିକାର ହୋଇଥିବା ଜଣେ ମହିଳା ଯାତ୍ରୀ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି।

ରାୟପୁର ବୀର ଶିବାଜୀ ନଗର ଜିଲ୍ଲା ସ୍ୱରସତୀ ନଗର ଥାନା ଅଞ୍ଚଳର ପୂଜା ତାଣ୍ଡି ଏହି ଟ୍ରେନରେ ଲୁଟ୍‌ର ଶିକାର ହୋଇଛନ୍ତି। ଗତ ମଙ୍ଗଳବାର ଭୋର ୩ଟାରେ ସେ ରାୟପୁର ଷ୍ଟେସନରୁ ତାଙ୍କ ପରିବାର ସହ ରାୟପୁର-ଟିଟିଲାଗଡ଼ ପାସେଞ୍ଜର ଟ୍ରେନ୍ (ନଂ ୫୮୨୧୮)ରେ ଉଠିଥିଲେ। କଣ୍ଟାବାଞ୍ଜିରେ ଓହ୍ଲାଇ ସେ ସିନ୍ଦେଧକେଲା ଥାନା ପଣ୍ଡିପାଣିକୁ ତାଙ୍କ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବାର ଥିଲା। ତେବେ ସକାଳ ସାଢେ ୫ଟା ବେଳକୁ ଖଡିଆରୋଡ ଷ୍ଟେସନରୁ ନୂଆପଡ଼ା ମଧ୍ୟରେ ସେ ଶୋଇପଡ଼ିଥିଲେ। ସେହି ସମୟରେ ତାଙ୍କ ବ୍ୟାଗ ଚୋରି ହୋଇଯାଇଥିଲା। ସେଥିରେ ଗହଣା, ମୋବାଇଲ ସହ ୫ହଜାର ଟଙ୍କା ଥିଲା। ଟ୍ରେନରୁ ଓହ୍ଲାଇ ସେ କଣ୍ଟାବାଞ୍ଜି ଜିଆରପିରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଆଧାର କରି ଅଧିକ ତଦନ୍ତ ଆରମ୍ଭ କରିଛି।

# କୋଟି ହୃଦୟର ସ୍ପନ୍ଦନ ଅଦ୍ୱିତୀୟ ନେତା ନବୀନ ପଟ୍ଟନାୟକ

**ଭବାନୀପାଟଣା, ୨୯ ।୧(ସମିସ)**

ରାଜ୍ୟ ରାଜନୀତିରେ ବହୁ ରାଜନୈତିକ ଦଳର ଆବିର୍ଭାବ ଘଟିଛି ଏବେ ମଧ୍ୟ ଘଟୁଛି। କିନ୍ତୁ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଦ୍ୱିତୀୟ ନେତା ନବୀନ ପଟ୍ଟନାୟକ ଆଜି ମଧ୍ୟ ସମସ୍ତଙ୍କ ହୃଦୟରେ ନିନାଦିତ। ସେ ଜଣେ ନୀତିନିଷ୍ଠ ସର୍ବମାନ୍ୟ ନେତା। ବିଜୁ ଜନତା ଦଳର ବଳ ବୋଲି ସାମ୍ବାଦିକ ସମ୍ମିଳନୀରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ସ୍ଥାନୀୟ ମିଡ଼ ଟାଉନ ହୋଟେଲ ପରିସରରେ ପୂର୍ବତନ ସାଂସଦ ତଥା ବଲାଙ୍ଗୀର ବିଧାୟକ କଳିକେଶ ସିଂହଦେଓଙ୍କ ସମ୍ପର୍କରେ ଦେଇଥିବା ମତାମତ ସମ୍ପର୍କରେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆମର ସର୍ବମାନ୍ୟ ଓ ଅଦ୍ୱିତୀୟ ନେତା। ଓଡ଼ିଶାବାସୀ ତାଙ୍କୁ ବହୁତ ଭଲ ପାଇବା ଦେଇଛନ୍ତି। ଏବେ ଭାରତୀୟ ଜନତା ପାର୍ଟିର ସରକାର କାଳରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି, ଯୁବକ ଓ ଚାଷୀଙ୍କୁ ନ୍ୟାୟ ଦେବାରେ ଏ ସରକାର ବିଫଳ ହୋଇଛି। ଏଣୁ ଆଗାମୀ ୨୦୨୯ ମସିହାରେ ପୁଣି ଥରେ ଲୋକଙ୍କ ଆଶୀର୍ବାଦ ପାଇ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିଧାୟକ ହିସାବରେ ଅନେକ ଜାଗାକୁ ଅତିଥି ହିସାବରେ ଆମେ ଯାଇଥାଉ। ବଲାଙ୍ଗିରର ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ମୁଁ ଅତିଥି ଭାବରେ ଯାଇ ସ୍ଥାନୀୟ ବିଧାୟକ କଳିକେଶ ସିଂହଦେଓଙ୍କ ପ୍ରଶଂସା କରି ମଞ୍ଚ ଓ ମଞ୍ଚ ତଳେ ବାଇଟ୍ ଦେବା ସମୟରେ ଉଲ୍ଲେଖ କରିଥିଲି। ଯେ, କଳୀକେଶ ଜଣେ ଜାତୀୟସ୍ତରର ରାଇଫଲ ଖେଳାଳି ଏବଂ ଜାତୀୟ ରାଇଫଲ ଆସୋସିଏସନର ସଭାପତି ମଧ୍ୟ ଅଛନ୍ତି। ସେ ଜଣେ ଭଲ ପୂର୍ବତନ ସାଂସଦ, ବର୍ତ୍ତମାନର ଯୁବ



ବିଧାୟକ ଅଟନ୍ତି। ସେ ଜଣେ ଭଲ ସ୍ପୋର୍ଟ୍ସ ମ୍ୟାନ ମଧ୍ୟ। ଆଗାମୀ ଯୁବ ପିଢ଼ି ତାଙ୍କୁ ଜଣେ ରୋଲ ମଡେଲ ଭାବରେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି ମତାମତ ଦେଇଥିଲି। ରାଜ୍ୟସ୍ତରରେ ଯୁବକମାନଙ୍କ ନେତୃତ୍ୱ ନେବା ପାଇଁ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି ବୋଲି ପ୍ରଶଂସା କରିବା ସହିତ ତାଙ୍କ ଜେଜେ ବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଥିଲି। ବଲାଙ୍ଗିରରେ ଦେଇଥିବା ମୋ ବାଇଟ୍ ଓ ଅଭିଭାଷଣକୁ କିଛି ଗଣମାଧ୍ୟମ କଟ୍ ପ୍ୟାଷ୍ଟ କରି ଉପସ୍ଥାପନା କରୁଛନ୍ତି। ତେଣୁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପରେ ମୁଁ କହିବାକୁ ଚାହେଁ ଯେ ଓଡ଼ିଶାର ସର୍ବମାନ୍ୟ ନେତା ଏବଂ ମୋର ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ସେ ଅଦ୍ୱିତୀୟ ଏବଂ ତାଙ୍କର ମାର୍ଗଦର୍ଶନରେ ଆମେ ସମସ୍ତେ ବିଧାୟକ, ସାଂସଦ, ନେତୃମଣ୍ଡଳୀ ତଥା ସମସ୍ତ ଦଳୀୟ କର୍ମକର୍ତ୍ତା କାମ କରୁଛୁ। ବିଜୁ ଜନତା ଦଳର ନେତା ନବୀନ ପଟ୍ଟନାୟକଙ୍କର ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା ଆଗକୁ ବି ଜାରିରଖିଥିବ। ବର୍ତ୍ତମାନ ସାମ୍ପ୍ରତିକ ସ୍ଥିତିରେ ଚାଷୀ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଡିରୁ ଧାନ ଉଠିପାରୁ ନାହିଁ। ମହିଳା ଓ ଯୁବକଙ୍କୁ ଆଜି ରାଜ୍ୟରେ ନିଯୁକ୍ତିର ସୁଯୋଗ ନାହିଁ। ଏହାବ୍ୟତୀତ ଅନେକେ କ୍ଷେତ୍ରରେ ଏ ସରକାର ବିଫଳ ହୋଇଛି। ତେଣୁ ତୃଣମୂଳସ୍ତରରେ ଜନ ଆକ୍ରୋଶ ଦିନକୁଦିନ ବଢ଼ିବାରେ ଲାଗିଛି। ଲୋକ ମନସ୍ଥ କଲେଣି ଆଗାମୀ ପଞ୍ଚାୟତ ନିର୍ବାଚନରେ ଜନମତ ବିଜେଡି ସପକ୍ଷରେ ଯିବା ସହ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ସରକାରକୁ ଜବାବ ଦେବେ। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ଆମେ ଯାହା କହିଲେ ବି ଅନ୍ୟ ପ୍ରକାରରେ ଉପସ୍ଥାପନା କରିବାକୁ ପ୍ରଚେଷ୍ଟା କରୁଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଛାତ୍ରନେତା ଅବିନାଶ ଠାକୁର ଓ ଯୁବନେତା ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାରୁ ହତ୍ୟା ମାମଲା

# ଦୋଷୀକୁ ଆଜୀବନ ଜେଲ

**ଭବାନୀପାଟଣା, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅନ୍ତର୍ଗତ ଭାଟେଲ ଗ୍ରାମରେ ଗତ ୨୦୨୪ ମସିହାରେ ହୋଇଥିବା ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଭବାନୀପାଟଣା ଜିଲ୍ଲା ଓ ଦୌରାଜଜ ଅନୁପ ରଞ୍ଜନ ପଟ୍ଟନାୟକ ମାମଲାର ବିଚାର କରିବା ସହିତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ସେଇ ଗ୍ରାମର ଅଭିଯୁକ୍ତ ଦଶରୁ ମାଝୀ (୬୭)ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଅତିରିକ୍ତ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାରୁ ପ୍ରକାଶ ଯେ, ଗତ ୨୦୨୪ ମସିହା ମାର୍ଚ୍ଚ ୧୦ ତାରିଖରେ ଭାଟେଲ ଗ୍ରାମର ରାମକୃଷ୍ଣ ରଣା ଚାଷ ଜମିକୁ ଯାଇଥିବାବେଳେ ଅଭିଯୁକ୍ତ ଦଶରୁ ପୂର୍ବ ଶତ୍ରୁତାକୁ ନେଇ ବାଡ଼ିରେ ପିଟି ପିଟି ହତ୍ୟା କରିଥିବା ନେଇ ନର୍ଲା ଥାନାରେ ଅଭିଯୋଗ ହୋଇଥିଲା। ମୃତ ରାମକୃଷ୍ଣଙ୍କ ପୁଅ ବିମଳ ରଣା ଏ ନେଇ ଅଭିଯୋଗ କରିଥିବାବେଳେ ତତ୍କାଳୀନ ନର୍ଲା ଥାନାଧିକାରୀ ମମତା ପାଣିଗ୍ରାହୀ ଘଟଣାର ତଦନ୍ତ ଭାର ହାତକୁ ନେଇଥିଲେ। ନର୍ଲା ଥାନା ମାମଲା ନଂ ୫୧/୨୦୨୪ ରୁଜୁ କରି ଅଭିଯୁକ୍ତ ଦଶରୁ ମାଝୀଙ୍କୁ ଗିରଫ କରି ସେତେବେଳେ କୋର୍ଟ ଚାଲାଣ କରାଯାଇଥିଲା। ମାମଲାକୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମେହେର ପରିଚାଳନା କରୁଥିଲେ।

# ବାଲ୍ୟବିବାହ ଏବଂ ନିଶାମୁକ୍ତ ଭାରତ ସଚେତନତା

**ଥୁଆମୂଳରାମପୁର, ୨୯ ।୧(ସମିସ):** ବାଲ୍ୟବିବାହ ମୁକ୍ତ ଏବଂ ନିଶାମୁକ୍ତ ଭାରତ ଗଠନ ପାଇଁ ସରକାର ନେଇଛନ୍ତି ସଚେତନତା ମୂଳକ ପଦକ୍ଷେପ। କଳାହାଣ୍ଡି




ଜିଲ୍ଲା ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି ପକ୍ଷରୁ ବ୍ଲକର ଥୁଆମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥୁଆମୂଳରାମପୁର ତାଲୁକ ଆଇନ୍ ସେବା କମିଟି ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡକ୍ଟର ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରାମର୍ଶ ଦାତା ଦେବଜ୍ୟୋତି ଯୋଷୀ, ସ୍ଥାନୀୟ ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାଶ, ପିଇଓ ସୋମଦତ୍ତ ପଣ୍ଡା ଏବଂ ଆଇନଜୀବୀ ମନୋରଞ୍ଜନ ନାଏକ ଉପସ୍ଥିତ ଥିଲେ। ଭାରତ ସରକାର ଓ ନ୍ୟାୟାଳୟର ନିର୍ଦ୍ଦେଶାନୁସାରେ ବାଲ୍ୟବିବାହ ଓ ନିଶାସେବନ ଭଳି ସାମାଜିକ କୁପ୍ରଥା ନିରୋଧ ପାଇଁ ଜେଏମ୍ଏଫ୍‌ସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତା, ବିଶେଷକରି ଯୁବପିଢ଼ି ଓ ଅଭିଭାବକମାନଙ୍କୁ ବାଲ୍ୟବିବାହର କୁପ୍ରଭାବ ଓ ନିଶାସେବନର ଦୁଷ୍ପରିଣାମ ସମ୍ପର୍କରେ ସଚେତନ କରିବା ସହିତ ଆଇନଗତ ସୂଚନା, ନାଗରିକଙ୍କ କର୍ତ୍ତବ୍ୟ, ସ୍ୱାସ୍ଥ୍ୟ ଓ ସମାଜ ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋକପାତ କରାଯାଇଥିଲା। ବାଲ୍ୟବିବାହ ମୁକ୍ତ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ସୁଦର୍ଶନ ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜେଏମ୍ଏଫ୍‌ସିର ମୁଖ୍ୟ କିରାଣୀ ଅଶୋକ ସାହୁଙ୍କ ସହ ସମସ୍ତ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।

## ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼, ୨୯ ।୧(ସମିସ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତାଳଜାରିଙ୍ଗ ପଞ୍ଚାୟତ ରେଲୱେ ବ୍ରିଜ ନିକଟରେ ଗୁରୁବାର ଜୁନାଗଡ଼ ଭୁବନେଶ୍ୱର ଟ୍ରେନ ଧକ୍କାରେ



ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜୁନାଗଡ଼ର ଅମିତ ମିଶ୍ରଲ ବୋଲି ଜଣାପଡ଼ିଛି। ଯୁବକ ଜଣକ ଚାର୍ଟଡ଼ ଆକାଉଣ୍ଟ ଥିବାବେଳେ ଘଟଣାସ୍ଥଳକୁ କେମିତି ଗଲେ ଓ କେଉଁ କାରଣ ଯୋଗୁଁ ତାଙ୍କର ଟ୍ରେନ ସହିତ ଧକ୍କା ହେଲା ତାହା ବର୍ତ୍ତମାନ ସୁଦ୍ଧା ମଧ୍ୟ ଜଣାପଡ଼ିନାହିଁ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ହାରାବତି ନାଏକଙ୍କ ପରଲୋକ

**ଜୁନାଗଡ଼/ସିନାପାଲି, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଳମଲା ଗ୍ରାମର ଧର୍ମପରାୟଣ ମହିଳା ହାରାବତି ନାଏକ(୮୬)ଙ୍କ ଗୁରୁବାର ଅପରାହ୍ନରେ



ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଘରେ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ତଳମଲା ଗ୍ରାମର ଗୌନ୍ତିଆ ପରିବାରର ମଝିଆ ବୋହୂ ହୋଇ ଥିଲେ। ମୃତ୍ୟୁରେ ଅନେକ ଲୋକ ଜ୍ଞାତି କୁଟୁମ୍ବ, ବନ୍ଧୁବାନ୍ଧବ ପରିବାର ପରିଜନ ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶେଷରେ ଗ୍ରାମର ନଦୀକୂଳରେ ଶବଦାହ କରାଯାଇଥିବା ବେଳେ ନାତି ସୁରଜ ନାଏକ ଓ ବୁଢୁ ମଶ୍ରା ମୁଖାଗ୍ନି ଦେଇଥିଲେ।

# ବିଧାୟକଙ୍କ ଧାନ ମଣ୍ଡି ପରିଦର୍ଶନ



**କଲମପୁର, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଚାଷୀମାନେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଗସ୍ତ ସମୟରେ ମଣ୍ଡି ପରିଦର୍ଶନ ପାଇଁ ଅନୁରୋଧ କରିଥିଲେ। ଅନୁରୋଧକୁ ରକ୍ଷାକରି ବିଧାୟକ ଶ୍ରୀ ମିଶ୍ର କଲମପୁର ଧାନ ମଣ୍ଡି ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଚାଷୀଙ୍କ ସମସ୍ୟା ପଚାରି ବୁଝିବା ସହିତ ମିଲର୍ସ ଓ ପ୍ରଶାସନକୁ ସମାଧାନ ଲାଗି ପଦକ୍ଷେପ ନେବାକୁ କହିଥିଲେ। କଲମପୁର ପାକ୍ସ ଅନ୍ତର୍ଗତ ମଣ୍ଡିରେ ସମୁଦାୟ ୪୧ ହଜାର କୁଇଣ୍ଟାଲ ଧାନକ୍ରୟ ଲାଗି ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୬ ହଜାର କୁଇଣ୍ଟାଲ ଧାନ କ୍ରୟ ହୋଇ ସାରିଛି। ଅବଶିଷ୍ଟ ୫ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି ଲାଗି ପଡ଼ି ରହିଛି, ସେଥିରେ ମିଲମାନଙ୍କରେ ସ୍ଥାନର ଅଭାବ ଦର୍ଶାଇ ମିଲର୍ସମାନେ ଧାନ ଉଠାଣ କରୁନଥିବା ଚାଷୀମାନେ ଅଭିଯୋଗ କରିଥିଲେ। କେତେକଙ୍କ ଟୋକନ ଆସିନ ଥିବା ବେଳେ କେତେକଙ୍କ ଅଳ୍ପ ପରିମାଣର ଟୋକନ ଆସିଛି, ଯାହାରି ଫଳରେ ଧାନ ବିକ୍ରୟରେ ସମସ୍ୟା ଦେଖା ଦେଇଛି ବୋଲି ଅଭିଯୋଗ ହୋଇଥିଲା। ବିଧାୟକ ଶ୍ରୀ ମିଶ୍ର ମିଲର୍ସଙ୍କୁ ତୁରନ୍ତ ଗାଡି ପଠାଇ ଧାନ ଉଠାଣ କରିବାକୁ ଅନୁରୋଧ କରିଥିଲେ। ଆସନ୍ତାକାଲି ୮ଟି ଟ୍ରକ୍ ଆସି ଧାନ ଉଠାଣ କରାଯିବାକୁ ମିଲର୍ସ ମାନେ ରାଜି ହୋଇଥିବା ବେଳେ ଟୋକନ ନିମନ୍ତେ ବିଧାୟକ ଶ୍ରୀ ମିଶ୍ର କଳାହାଣ୍ଡି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷେ ଟୋକନ ସମସ୍ୟାର ସମାଧାନ ନ ହେଲେ ସାରା ଜିଲ୍ଲାର ଚାଷୀମିଶି ଆସନ୍ତା ୩ ତାରିଖ ଦିନ ଜିଲ୍ଲାପାଳ ଅଫିସ ଘେରାଉ କରିବା ବୋଲି କହିବା ସହିତ ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହେଉ ତାହା ଆମର ମୂଳଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ।

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ଭବାନୀପାଟଣା, ୨୯ ।୧ (ସମିସ):** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍କିଲ ଡେଭଲପମେଣ୍ଟ ସେଲ୍‌ଫ ଓ ବିବିଏ-ବିସିଏ ତଥା ଫିଟ ଆଇଆଇଟି, ଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଏଆଇ ପାୱାରଡ୍ ବ୍ଲକ ଚେନ ବ୍ୟୁଲଡର ସ୍କିଲିଙ୍ଗ ପ୍ରୋଗ୍ରାମ'୨୭ରୁ ଆରମ୍ଭ ହୋଇ ୩ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କୁଳସଚିବ ଡ.ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ.ଜୟଦେବ ସାହୁ ବକ୍ତବ୍ୟ ରଖିଥିଲେ। ଛାତ୍ରମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଲିକା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିବିଏ-ବିସିଏ ବିଭାଗର ଅଧ୍ୟାପକ ସୁବାଶିଷ ମିଶ୍ର ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଫିଟ, ଆଇଆଇଟି, ଦିଲ୍ଲୀର ପ୍ରକଳ୍ପ ନିର୍ଦ୍ଦେଶକ ରାଘବନ ସୁନ୍ଦରରଞ୍ଜନ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ। ଆସ୍ୱେୟ ସଲ୍ୟୁସନ୍ସର ସିଟିଓ ତଥା ସହପ୍ରତିଷ୍ଠାତା ଅଜୟ ପାଠକ ବକ୍ତାରୂପେ ଉପସ୍ଥିତ ହୋଇ ବ୍ଲକଚେନ ବିଷୟରେ ଆଲୋଚନା କରିଥିଲେ। ଶ୍ରୀ ପାଠକ ଆନ୍ତର୍ଜାତିକ ବ୍ଲକଚେନ ପ୍ରଶିକ୍ଷକ ଭାବରେ ଦେଶବିଦେଶରେ ସୁନାମ ଅର୍ଜନ କରିଛନ୍ତି। ବିବିଏ-ବିସିଏ ବିଭାଗର ଅଧ୍ୟାପିକା ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ ମିନି ମାରାଥନ୍

**କୋମନା, ୨୯ ।୧ (ସମିସ):** ମହାତ୍ମାଗାନ୍ଧୀଙ୍କ ପୁଣ୍ୟତିଥି ବା ତିରୋଧାନ ଦିବସ ଅବସରରେ ନୂଆପଡ଼ା ଜିଲ୍ଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ମିନି ମାରାଥନ୍ ଅନୁଷ୍ଠିତ ହେବାକୁ ଯାଉଛି। ଅହିଂସାର ପୂଜାରୀ ବାପୁଙ୍କ ସ୍ମୃତି ଚାରଣ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ୩୦ ଜାନୁଆରୀରେ କୋମନାରେ ନୂଆପଡ଼ା ଜିଲ୍ଲାର ଆୟୋଜକ ଜିଲ୍ଲା ଯୁବ କଂଗ୍ରେସ କମିଟି ପକ୍ଷରୁ ମାରାଥନ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନ୍ ଏବଂ ଜିଲ୍ଲା କଂଗ୍ରେସର ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ଦୌଡ଼ କେବଳ ଏକ ଶାରୀରିକ କସରତ ନୁହେଁ ବରଂ ଏକତା ଏବଂ ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରସାର ପାଇଁ ଏକ ମାଧ୍ୟମ। ମିନି ମାରାଥନରେ ଯୋଗ ଦେବା ପାଇଁ ଜିଲ୍ଲାର ସମସ୍ତ ଯୁବକ ଯୁବତୀ ତଥା କ୍ରୀଡ଼ାପ୍ରେମୀଙ୍କୁ ଆୟୋଜକ କମିଟି ପକ୍ଷରୁ ନିବେଦନ କରିଛନ୍ତି।

# ହିନ୍ଦୁତ୍ୱ ହିଁ ସମଗ୍ର ବିଶ୍ୱକୁ ଏକ ସୂତ୍ରରେ ବାନ୍ଧି ପାରିବ

**ଭବାନୀପାଟଣା, ୨୯ ।୧ (ସମିସ):** ହିନ୍ଦୁ ସମାଜ ଭବାନୀପାଟଣା ପକ୍ଷରୁ କାଳୀମନ୍ଦିର ବସତି ଯୋଜନାରେ ଏକ ହିନ୍ଦୁ ସମ୍ମିଳନୀ ନକଟିଗୁଡ଼ାସ୍ଥିତ ଲାଖମରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗାୟତ୍ରୀ ଯଜ୍ଞ ଓ ଭଜନ,



କୀର୍ତ୍ତନ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶବର ସମାଜର ମୁଖିଆ ଜଗଦୀଶ ଶବର ମୁଖ୍ୟ ଅତିଥି, ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀର ସଦସ୍ୟ ସନ୍ଥ ମଧୁସୂଦନ ଦାସ ଆଶିର୍ବଚକ ଓ ବିଶ୍ୱ ହିନ୍ଦୁ ପରିଷଦର କଳାହାଣ୍ଡି ଓ କୋରାପୁଟ ବିଭାଗର ସଙ୍ଗଠନ ମନ୍ତ୍ରୀ ରାମଚନ୍ଦ୍ର ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ହିନ୍ଦୁ ଧର୍ମର ଶ୍ରେଷ୍ଠ ଆଚରଣ ଓ ହିନ୍ଦୁତ୍ୱ ହିଁ ସମଗ୍ର ବିଶ୍ୱକୁ ଏକ ସୂତ୍ରରେ ବାନ୍ଧି ପାରିବ ଓ ହିନ୍ଦୁ ଜୀବନ ଶୈଳୀ ଆଧାରରେ ସାମାଜିକ ସମରସତା, ପର୍ଯ୍ୟାବରଣ ସୁରକ୍ଷା, ଆଦର୍ଶ ଭାରତୀୟ କୁଟୁମ୍ବ ବ୍ୟବସ୍ଥା ଓ ନାଗରିକ ଶିଷ୍ଟାଚାର ଆଧାରରେ ଏକ ସମରସ ସମ୍ପନ୍ନ ଓ ସ୍ୱାଭିମାନୀ ହିନ୍ଦୁ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଓ ପ୍ରିୟାଂଶୁ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୭ଶହରୁ ଉର୍ଦ୍ଧ୍ୱ ସଂଖ୍ୟାରେ ହିନ୍ଦୁ ସମାଜର ବିଭିନ୍ନ ବର୍ଗ ଓ ଶ୍ରେଣୀର ମୁଖିଆ ଏବଂ ହିନ୍ଦୁ ଭାଇ ଭଉଣୀ ଯୋଗ ଦେଇଥିଲେ। ଶାନ୍ତନୁ କୁମାର ମୁଣ୍ଡ, ସନ୍ତୋଷ ଦାସ, ରମେଶ ରାଉଳ, ସଂଗ୍ରାମ ପ୍ରଧାନ, ସୁଶାନ୍ତ ନିଆଲ, ସତ୍ୟବାନ ଗମାଙ୍ଗ, ମନୋଜ ନାଏକ, ନବୀନ ସିଂ, ଅବିନାଶ ବାଘ, ମାଧବ ଦାସ ଓ ଲୋକେଶ ରଣା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ସଚେତନତା କର୍ମଶାଳା




**ଥୁଆମୂଳରାମପୁର, ୨୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କର୍ତ୍ତବ୍ୟ' ପକ୍ଷରୁ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଳଭଦ୍ର ଜାନୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମଦତ୍ତ ପଣ୍ଡା, ଗୋଷ୍ଠୀ ଉପସ୍ୱାସ୍ଥ୍ୟ କେନ୍ଦ୍ର କରାଙ୍ଗର ଅଧିକାରିଣୀ ଯାଜ୍ଞସିନୀ ମାଝୀ, ଏଏନ୍ଏମ୍ ବଗୁଲି ଭୋଇ, ଏଏନ୍ଏମ୍ ଚଞ୍ଚଳା ମାଝୀ ଏବଂ ଏଏନ୍ଏମ୍ ବାସନ୍ତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଉକ୍ତ କର୍ମଶାଳାରେ 'କର୍ତ୍ତବ୍ୟ'ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଭିନ୍ନ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ୧୦ରୁ ୧୯ ବର୍ଷର କିଶୋରୀ ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। 'କର୍ତ୍ତବ୍ୟ' ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସୁଦର୍ଶନ ନାଏକ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ମାତୃ ଓ ଶିଶୁ ମୃତ୍ୟୁ ଶୂନ୍ୟ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ କରିବାକୁ ଗୁରୁତ୍ୱ

**ନୂଆପଡ଼ା, ୨୯ ।୧(ସମିସ)**

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଶିଶୁମୃତ୍ୟୁ ହାର କମାଇବା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତିରୋଧ ସହ ହସ୍ତକ୍ଷେପ ନୀତିକୁ ଅଧିକ ସଫଳତାର ସହ ରୂପାୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଏନଏମମାନେ ସେକ୍ଟରସ୍ତରୀୟ ବୈଠକ ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ସଚେତନ କରି ଶିଶୁମୃତ୍ୟୁ ରୋକିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ କହିଥିଲେ। ବୈଠକରେ ଅକ୍ସିଜେନ ଅଭାବ, କମ ଜନ୍ମ ଓଜନ, ଜଣ୍ଡିସ,




ସମୟପୂର୍ବ ଜନ୍ମ ଓ ଅନ୍ୟାନ୍ୟ କାରଣରୁ ଶିଶୁମୃତ୍ୟୁ ଘଟୁଥିବା ବିଷୟ ଉପରେ ଆଲୋଚନା କରାଯାଇ, ଏହାକୁ ରୋକିବା ପାଇଁ ସମୟୋଚିତ ଚିହ୍ନଟ, ଚିକିତ୍ସା ଓ ରିଫରାଲ୍ ବ୍ୟବସ୍ଥାକୁ ମଜବୁତ କରିବାକୁ ଜୋର ଦିଆଯାଇଥିଲା। ବୈଠକର ଆରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠୀ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଏବଂ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସତ୍ୟନାରାୟଣ ତ୍ରିପାଠୀ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲାରେ ନିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ, ସି-ସେକ୍ସନ୍ ଓ ପ୍ରତିଷ୍ଠାନଗତ ପ୍ରସବ, ଟିକାକରଣ, ଅସଂକ୍ରାମକ ରୋଗ, ପିଏମଜେଏୱାଇ ଓ ଏଭିଭିୱାଇ ଯୋଜନା ସହିତ ସମ୍ପୃକ୍ତ ବିଷୟଗୁଡ଼ିକ ଉପରେ ସମୀକ୍ଷା କରାଯାଇଥିଲା। ଏହା ସହିତ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଡେଲିଭରୀ ପଏଣ୍ଟରେ ନବଜାତ ସ୍କ୍ରିନିଂ ଓ ଏବିଏଚଏ ଆଇଡି ସୃଷ୍ଟି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସ୍ୱର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନରେ ସଚେତନତା ପାଇଁ କାମ କରିଥିବା କୋମନାର ଛାତ୍ରୀ ଇନ୍ଦୁମତୀ ଦୁହିଆ ଓ ନୂଆପଡ଼ାର ହିନା ରାଣୀ ସାହୁଙ୍କୁ ଏହି ଅବସରରେ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରକୁ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗ କରିଥିଲେ। ବୈଠକରେ ଡିଏମଓ (ଏମଏସ) -କମ୍-ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଲଳିତ ମୋହନ ବିଶି, ଡିପିଏଚଓ ଡାକ୍ତର ଦ୍ୱାରିକାନାଥ ସତପଥୀ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ନୂଆପଡ଼ା, ୨୯ ।୧(ସମିସ):** ନୂଆପଡ଼ା ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦୁଇଦିନିଆ ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଜିଲ୍ଲାପାଳ




ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ସମସ୍ତ ଜୁନିଅର ରେଡ୍‌କ୍ରସ ସଦସ୍ୟ ଓ କାଉନସିଲରମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ରକ୍ତଦାନ ଶିବିରର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରେଡ୍‌କ୍ରସ ଅଫ ଇଣ୍ଡିଆର ସଦସ୍ୟ ଡ.ଶିବ ପ୍ରସାଦ ବେହେରା, ମୁଖ୍ୟଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀ ଉପସ୍ଥିତ ଥିଲେ। ଉଦ୍‌ବୋଧନରେ ଜିଲ୍ଲାପାଳ କହିଥିଲେ ସେବା କାର୍ଯ୍ୟ ସଦା ଶୃଙ୍ଖଳା ଓ ନିଷ୍ଠା ସହିତ କରିବା ଆବଶ୍ୟକ। କୌଣସି ସେବା କାର୍ଯ୍ୟ ସଫଳ ହେଲାପରେ ନିଜକୁ ଗର୍ବିତ ମନେ କରିବା ଉଚିତ ନୁହେଁ। ପିଲାମାନେ ପ୍ରାଥମିକ ଶିକ୍ଷା ଦିନରୁ ସେବା ମନୋଭାବ ଅଭ୍ୟାସ କରିବା ଦରକାର।। ବାପା ମାଙ୍କ ସେବା, ପରିବେଶ ପ୍ରତି ଦାୟିତ୍ୱବୋଧ ଓ ସମାଜ ପାଇଁ କାର୍ଯ୍ୟ କରିବା ହେଉଛି ପ୍ରକୃତ ସେବା ବୋଲି ଉଲ୍ଲେଖ କରିଥିଲେ। ଶୃଙ୍ଖଳା ଓ ନିୟମିତତା ଯେଉଁଠି ଥାଏ, ସେଠି ସଠିକ ସେବାର ପରିଚୟ ମିଳେ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ପାଞ୍ଚଟି ବ୍ଲକରୁ ଆସିଥିବା ଜୁନିଅର ରେଡ୍‌କ୍ରସ ଛାତ୍ରଛାତ୍ରୀଙ୍କ ସହ ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିବିରରେ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମରେ ୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଭିଜିଲାନ୍ସ ଜାଲରେ ଏସ୍‌ସିବି ଡାକ୍ତର

କଟକ, ୨୯ ।୧(ସମିସ): ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ (ଏସ୍‌ସିବି)ର ହେପାଟୋଲୋଜି ବିଭାଗ ଆସୋସିଏଟ୍ ପ୍ରଫେସର ଡାକ୍ତର ସନାତନ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଡାକ୍ତର ବେହେରା ସ୍କୁଟରରେ ୨.୬୩ ଲକ୍ଷ ନଗଦ ଟଙ୍କା ଧରି ନିଜ ସରକାରୀ ବାସଭବନକୁ ଯାଉଥିବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ଧରିଛି। ଏହି ଟଙ୍କା ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଭିଜିଲାନ୍ସ ଟଙ୍କା ଜବତ କରିବା ସହ ତାଙ୍କୁ ହେପାଜତକୁ ନେଇଛି।



ହେପାଟୋଲୋଜି ବିଭାଗକୁ ଚିକିତ୍ସା ଉପକରଣ ଯୋଗାଇବା ପାଇଁ ଟେଣ୍ଡର୍ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବିଡରଙ୍କଠାରୁ ବେଆଇନ ଭାବେ ଅର୍ଥ ସଂଗ୍ରହ କରାଯାଉଥିବା ନେଇ ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଡାକ୍ତର ବେହେରା ଏହି ଦାୟିତ୍ୱରେ ଥିବା ବେଳେ ସେ ଲାଞ୍ଚ ଆକାରରେ ଏହି ଟଙ୍କା ସଂଗ୍ରହ କରିଥିବା ଅଭିଯୋଗ ଆସିଥିଲା। ଏଥିପାଇଁ ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଡାକ୍ତର ବେହେରା ନିଜର ଆକ୍ଟିଭା ସ୍କୁଟର୍ (ଓଡି୦୫-ବିଏସ-୬୩୦୯) ଯୋଗେ କାଠଗୋଲା ସାହି-ମେଡିକାଲ ରୋଡ୍ ଦେଇ ନିଜର କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ସରକାରୀ ବାସଭବନକୁ ଯାଉଥିବା

**ସ୍କୁଟର୍‌ରେ ୨.୬୩ଲକ୍ଷ ଟଙ୍କା ନେଇ ଯାଉଥିବା ବେଳେ ଧରାପଡିଲେ**

ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମଝି ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ। ଏହି ଘଟଣା ପରେ ଡାକ୍ତର ବେହେରାଙ୍କ ସହ ଜଡ଼ିତ ୩ଟି ଭିନ୍ନଭିନ୍ନ ସ୍ଥାନ ତଥା ସିଡିଏସ୍ଥିତ ଘର, ସରକାରୀ ବାସଭବନ ଓ ମେଡିକାଲସ୍ଥିତ ଚାମ୍ବରରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଠାବ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସରେ ଦୁର୍ନୀତି ନିବାରଣ ଆଇନ ୨୦୧୮ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି। ଡାକ୍ତର ବେହେରାଙ୍କୁ ଏହି ଅର୍ଥର ଉତ୍ସ ସମ୍ପର୍କରେ ଅଧିକ ପଚରାଉଚରା କରାଯାଉଛି।

# ନାରୀ ନିର୍ଯାତନା ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି ଥିଲେ ହେଉନି କାର୍ଯ୍ୟାନୁଷ୍ଠାନ: ବିଜେଡି

ଭୁବନେଶ୍ୱର,୨୯।୧(ସମିସ): ରାଜ୍ୟରେ ମହିଳା ନିର୍ଯାତନା ମାମଲା ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ବେଳେ ଏହି ମାମଲାଗୁଡ଼ିକରେ ବିଜେପି ନେତାମାନଙ୍କର ସମ୍ପୃକ୍ତି ସାମ୍ନାକୁ ଆସୁଛି। ଏମାନଙ୍କୁ ରାଜ୍ୟ ବିଜେପି ସରକାର ସୁରକ୍ଷା ପ୍ରଦାନ କରୁଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଗୁରୁବାର ପୂର୍ବାହ୍ନରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଶପଲ୍ଲା ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଦଳର ପ୍ରବକ୍ତା ଲୋରା ମହାପାତ୍ର କହିଥିଲେ ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଶ୍ରୀ ବେହେରା କହିଥିଲେ ଯେ ଦଶପଲ୍ଲା ବିଧାନସଭା ଆସନ ପାଇଁ ଗତ ନିର୍ବାଚନରେ ହୋଇଥିବା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ଜଣେ ବିବାହିତ ତଥା ଦୁଇଟି ସନ୍ତାନର ମା'କୁ ଅପହରଣ କରିନେଇ ନିଜ କବ୍‌ଜାରେ ରଖିଛନ୍ତି ବୋଲି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଡିସେମ୍ବର ୩୧ ତାରିଖରୁ ମହିଳା ଜଣକ ଅପହୃତ ହୋଇଥିବା ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ମହିଳାଙ୍କ ସ୍ୱାମୀ ତାଙ୍କ ପତ୍ନୀ ରାଘବଙ୍କ ଦ୍ୱାରା ଅପହୃତ ହୋଇଛନ୍ତି ବୋଲି ଅଭିଯୋଗ କରିବା ସହିତ ରାଘବ ଓ ତାଙ୍କ ପତ୍ନୀଙ୍କ

- **ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ମହିଳା ଅପହରଣ ଅଭିଯୋଗ**
- **ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଲା ବିଜେଡି**

ସହିତ ହୋଇଥିବା ହ୍ୱାଟ୍ସଆପ୍ ଚାଟ୍‌କୁ ଥାନାରେ ପ୍ରମାଣ ସ୍ୱରୂପ ଦାଖଲ କରିଛନ୍ତି। ଏଥିରେ ଅଭିଯୁକ୍ତ ରାଘବ ମହିଳା ଜଣଙ୍କୁ ପ୍ରେମ ନିବେଦନ କରୁଛନ୍ତି। ଏହାଛଡ଼ା ରାଘବ ମହିଳାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା କହିଥିଲେ ଯେ ରାଜ୍ୟରେ ବଢ଼ି ଚାଲିଥିବା ମହିଳା ନିର୍ଯାତନା ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି ରହିଛି ବୋଲି ଯେଉଁ ଅଭିଯୋଗ ହୋଇ ଆସୁଛି, ଏହି ଘଟଣା ହେଉଛି ତା'ର ସଦ୍ୟତମ ଉଦାହରଣ। ଦୁଃଖ ଓ ପରିତାପର ବିଷୟ ଯେ ବିଜେପି ସରକାର ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ତାଙ୍କ ଦଳର ନେତା ଓ କର୍ମୀମାନଙ୍କୁ



ସୁରକ୍ଷା ପ୍ରଦାନ କରୁଛନ୍ତି। ଯେଉଁଥିପାଇଁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ମହିଳାମାନେ ଅସୁରକ୍ଷିତ ହୋଇ ପଡିଥିବା ସେ କହିଛନ୍ତି।

ଲୋରା ମହାପାତ୍ର କହିଥିଲେ ଯେ ବିଜେପି କ୍ଷମତାସୀନ ହେବା ପରଠାରୁ ନାରୀ ନିର୍ଯାତନା ମାମଲା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୮ ମାସରେ ରାଜ୍ୟରେ ୪୦,୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହା ମଧ୍ୟରେ ୪୦୦୦ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହାଛଡ଼ା ମହିଳା ନିର୍ଯାତନାର ଅନେକ ଘଟଣାରେ ବିଜେପି ନେତାଙ୍କ ସମ୍ପୃକ୍ତି ସାମ୍ନାକୁ ଆସୁଛି। ଗତକାଲି ଖଣ୍ଡପଡ଼ାର ବିଜେପି ବିଧାୟକ ସେଠାକାର ମହିଳା ବ୍ଲକ ଅଧ୍ୟକ୍ଷାଙ୍କୁ ମିଟିଂ ସମୟରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି। କିଛିଦିନ ତଳେ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ମହିଳା ବିଡିଓଙ୍କ ଉପରେ ଆକ୍ରମଣ କରିଥିଲେ। ଏବେ ଏହି ତାଲିକାରେ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀଙ୍କ ନାମ ଯୋଡ଼ା ହୋଇଛି। ମାତ୍ର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହିଭଳି ମାମଲାଗୁଡିକରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରରେ ନାରୀ ସୁରକ୍ଷା ସର୍ବୋପରି ବୋଲି କହୁଛନ୍ତି; କିନ୍ତୁ ତାଙ୍କ ଦଳର ନେତାଙ୍କ ସମ୍ପୃକ୍ତି ରହିଲେ ଆଇନ ବ୍ୟବସ୍ଥା ହୁଗୁଳା ହୋଇଯାଉଛି। ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣିଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

**ପୁଅ ନାଁରେ ସୈତାନ!**

# ମଦ ପାଇଁ ଟଙ୍କା ନ ଦେବାରୁ ମା'କୁ ମାରିଦେଲା

ମୋରଡ଼ା,୨୯।୧(ସମିସ): ପୁଅ ନା ସୈତାନ। ମଦ ପାଇଁ ଟଙ୍କା କେଇଟା ନ ଦେବାରୁ ମା'କୁ ମାରିଦେଲା। ଖାଲି ସେତିକି ନୁହେଁ, ନିଜକୁ ନିରୀହ ଦେଖାଇବା ପାଇଁ ମଲା ମା'କୁ ଡାହାଣୀ ସଜେଇବାକୁ ଟିକିଏ ବି ପଛଘୁଞ୍ଚା ଦେଲା ନାହିଁ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର କଲରାଫୁଲିଆ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମଦ ପାଇଁ ମା'ର ମୁଣ୍ଡ ଗଡ଼ାଇଛି ପୁଅ। ମୃତ ମହିଳା ହେଲେ, ରାଇମଣି ସିଂ। ଏହି ଘଟଣାରେ ପୁଲିସ ନମ୍ବର ୬୧/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ତପନ ସିଂକୁ ଗିରଫ କରିଛି। ଏହାସହ ରାଇମଣିଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ତପନ ପ୍ରତିଦିନ ପ୍ରବଳ ମଦ ପିଉଥିଲା। ରାଇମଣି ଦିନମଜୁରି କରି ଯାହା ରୋଜଗାର କରୁଥିଲେ, ତାହାକୁ ତପନ ମଦରେ ଉଡ଼ାଇ ଦେଉଥିଲା। ମା' ଟଙ୍କା ନ ଦେଲେ ତପନ ତାଙ୍କୁ ମାଡ଼ ମାରୁଥିଲା। ଖାଲି ମା' ନୁହେଁ, ତପନ ନିଜ ସ୍ତ୍ରୀକୁ ମଧ୍ୟ ଏହି କାରଣରୁ ମାଡ଼ ମାରୁଥିଲା। ଏଥିରେ ଅତିଷ୍ଠ ହୋଇ ସେ ଘର ଛାଡ଼ି ବାପଘରକୁ ଚାଲି ଯାଇଛନ୍ତି। ଆଜି ରାଇମଣି ରୋଷେଇ କରୁଥିବା ବେଳେ ତପନ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା। ରାଇମଣି ନଦେବାରୁ ଏକ କଟୁରିରେ ସେ ତାଙ୍କ ମୁଣ୍ଡ ପଛପଟକୁ ପିଟି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ରାଇମଣିଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ସେପଟେ ଘଟଣାକୁ ନେଇ ଭିନ୍ନ ପ୍ରତିକ୍ରିୟା ରଖିଛି ତପନ। ମା' ଜଣେ ଡାହାଣୀ ଏବଂ ସେ ଗୁଣିଗାରେଡ଼ି କରି ତା' ସ୍ତ୍ରୀର ପେଟ ଭିତରେ ଛୁଆକୁ ମାରିଦେବାରୁ ସେ ଏପରି କରିଛି ବୋଲି କହିଛି। ଘଟଣାସ୍ଥଳରେ ପୁଲିସ୍ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ସତର୍କ କଲା ପାଣିପାଗ କେନ୍ଦ୍ର**

# କଲବଲ କରିବ କୁହୁଡ଼ି

ଭୁବନେଶ୍ୱର,୨୯।୧(ସମିସ): ରାଜ୍ୟରେ ଘନ କୁହୁଡି ପାଇଁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର। ଆଗାମୀ ୨ ଦିନ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି କଲବଲ କରିବ । ଏହା ସହ ୫ ଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ। ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବରେ ରାଜ୍ୟର ବାୟୁମଣ୍ଡଳରେ ଜଳୀୟ ବାଷ୍ପର ପରିମାଣ ବଢ଼ାଇଥିବାରୁ କୁହୁଡ଼ିର ପ୍ରଭାବ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ସୂଚନା ଅନୁସାରେ ଆସନ୍ତା ଦୁଇ ଦିନ ପାଇଁ ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ, ଜଗସିଂହପୁରରେ ଓ ଖୋର୍ଦ୍ଧା ଆଦିରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ଗଜପତି, କଟକ, ଗଞ୍ଜାମ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଯିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ସକାଳୁ ଚାନ୍ଦବାଲି, କେନ୍ଦ୍ରାପଡ଼ା, ପାରାଦୀପ, ଜଗତ୍‌ସିଂହପୁର ଓ ପୁରୀରେ ଘନ କୁହୁଡି ରେକର୍ଡ ହୋଇଛି। ପାରଳାଖେମୁଣ୍ଡି, ଭୁବନେଶ୍ୱର, ବାରିପଦା, ଭବାନୀପାଟଣା, ରାଉରକେଲା ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହୋଇଛି। ଗତ ୨୪ ଘଣ୍ଟାରେ ଜି ଉଦୟଗିରିରେ ତାପମାତ୍ରା ୬.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡାରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଫୁଲବାଣୀ ୧୦.୫ ଓ ଦାରିଙ୍ଗବାଡିରେ ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ପୂର୍ବତନ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୨୯ ।୧(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଜ୍ଞାନେନ୍ଦ୍ର କୁମାର ବାରିକ ପୂର୍ବତନ ଡ୍ରଗ୍ସ ଇନ୍ସପେକ୍ଟର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଧିକାରୀଜଣଙ୍କ ହେଲେ, ବ୍ରହ୍ମପୁର ଧର୍ମନଗରର ପି. ବାସୁଦେବ ରାଓ (୬୩)। ସେ ବଲାଙ୍ଗିରରେ ଡ୍ରଗ୍ସ ଇନ୍ସପେକ୍ଟର୍ ଭାବେ ଅବସ୍ଥାପିତ ଥିଲେ। ତାଙ୍କୁ କୋର୍ଟ ୩ ବର୍ଷ ଜେଲଦଣ୍ଡ ସହ ଦେଢ଼ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।



ସୂଚନାଯୋଗ୍ୟ, ୨୦୦୭ରେ ବଲାଙ୍ଗିରରେ ଡ୍ରଗ୍ସ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ପି. ବାସୁଦେବ ରାଓଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ ହୋଇଥିଲା। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଗଷ୍ଟ ୨୩ରେ ସ୍ଥାନୀୟ ଧର୍ମନଗରସ୍ଥିତ ବାସଭବନ, ଦେଶୀବେହେରା ସାହିସ୍ଥିତ ଶଶୁର ଘର ଓ ବଲାଙ୍ଗିରସ୍ଥିତ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟବସାୟିକ ପ୍ରତିଷ୍ଠାନ ଆଦି ମୋଟ ୫ଟି ସ୍ଥାନରେ ଏକାକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ତାଙ୍କର ମୋଟ ୩୫ଲକ୍ଷ ୩୬ହଜାର ୮୮୪ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହା ତାଙ୍କ ମୋଟ ଆୟର ୧୦୭.୮୯ପ୍ରତିଶତ ଅଧିକ ରହିଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯିବା ସହ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ମାମଲା ଚାଲିଥିଲା। ଶୁଣାଣି ବେଳେ ମୋଟ ୫୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଗୁରୁବାର ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ବାସୁଦେବ ରାଓ କୋର୍ଟରେ ହାଜର ହୋଇଥିଲେ। ପରେ ତାଙ୍କୁ କୋର୍ଟ ସର୍ତ୍ତମୂଳକ ଜାମିନରେ ଛାଡ଼ିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁମିତ ନାୟକ ଓ ଅଶୋକ କୁମାର ଶୁକ୍ଲା ମକଦ୍ଦମା ପରିଚାଳନା କରୁଥିଲେ।

**■ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲା**

# ସମସ୍ତ ୫ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,୨୯।୧(ସମିସ): ସ୍ଥାନୀୟ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ବିଚାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ ଅଦାଲତରେ ଶେଷ ହୋଇଛି। ଏହି ମାମଲାରେ ସମସ୍ତ ୫ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ଶୁକ୍ରବାର ଅଭିଯୁକ୍ତଙ୍କ ଦଣ୍ଡ ଘୋଷଣା କରାଯିବାକୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ ଯେ, ୨୦୨୦ ଜୁନ୍ ୧୨ ରାତିରେ ହିଲ୍‌ପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀଙ୍କୁ ତାଙ୍କ କ୍ଷୀର ଗୋଦାମ ଭିତରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଲମ୍ବୋଦରଙ୍କ ପାଖରେ କାର୍ଯ୍ୟରତ କମର୍ଚାରୀଙ୍କ ସହିତ ମିଶି ମୋଟ ୫ଜଣ କ୍ଷୀର ଗୋଦାମରୁ ଟଙ୍କା ଲୁଟିବାକୁ ଯାଇଥିବାବେଳେ ଲମ୍ବୋଦରଙ୍କ ନିଦ ଭାଙ୍ଗି ଯିବାରୁ ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ପରେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ପୁଲିସ ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ ପାଢୀ, ଶ୍ରୀନୁ ରେଡି, ରଞ୍ଜିତ ସାହୁ ଓ ଶିବା ମହାକୁଡକୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁ ଏକ ଡକାୟତି ମାମଲାରେ ଢେଙ୍କାନାଳ ସଦର ପୁଲିସ ଦ୍ୱାରା ଗିରଫ ହୋଇ ସେଠାକାର ଜେଲରେ ରହିଥିବା ଜଣାପଡିଛି। ରାୟ ପ୍ରକାଶ ବେଳେ ଆଭାଷୀରେ ଅଭିଯୁକ୍ତ ଶଙ୍କର କୋର୍ଟରେ ହାଜର ହୋଇଥିଲା। ଶୁକ୍ରବାର ଏହି ମାମଲାରେ ଅଭିଯୁକ୍ତମାନଙ୍କ ଦଣ୍ଡ ବିଧାନ ହେବାକୁ ସ୍ଥିର ହୋଇଛି।

**ନାବାଳିକା ଗଣଦୁଷ୍କର୍ମ ମାମଲା**

# ପୁରୁଷବନ୍ଧୁ ସମେତ ୬ ଜଣଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ବ୍ରହ୍ମପୁର, ୨୯ ।୧ (ସମିସ): ସ୍ଥାନୀୟ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି ୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତା ନାବାଳିକାଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ, ଗଞ୍ଜାମ ଜିଲ୍ଲା ଆସିକା ପାଢ଼ୀ କଲୋନୀର ରୁତୁନ କୁମାର ଦାସ (୨୩), କୋଟିନଡ଼ା ଥାନା ବାବନପୁର ପାଟଣା ସାହିର ରୁଦ୍ର ଜେନା (୨୨), ବେଗୁନିଆପଡ଼ା ବାଲିସାହିର ଅଭିଳାଶ ପଲାଇ (୨୦), ସୋରଡ଼ା ଥାନା ସାମପଲ୍ଲୀର ଆକାଶ ନାୟକ (୨୭), ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ଼ (୨୦) ଏବଂ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଂ ଗ୍ରାମର ଓମ୍‌କାର ଜେନା (୨୪)। ରୁତୁନ ନାବାଳିକାଙ୍କ ପୁରୁଷବନ୍ଧୁ ଏବଂ ଏହି ଘଟଣାର ସେ ମୁଖ୍ୟ ଆସାମୀ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ୨୦୨୪ ମାର୍ଚ୍ଚ ୩ରେ ବ୍ରହ୍ମପୁର ଟାଟା ବେଞ୍ଚ ଛକରେ ଥିବା ଏକ ବାର୍‌ରେ ଛାତ୍ରୀଜଣଙ୍କ ନିଶାସକ୍ତ ଅବସ୍ଥାରେ ଥିଲେ। ନାବାଳିକାଙ୍କ ବନ୍ଧୁମାନେ ତାଙ୍କୁ ହିଲ୍‌ପାଟଣାକୁ ନେଇ ଯାଇଥିଲେ। ସେଠାରୁ ସେ ତାଙ୍କ ବାପାଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ତାଙ୍କ ପୁରୁଷବନ୍ଧୁ ତଥା ଘଟଣାର ମୁଖ୍ୟ ଅଭିଯୁକ୍ତ ରୁତୁନ ସହ ତାଙ୍କର ଦେଖା ହୋଇଥିଲା। ରୁତୁନ ତାଙ୍କୁ ସାଙ୍ଗରେ ତା' ରୁମ୍‌କୁ ନେଇ ଯାଇଥିଲା। ସେଠାରେ ସେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଅଚେତ କରିବା ପରେ ୫ଜଣ ବନ୍ଧୁଙ୍କ ସହ ଦୁଷ୍କର୍ମ କରିଥିଲା। ସନ୍ଧ୍ୟା ୬ଟାରୁ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ଚେତା ଫେରିବା ପରେ ସେ ଏ ସଂପର୍କରେ ପଚାରିବାରୁ ରୁତୁନ ତାଙ୍କୁ ଧମକ ଦେଇଥିଲା। ପରେ ତାଙ୍କୁ ନେଇ ବିଜିପୁର ଛକରେ ଛାଡ଼ି ଦେଇଥିଲା। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ୫ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ନଂ ୨୪୦/୨୪ରେ ଏକ ମାଲା ରୁଜୁ କରି ପ୍ରଥମେ ରୁତୁନ ଓ ପରେ ଅନ୍ୟ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ମାମଲାର ବିଚାରଣା ବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଚୂଡାନ୍ତ ରାୟ ପ୍ରକାଶ କରି ଉପରୋକ୍ତ ଦଣ୍ଡାଦେଶ ଦେଇଥିଲେ। ଗିରଫ ପରଠାରୁ ମଣ୍ଡଳ କାରାଗାରରେ ବନ୍ଦୀ ଥିବା ସମସ୍ତ ୬ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା




ଭୁବନେଶ୍ୱର,୨୯ ।୧(ସମିସ): ସୋଆ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନପ୍ରଦାନ ହେବ। ଏହାସହ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ୍ୟ ବ୍ୟବହାର କରାଯିବାର ନିଷ୍ପତ୍ତି ନିଆଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲ୍‌ଚରାଲ ଏକ୍ସଟେନ୍ସନ୍ ଆଣ୍ଡ କମ୍ୟୁନିକେସନ ବିଭାଗର ମୁଖ୍ୟ ପ୍ରଫେସର ଡ. ବିବୁଧ ପରାଶର, ଆସୋସିଏଟ ପ୍ରଫେସର ଡ. ଅଂଶୁମାନ ଜେନା, ଏଗ୍ରୋନୋମି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶୁଭପ୍ରଦ ଦାଶ ଓ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଏକର ଅଫିମ ଚାଷ ନଷ୍ଟ କଲା ପୁଲିସ

ଯୋଡ଼ା/ବଡ଼ବିଲ,୨୯।୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ରୋଇଡ଼ା ପଞ୍ଚାୟତ ମାଙ୍କଡ଼ ହାଟିଂ, କ୍ୟାମ୍ପ ହାଟିଂ ସୁନାନଦୀ ନିକଟବର୍ତ୍ତୀ ଏକ ପରିତ୍ୟକ୍ତ ଦୁର୍ଗମ ଜଙ୍ଗଲରେ ହୋଇଥିବା ଅଫିମ ଚାଷକୁ ପୁଲିସ ନଷ୍ଟ କରିଛି। ଉକ୍ତ ବନାଞ୍ଚଳର ପ୍ରାୟ ୨ଏକର ପରିମିତ ଜମିରେ ଅଫିମ ବଗିଚା କରାଯାଇଥିଲା। ନଷ୍ଟ ଅଫିମର ବଜାର ମୂଲ୍ୟ ୬ରୁ ୭ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଖଣି ସଂଲଗ୍ନ ଅଞ୍ଚଳରେ ଏହି ବେଆଇନ ଚାଷ ସମ୍ପର୍କରେ ଖବର ପାଇ ଗୁରୁବାର ସକାଳ ପ୍ରାୟ ୯ଟାରେ ବଡ଼ବିଲ ପୁଲିସ ସଦଳବଳେ ସେଠାରେ ଚଢ଼ଉ କରିଥିଲା। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ପୁଲିସ ଟିମ୍ ସମ୍ପୂର୍ଣ୍ଣ ଚାଷକୁ ନଷ୍ଟ କରିଥିବା ଜଣାପଡ଼ିଛି। ଚଢ଼ଉ ଟିମ୍‌ରେ ବଡ଼ବିଲ ଆଇଆଇସି ଅଶୋକ ନାୟକ, ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରମୁଖ ସାମିଲ ଥିଲେ।



ଏହି ଚାଷ ପଛରେ ଆନ୍ତଃରାଜ୍ୟ ବେପାରୀଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ଚଢ଼ଉ ଟିମ୍‌ରେ ବଡବିଲ ବ୍ୟତୀତ ଯୋଡ଼ା ଓ ରୁଗୁଡ଼ି ପୁଲିସ ସହ ୩ ପ୍ଲାଟୁନ ପୁଲିସ ଫୋର୍ସ ସାମିଲ ଥିଲେ। ସାଙ୍ଗରେ ଦୁଇଜଣ ମାଜିଷ୍ଟ୍ରେଟ ମଧ୍ୟ ଉପସ୍ଥିତ ଥିଲେ।

**ପଞ୍ଜିକା ସମୀକରଣ ବୈଠକ**

# ୫ ପଞ୍ଜିକାକୁ ଅନୁମୋଦନ ଦେଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୨୯।୧(ସମିସ): ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ ଓ ତିଥିରେ ବି ଅମେଳ ରହୁଛି। ଫଳରେ କିଛି ବର୍ଷ ହେବ ଏକାଧିକ ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଲେଣି ଲୋକେ। କେଉଁ ପାଞ୍ଜିକୁ ବିଶ୍ୱାସ କରିବେ। ଏମିତି ବି ଗୋଟିଏ ପର୍ବର ତାରିଖ ପଞ୍ଜିକାରେ ଭିନ୍ନ ଭିନ୍ନ ରହୁଛି। ତେଣୁ ପଞ୍ଜିକାଗୁଡ଼ିକ ମଧ୍ୟରେ କିପରି ସମନ୍ୱୟ ରହିବ ଏବଂ ଜନସାଧାରଣ ଦ୍ୱନ୍ଦ୍ୱରେ ପଡ଼ିବେ ନାହିଁ, ସେଥିଲାଗି ଗୁରୁବାର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ପଞ୍ଜିକା ସମୀକରଣ ବୈଠକ।

ମନ୍ଦିର ପ୍ରଶାସନ ତରଫରୁ ନିର୍ଭୁଲ ଓ ତ୍ରୁଟିବିହୀନ ପଞ୍ଜିକା ପ୍ରସ୍ତୁତି ଲକ୍ଷ୍ୟ ରହିଛି। ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୨୦୨୬-୨୭ ବର୍ଷ ପାଇଁ ୫ଟି ପଞ୍ଜିକାକୁ ଅନୁମୋଦନ ଦେଇଛି ମୁକ୍ତିମଣ୍ଡପ ପଣ୍ଡିତ ସଭା। ତେବେ ୮ଟି ପଞ୍ଜିକା ପ୍ରକାଶନ ସଂସ୍ଥାକୁ ପୂର୍ବରୁ ଚିଠି ଦିଆଯାଇଥିଲା। କିନ୍ତୁ ୫ଜଣ ପଞ୍ଜିକାର

**ନିର୍ଭୁଲ ଓ ତ୍ରୁଟିଶୂନ୍ୟ ପଞ୍ଜିକା ପ୍ରସ୍ତୁତି ଉପରେ ଗୁରୁତ୍ୱ**

ସେମାନଙ୍କ ପାଣ୍ଡୁଲିପି ମନ୍ଦିର ପ୍ରଶାସନ ନିକଟରେ ଦାଖଲ କରିଥିଲେ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସଂଶୋଧନ ପରେ ଏହି ୫ଟି ପାଞ୍ଜି ନିର୍ଭୁଲ ଓ ତ୍ରୁଟି ଶୂନ୍ୟ ହୋଇପାରିଛି। ଗୁରୁବାର ବୈଠକରେ ଏହି ୫ଟି ପଞ୍ଜିକାର (ରାଧାରମଣ ବିଶୁଦ୍ଧ ଖଡିରତ୍ନ ପଞ୍ଜିକା ନିମଚଉଡ଼ି କଟକ, କୋହିନୂର ପ୍ରେସ୍ ପଞ୍ଜିକା, ଅରୁଣୋଦୟ ପ୍ରେସ୍ ଖଡ଼ିରତ୍ନ ପଞ୍ଜିକା, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରତ୍ନ ପଞ୍ଜିକା, ଭାଗ୍ୟଦୀପ ପ୍ରେସ୍ ପଞ୍ଜିକା)ର ଯୋଗ ଦେଇଥିଲେ।

ସେପଟେ ନିର୍ଭୁଲ ପଞ୍ଜିକା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାରମ୍ବାର ବୈଠକ କରି ପଞ୍ଜିକା ସମନ୍ୱୟ ସମୀକରଣ କଲେ ସୁଦ୍ଧା ଅନେକ ପଞ୍ଜିକା ପ୍ରକାଶନ ସଂସ୍ଥା ଆସୁନାହାନ୍ତି। ତେଣୁ ଆଜିର ସମୀକ୍ଷା ବୈଠକରେ ପଞ୍ଜିକାର, ସେବାୟତ, ମୁକ୍ତିମଣ୍ଡପ ପଣ୍ଡିତ ସଭା କାର୍ଯ୍ୟକର୍ତ୍ତା, ଛତିଶା ନିଯୋଗ ମହାନାୟକ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ତ୍ରୁଟି ସୁଧାରିବା ଏବଂ ପର୍ବପର୍ବାଣି ବିଭ୍ରାଟ ରୋକିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ପାଞ୍ଜି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୫ ମସିହାରେ ପୟାଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଶିବରାତ୍ରି, ଜନ୍ମାଷ୍ଟମୀ ଇତ୍ୟାଦି ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ତେଣୁ, ଚଳିତ ୨୦୨୬-୨୭ ବର୍ଷର ତ୍ରୁଟିଶୂନ୍ୟ ତାରିଖ ଓ ତିଥି, ବାରକୁ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଅନେକ ପାଞ୍ଜି ବ୍ୟବସାୟିକ ମନୋବୃତ୍ତି ରଖି ଆଗୁଆ ପାଞ୍ଜି ଛାପୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ତ୍ରୁଟିଯୁକ୍ତ ପାଞ୍ଜି ଛାପୁଥିବା ପାଞ୍ଜି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏ ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

**ଶିମିଳିପାଳ ଭ୍ରମଣ କରିବେ ରାଷ୍ଟ୍ରପତି**

# ପର୍ଯ୍ୟଟକଙ୍କ ନିମନ୍ତେ ୩ ଦିନ ବନ୍ଦ

ରାଇରଙ୍ଗପୁର, ୨୯।୧ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲ୍ଲା ଗସ୍ତ ଅବସରରେ ଶିମିଳିପାଳ ଅଭୟାରଣ୍ୟ ବୁଲିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ନିମନ୍ତେ କଟକଣା ଜାରି କରାଯାଇଛି। ଫେବୃଆରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ସାଧାରଣ ପର୍ଯ୍ୟଟକଙ୍କ ନିମନ୍ତେ ଶିମିଳିପାଳ ବନ୍ଦ ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷଣ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ଯଶିପୁର ପଟୁ କାଳିକା ପ୍ରସାଦ ତନଖି ଫାଟକ ଦେଇ ପର୍ଯ୍ୟଟକଙ୍କ ପ୍ରବେଶ ଫେବୃଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ରାଷ୍ଟ୍ରପତି ଗୁଡୁଗୁଡ଼ିଆରେ ରହଣି କରିବାକୁ ଥିବାରୁ ଗୁଡୁଗୁଡ଼ିଆ ଜୋନ୍‌ରେ ପର୍ଯ୍ୟଟକଙ୍କ ପ୍ରବେଶ ବାରଣ ହୋଇଛି। ସେହିପରି ଗୁଡୁଗୁଡ଼ିଆ ଜୋନ୍‌ରେ ପର୍ଯ୍ୟଟକଙ୍କ ସଫାରି ଚଳପ୍ରଚଳ ଫେବୃଆରୀ ୫ ତାରିଖ ଅପରାହ୍ଣରୁ ଓ ୬ ତାରିଖ ସକାଳ ପର୍ଯ୍ୟନ୍ତ ବନ୍ଦ ରହିବ।

ସୂଚନାନୁଯାୟୀ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଫେବୃଆରୀ ୫ତାରିଖ ଅପରାହ୍ଣ ସାଢ଼େ ୩ଟାରେ ଦାଣ୍ଡବୋଷରୁ ବାହାରି ହେଲିକ୍ୟାପ୍ଟର୍ ଯୋଗେ ଯଶିପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ। ସେଠାରୁ ସ୍ୱତନ୍ତ୍ର ଗାଡ଼ିରେ ସଡ଼କପଥରେ ଶିମିଳିପାଳ ଭିତରେ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ରାତ୍ରଭୋଜନ କରି ରହଣି କରିବେ। ତହିଁ ପରଦିନ ଫେବୃଆରୀ ୬ ତାରିଖ ସକାଳ ୯ଟା୧୫ରେ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକଙ୍କ ସହ ଆଲୋଚନା କରିବେ। ପରେ ଦିନ ୧୦ଟା ୧୦ରେ ଶିମିଳିପାଳରୁ ବାହାରି ୧୧ଟା ୨୫ରେ ଯଶିପୁର ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଦିନ ସାଢ଼େ ୧୧ଟାରେ ସ୍ୱତନ୍ତ୍ର ଆଇଏଏଫ୍ ଏମଆଇ-୧୭ ହେଲିକେପ୍ଟର୍ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ଯାତ୍ରା କରିବେ।

## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି । ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ । ମନ ଖୁସି ରହିବ ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ହେବ । କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ମହିଳାମାନେ କର୍ମଚଞ୍ଚଳ ରହିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ ।

**ବିଛା:** ମାନସିକ ଚିନ୍ତା ଦୂର ହେବ । ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ । ନୂଆ କାମ ଶିଖିବାର ଅବସର ଜୁଟିବ ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ ।

**କୁମ୍ଭ:** ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।


**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

## ଆଜିର ଇତିହାସ

- ୧୯୦୩- ଲର୍ଡ୍ କର୍ଜନ୍ କଲିକତାରେ 'ଇମ୍ପେରିଆଲ୍ ଲାଇବ୍ରେରୀ'ର ଉଦ୍‌ଘାଟନ କଲେ ।
- ୧୯୨୨- ପ୍ରଥମ ଥର ବିଶ୍ୱ ଆଇନ ଦିବସ ପାଳନ କରାଗଲା ।
- ୧୯୪୯ - ରାତ୍ରୀ ଏୟାରମେଲ୍ ସେବାର ଆରମ୍ଭ ।
- ୧୯୬୫- ୱିନଷ୍ଟନ୍ ଚର୍ଚ୍ଚିଲଙ୍କୁ ବ୍ରିଟେନବାସୀ ଅନ୍ତିମ ବିଦାୟ ଦେଲେ ।
- ୧୯୮୯ - ଆମେରିକା, ଆଫଗାନିସ୍ତାନର କାବୁଲରେ ତା'ର ଦୂତାବାସ ବନ୍ଦ କଲା ।

## ସହିଦ ଦିବସ

ମାନବ ଇତିହାସର ସର୍ବଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଜାତିର ପିତା ମହାତ୍ମା ଗାନ୍ଧୀ । ଲୋକେ ତାଙ୍କୁ ଶ୍ରଦ୍ଧାରେ 'ବାପୁ' ବୋଲି ସମ୍ବୋଧନ କରୁଥିଲେ । ୧୯୪୮ ଜାନୁଆରୀ ୩୦ ତାରିଖରେ ନାଥୁରାମ ଗଡ୍‌ସେଙ୍କ ଗୁଳିମାଡ଼ରେ ନିହତ ହୋଇଥିଲେ ମହାତ୍ମା । ହେ ରାମ କହି, ମହାତ୍ମା ଗାନ୍ଧୀ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ । ଏଘଟଣା ସେତେବେଳେ ସ୍ତବ୍ଧ କରି ଦେଇଥିଲା ସାରା ଦେଶକୁ । ଅହିଂସାର ଚଳନ୍ତି ପ୍ରତିମାକୁ ହରାଇ ମର୍ମାହତ ହୋଇଥିଲେ କୋଟି କୋଟି ଭାରତୀୟ । ସାରା ବିଶ୍ୱ ଅଶ୍ରୁ ସଜଳ ନୟନରେ ଶତାବ୍ଦୀର ସର୍ବଶ୍ରେଷ୍ଠ ଜନନାୟକଙ୍କୁ ସମ୍ମାନ ଜଣାଇଥିଲା । ଭାରତର ସ୍ୱାଧୀନତା, କଲ୍ୟାଣ ଏବଂ ପ୍ରଗତି ପାଇଁ ସଂଗ୍ରାମ କରିଥିବା ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା



ଉଦ୍ଦେଶ୍ୟରେ ତାଙ୍କ ତିରୋଧାନ ଦିବସ ଜାନୁଆରୀ ୩୦କୁ ସର୍ବଭାରତୀୟ ସ୍ତରରେ 'ସହିଦ ଦିବସ' ଭାବେ ପାଳନ କରାଯାଇଥାଏ । ସତ୍ୟ ଓ ଅହିଂସାକୁ ପାଥେୟ କରି ଗାନ୍ଧିଜୀ ଇଂରେଜମାନଙ୍କ ବିରୋଧରେ ଆରମ୍ଭ କରିଥିଲେ ବିପ୍ଳବ । ଆଉ ଦେଶବାସୀଙ୍କୁ ଚଖାଇଥିଲେ ସ୍ୱାଧୀନତାର ସ୍ୱାଦ । ଗାନ୍ଧିଜୀ କେବଳ ଭାରତରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱ । ତାଙ୍କ ବିଚାରଧାରା ଅହିଂସା, ସତ୍ୟାଗ୍ରହ ଓ ସ୍ୱରାଜ ପରି ତିନିଟି ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ଥିଲା । ଅନେକ ବିଶ୍ୱନେତା ଗାନ୍ଧିଜୀଙ୍କ ଆଦର୍ଶକୁ ପ୍ରେରଣା ଭାବେ ପରିଗଣିତ କରନ୍ତି । ସେହିପରି ସେ ମଧ୍ୟ ନିଜ ଜୀବନକୁ ସଂଯମ ଅନୁଶୀଳନର ଏକ ପରୀକ୍ଷାଗାର କରିଦେଇଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଆନ୍ଦୋଳନ, ଅସହଯୋଗ, ଆଇନ ଅମାନ୍ୟ, ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇ ସେ ସଫଳ ହୋଇଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ସେ ଅନେକ ଥର ଜେଲ୍ ମଧ୍ୟ ଯାଇଥିଲେ । ସହିଦ ଦିବସ ଅବସରରେ ଦେଶର କୋଣ ଅନୁକୋଣରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଞ୍ଜଳି ସଭାମାନ ଆୟୋଜନ କରାଯାଇଥାଏ । ସହିଦ ଦିବସ ଅବସରରେ ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଏବଂ ତିନିସେନାର ମୁଖ୍ୟ ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧି ପୀଠରେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥାନ୍ତି ।

## ରଙ୍ଗିନ ଖାଦ୍ୟ ବଢ଼ାଏ ଭୋକ

ଖାଦ୍ୟ ଆଖିକୁ ରୁଚିଲେ ପାଟିକୁ ରୁଚି ଥାଏ ବୋଲି କୁହାଯାଏ । ତେଣୁ ହୋଟେଲ ତଥା ରେସ୍ତୋରାଁରେ ଖାଦ୍ୟର ସାଜସଜା ଉପରେ ବିଶେଷ ଦୃଷ୍ଟି ଦିଆଯାଏ । ଖାଦ୍ୟର ରଙ୍ଗ ଯେତେ ଅଧିକ ଆକର୍ଷକ ହୋଇଥାଏ, ଭୋକ ମଧ୍ୟ ସେମିତି ବଢ଼ିଥାଏ । ତେବେ ରଙ୍ଗିନ ଖାଦ୍ୟ ମସ୍ତିଷ୍କକୁ ସକ୍ରିୟ କରେ । ତା'ସହ ଖାଦ୍ୟ ପ୍ରତି ଆଗ୍ରହକୁ ବୃଦ୍ଧି କରେ । ନାଲି ଏବଂ ହଳଦିଆ କ୍ଷୁଧା ବୃଦ୍ଧି କରୁଥିବା ରଙ୍ଗ କୁହାଯାଏ । ଏହି କାରଣ ଯୋଗୁଁ ଅନେକ ନାମୀଦାମୀ ଫାଷ୍ଟଫୁଡ୍ ବ୍ରାଣ୍ଡ ଏହି ରଙ୍ଗକୁ ବ୍ୟବହାର କରନ୍ତି । ନାଲି ରଙ୍ଗ ଶକ୍ତି ଓ ଉତ୍ସାହ ସହିତ ଜଡ଼ିତ । ତେଣୁ ଏହି ରଙ୍ଗର ଖାଦ୍ୟ ଖାଇବାକୁ ଶୀଘ୍ର ଇଚ୍ଛା ହୁଏ । ସେହିଭଳି ହଳଦିଆ ରଙ୍ଗ ଖୁସି ଏବଂ ସକାରାତ୍ମକ ଅନୁଭବ ପ୍ରଦାନ କରେ ଏବଂ ଖାଦ୍ୟ ପ୍ରତି ଆସକ୍ତି ବୃଦ୍ଧି କରେ । ଅନେକ ବଡ଼ ବଡ଼ ରେସ୍ତୋରାଁ ଫୁଡ୍ କଲର ସାଇକୋଲଜିକୁ ଉପଯୋଗ କରି ଲୋକଙ୍କୁ ଖାଦ୍ୟ ସର୍ଭ କରିଥାନ୍ତି । ସେହିଭଳି ସବୁଜ ରଙ୍ଗ ସୁସ୍ୱାସ୍ଥ୍ୟର ସଙ୍କେତ ଦେଇଥାଏ । ସବୁଜ ପରିବା ଏବଂ ସାଲାଡ ଦେଖିବାକୁ ହାଲୁକା ଲାଗେ । ଏହାଦ୍ୱାରା ମସ୍ତିଷ୍କ ତାକୁ ସ୍ୱାସ୍ଥ୍ୟକର ବୋଲି ବୁଝେ । ଏଥିପାଇଁ ଲୋକେ ଡାଏଟ୍‌ରେ ଥାଇ ମଧ୍ୟ ସବୁଜ ରଙ୍ଗର ଖାଦ୍ୟକୁ ବିନା ଦ୍ୱିଧାରେ ଖାଇଥାନ୍ତି । ସେହିପରି ବହୁତ ହେଲଥ୍ ବ୍ରାଣ୍ଡ ସେମାନଙ୍କର ପ୍ୟାକେଜିଂରେ ସବୁଜ ରଙ୍ଗ ବ୍ୟବହାର କରିଥାନ୍ତି । ସେଥିପାଇଁ ଲୋକେ ତାହାକୁ ସହଜରେ ସ୍ୱାସ୍ଥ୍ୟକର ବୋଲି ଭାବି କିଣିଥାନ୍ତି । ନୀଳ ରଙ୍ଗ ଅତ୍ୟନ୍ତ ଆକର୍ଷକ ଏବଂ ଏହା ଭୋକକୁ କମ୍ କରିଥାଏ ବୋଲି କୁହାଯାଏ । ସେହିପରି ବହୁତ କମ୍ ଖାଦ୍ୟ ନୀଳ ରଙ୍ଗର ହୋଇଥାଏ । ଅଧିକାଂଶ ଖାଦ୍ୟର ରଙ୍ଗ ନୀଳ ରଙ୍ଗର ହୋଇ ନ ଥିବା ବେଳେ ଅନେକ ପାନୀୟରେ କିନ୍ତୁ ଏହି ରଙ୍ଗର ବ୍ୟବହାର କରାଯାଏ । ଅନେକ ଲୋକ ଏହି ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ ବୋଲି ଭାବିଥାନ୍ତି । ଫଳରେ ଏହି ରଙ୍ଗର ପାନୀୟ ଅର୍ଡର କରିବାକୁ ବେଶି ପସନ୍ଦ କରାଯାଏ । ଛୋଟ ପିଲାଙ୍କ ଲାଗି ଖାଦ୍ୟଗୁଡ଼ିକୁ ରଙ୍ଗିନ କରାଯାଏ । ସେହିପରି ପିଲାଙ୍କଠାରେ ଏହି ଉପାୟ ଅଧିକ ପ୍ରଭାବଶାଳୀ ହୋଇଥାଏ । କାରଣ ରଙ୍ଗିନ ଖାଦ୍ୟ ସେମାନଙ୍କୁ ଶୀଘ୍ର ଆକର୍ଷିତ କରେ ଏବଂ ଏହାକୁ ସହଜରେ ସେମାନେ ଖାଇଥାନ୍ତି ।



## 'ଦେବରା'ର ସିକ୍ୱେଲ ଆସିବ

ଜୁନିୟର ଏନ୍‌ଟିଆର୍ ଓ ଜାହ୍ନବୀ କପୁରଙ୍କ ଫିଲ୍ମ 'ଦେବରା' ୨୦୨୪ରେ ଆସିଥିଲା । ଫିଲ୍ମର ଶେଷରେ ଏହାର ଦ୍ୱିତୀୟ ପାର୍ଟ ଆସିବ ବୋଲି ଘୋଷଣା ମଧ୍ୟ କରାଯାଇଥିଲା । ନିର୍ଦ୍ଦେଶକ ଶିବା କରତୋଲା ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ସିକ୍ୱେଲ ଆଣିବେ ବୋଲି ଯୋଜନା କରିଥିଲେ । ହେଲେ କିଛି ଦିନ ପୂର୍ବରୁ ଏହାର ସିକ୍ୱେଲ ଆସିବ ନାହିଁ ବୋଲି ଖବର ପ୍ରଚାରିତ ହୋଇଥିଲା । ଏହାଶୁଣି ଦର୍ଶକେ ନିରାଶ ହୋଇଥିଲେ । ଏବେ ଏହାର ସିକ୍ୱେଲକୁ ନେଇ ଖବର ଆସିଛି । ଏହା ୨୦୨୭ ରେ ପରଦାକୁ ଆସିବ ବୋଲି ଜଣାପଡ଼ିଛି । ଫିଲ୍ମର ସୁଟିଂ ୨୦୨୬ରୁ ଆରମ୍ଭ ହେବ ବୋଲି ଫିଲ୍ମର ପ୍ରଯୋଜକ ସୁଧାକର ମିକ୍କିଲିନେନି ଘୋଷଣା କରିଛନ୍ତି । ତେବେ 'ଦେବରା ୨' ଘୋଷଣା ହେବା ପରେ ଏବେ ଜୁନିୟର ଏନ୍‌ଟିଆର୍‌ଙ୍କ ହାତରେ ଚାରୋଟି ଫିଲ୍ମ ଅଛି । ଏନ୍‌ଟିଆର୍‌ନୀଲ୍ ପ୍ରୋଜେକ୍ଟରେ ସେ କାମ କରୁଛନ୍ତି । ଏହାବାଦ୍ ସେ ତ୍ରିବିକ୍ରମଙ୍କର ଏକ ପୌରାଣିକ ଫିଲ୍ମ, ନେଲସନ୍ ଦିଲୀପ କୁମାରଙ୍କର ଏକ ଫିଲ୍ମରେ ମଧ୍ୟ କାମ କରୁଛନ୍ତି । ଏଠାରେ ପ୍ରକାଶ ଥାଉ କି 'ଦେବରା ପାର୍ଟ ୧'ର ବଜେଟ୍ ଥିଲା ୨୬୦-୩୦୦ କୋଟି । ହେଲେ ଏହା ସାରା ବିଶ୍ୱରେ ୪୨୮ କୋଟି ଆୟ କରିଥିଲା । ଭାରତରେ କେବଳ ଏହା ୨୯୨.୪୭ କୋଟି ଆୟ କରିଥିଲା ।



## ସଞ୍ଜୀବନୀ

### 'ସକାଳ'ର ସ୍ୱାସ୍ଥ୍ୟ

## ଆଙ୍ଗୁଠି ଫୁଲୁଥିଲେ




**ଶୀତଋତୁରେ ଶରୀରରେ ରକ୍ତସଞ୍ଚାଳନ କମ୍ ହୋଇଥାଏ । ଏହି କାରଣରୁ ଫ୍ଲୁଇଡି ଟିସୁ ଭିତରେ ଜମା ହୋଇଯାଏ । ହାତ କୁଣ୍ଡାଇବା ସହ ଜଳାପୋଡ଼ା ହୁଏ । ହାତ ଆଙ୍ଗୁଠି ଫୁଲି ଯାଇଥାଏ । ଯଦିଓ ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଏହାକୁ ଅଣଦେଖା କଲେ, ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏଥିପାଇଁ କିଛି ଘରୋଇ ଉପାୟ ଆପଣାଇ ପାରିବେ ।**

ସକାଳ ଏବଂ ସନ୍ଧ୍ୟାରେ ହାତ ଏବଂ ଗୋଡ଼ ଧୋଇ ଶୁଖିଗଲା ପରେ ନଡ଼ିଆ କିମ୍ବା ରାଶି ତେଲକୁ ହାତରେ ହାଲୁକା ମସାଜ କରାଯାଏ । ଏହା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଆଙ୍ଗୁଠି ଫୁଲା କମ୍ ହୁଏ । ଚର୍ମଶୁଷ୍କ ଦୂର ପାଇଁ ମଏଶ୍ଚରାଇଜର ଲଗାଇପାରିବେ ।

ଆଙ୍ଗୁଠି ଫୁଲା କମ୍ ପାଇଁ କମ୍ ଲୁଣ ଖାଇବା ଜରୁରି । ଶରୀରରେ ଜଳୀୟଅଂଶ ସନ୍ତୁଳିତ ରହିଲେ ଫୁଲାଜନିତ ସମସ୍ୟା ଦୂର ହୁଏ । ଫିଟିକିରିରେ ଆଣ୍ଟି-ଇନ୍‌ଫ୍ଲାମେଟରୀ ଗୁଣ ମିଳିଥାଏ । ଏହାକୁ ପାଣିରେ ପକାଇ ସେଥିରେ ହାତ ଗୋଡ଼ ଧୁଆ ଯାଇପାରିବ ।

ନଖ ଉଷୁମ ପାଣିରେ ଅଳ୍ପ ଲୁଣ ପକାଇ କିଛି ସମୟ ହାତ ଗୋଡ ବୁଡ଼ାଇଲେ ରକ୍ତସଞ୍ଚାଳନ ଭଲ ହୁଏ । ଚର୍ମର ଆର୍ଦ୍ରତା ଏବଂ କୋମଳତା ବଜାୟ ରଖିବାକୁ କମଳାଲେମ୍ବୁ ଚୋପା ଗୁଣ୍ଡ, ମସୁର ଡାଲି, ଦହି, ଗୋଲାପଜଳ ଓ ମହୁର ମିଶ୍ରଣ ଲେପ ଦେଇ ଅଧଘଣ୍ଟା ପରେ ଧୋଇଦେଲେ ଚର୍ମ ଚିକ୍କଣ ରହେ ।




## କ୍ରାୟୋଆବ୍ଲେସନ୍

### କର୍କଟ ପାଇଁ ନୂତନ ଚିକିତ୍ସା ପଦ୍ଧତି

କର୍କଟ ରୋଗର ଚିକିତ୍ସା ପାଇଁ ଅସ୍ତ୍ରୋପଚାର, ବିକିରଣ ଚିକିତ୍ସା, କେମୋଥେରାପି ଆଦି ପ୍ରୟୋଗ କରାଯାଏ । ଏବେ ଏହି ରୋଗ ନିୟନ୍ତ୍ରଣ ପାଇଁ କ୍ରାୟୋଆବ୍ଲେସନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଏକ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ । ଅତ୍ୟଧିକ ବୟସ୍କ, କର୍କଟ ରୋଗ ସହ ଅନ୍ୟାନ୍ୟ ଦୁରାରୋଗରେ ପୀଡ଼ିତ ବ୍ୟକ୍ତି ଯେଉଁମାନଙ୍କ କ୍ଷେତ୍ରରେ ଅସ୍ତ୍ରୋପଚାର ସମ୍ଭବ ହୋଇ ନ ଥାଏ ସେମାନଙ୍କ ପାଇଁ କ୍ରାୟୋଆବ୍ଲେସନ୍ ବରଦାନ ସଦୃଶ । ପ୍ରୋଷ୍ଟେଟ୍ କର୍କଟ, ଫୁସ୍‌ଫୁସ୍ କର୍କଟ, ସ୍ତନ କର୍କଟ, ବୃକ୍କ କର୍କଟ, ତ୍ୱଚା କର୍କଟ କ୍ଷେତ୍ରରେ ଏହା ଉପଯୋଗୀ । ଏହି ଚିକିତ୍ସାର କମ୍ ଯନ୍ତ୍ରଣା ହୋଇଥାଏ । ଏଥିରେ କର୍କଟ ଆକ୍ରାନ୍ତ ସ୍ଥାନକୁ ଅତ୍ୟଧିକ ଥଣ୍ଡା ଉପଯୋଗ କରି କର୍କଟ କୋଷକୁ ନଷ୍ଟ କରାଯାଇପାରେ । ଏ ପ୍ରକ୍ରିୟାରେ ସର୍ଜରୀ ପରି ବଡ଼ ଧରଣର ଅସ୍ତ୍ରୋପଚାର କରିବାକୁ ପଡ଼େନାହିଁ । ପ୍ରଥମେ ଅଲଟ୍ରାସାଉଣ୍ଡ କିମ୍ବା ସିଟି ସ୍କାନ୍ ସାହାଯ୍ୟରେ ଟ୍ୟୁମରକୁ ଚିହ୍ନଟ କରାଯାଇ ଟ୍ୟୁମର ମଧ୍ୟକୁ ପ୍ରୋବ ଭର୍ତ୍ତି କରାଯାଏ । ଏହି ପ୍ରୋବ ଜରିଆରେ ତରଳ ନାଇଟ୍ରୋଜେନ୍ କିମ୍ବା ଆରଗନ୍ ଗ୍ୟାସ୍‌କୁ ଅତି କମ୍ ତାପମାତ୍ରାରେ ପ୍ରବାହ କରାଯାଏ । ଫଳରେ ସେହି ସ୍ଥାନର ଚତୁଃପାର୍ଶ୍ୱରେ କର୍କଟ କୋଷ ନଷ୍ଟ ହୁଏ । ପୀଡ଼ିତଙ୍କୁ ଯନ୍ତ୍ରଣା କମ୍ ହୁଏ । ରୋଗୀଙ୍କୁ ହସ୍‌ପିଟାଲରେ ଅଧିକ ଦିନ ରହିବାକୁ ପଡ଼େ ନାହିଁ ।

## ବୋନ୍ ଡେନ୍‌ସିଟି ଟେଷ୍ଟ



ବୋନ୍ ଡେନ୍‌ସିଟି ଟେଷ୍ଟ ବା ଡେକ୍ସାସ୍କାନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା । ଅସ୍ଥିର ଘନତ୍ୱ, ଖଣିଜ ଏବଂ ସ୍ଥିତିକୁ ଆକଳନ କରି ଅଷ୍ଟିଓପୋରୋସିସ୍ ଏବଂ ଫ୍ରାକ୍‌ଚର୍ ଆଶଙ୍କାକୁ ଜାଣିବା ପାଇଁ ଏହି ପରୀକ୍ଷା କରାଯାଏ । ବୟସ୍କ ମହିଳା (ମେନୋପଜ ପରେ ) ଏବଂ ପୁରୁଷଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ । ଏଥିରେ କମ୍ ତୀବ୍ରତା ଏକ୍ସରେ ବ୍ୟବହାର କରି ମେରୁଦଣ୍ଡ ଏବଂ ନିତମ୍ବ ଅସ୍ଥି ପରୀକ୍ଷା କରାଯାଏ । ଟି-ସ୍କୋର -୧.୦ କିମ୍ବା ତାଠୁ ଅଧିକ ଅସ୍ଥିର ସ୍ଥିତି ଠିକ୍‌କୁ ବୁଝାଏ । -୧.୦ରୁ -୨.୫ ଅଷ୍ଟିଓପେନିଆ (ଦୁର୍ବଳତା) କିମ୍ବା -୨.୫ରୁ -୫ କମ୍ ଅଷ୍ଟିଓପୋରୋସିସ୍‌କୁ ସୂଚାଏ । ମେନୋପଜ ପରେ ମହିଳାମାନେ ଅଷ୍ଟିଓପୋରୋସିସ୍‌ରେ ଆକ୍ରାନ୍ତ ହୋଇଥାନ୍ତି । ତେଣୁ ମହିଳା ଡାକ୍ତରଙ୍କ ପରାମର୍ଶରେ ନିୟମିତ ବ୍ୟବଧାନରେ ଏହି ପରୀକ୍ଷା କରି ଚିକିତ୍ସା କଲେ ହାଡ ଭାଙ୍ଗିବା ଆଶଙ୍କା ହ୍ରାସ ପାଏ । ବୟସ୍କ ପୁରୁଷ ଗମ୍ଭୀର ଆଘାତ ନ ଥାଇ ବାରମ୍ବାର ଫ୍ରାକ୍‌ଚର୍‌ର ଶିକାର ହେଉଥିଲେ ଏହି ଟେଷ୍ଟ କରିବା ଆବଶ୍ୟକ ।

### ପାଚନ କ୍ରିୟା ସକ୍ରିୟ ରଖେ

## ଲେମ୍ବୁ ଚୋପା ପାଣି



ଲେମ୍ବୁରୁ ରସ କାଢ଼ି ସାରି ଏହାର ଚୋପାକୁ ଫିଙ୍ଗି ଦିଆଯାଏ । ହେଲେ ଏହି ଚୋପା ସ୍ୱାସ୍ଥ୍ୟ ପାଇଁ ବରଦାନ । ଲେମ୍ବୁ ଚୋପାକୁ ପାଣିରେ ୭ରୁ ୮ ମିନିଟ୍ ଫୁଟାଇ ପିଇଲେ ପାଚନ କ୍ରିୟା ସକ୍ରିୟ ରୁହେ ।

- ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଲେମ୍ବୁ ଚୋପାରେ ଭିଟାମିନ୍ ସି, ଫାଇବର, କ୍ୟାଲସିୟମ ପ୍ରଚୁର ମାତ୍ରାର ରହିଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀରରୁ ଫ୍ରି ରେଡିକଲ୍ସରୁ ସୁରକ୍ଷା ଦିଏ ।
- ଜ୍ୱର, କାଶ, ଥଣ୍ଡା ଭୂତାଣୁଜନିତ ସଂକ୍ରମଣରୁ ସୁରକ୍ଷା ଦେବାରେ ଏହା ପ୍ରଭାବୀ ।
- ଲେମ୍ବୁ ଚୋପା ପାଣି ପିଇବା ଦ୍ୱାରା ଗ୍ୟାସ୍, ଅମ୍ଳ, ବାନ୍ତି, ଆଦି ସମସ୍ୟାରୁ ଆରାମ ମିଳେ । ଏହା ଓଜନ ନିୟନ୍ତ୍ରଣକାରୀ । ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଏହାକୁ ପିଇବା ଜରୁରି । ପେଟ ଜଳାପୋଡା ହେଉଥିଲେ ପିଇବା ଅନୁଚିତ ।

## ବେକ ମସାଜରୁ ରୋଗ ଆଶଙ୍କା

ଦୀର୍ଘ ସମୟ ବସି କାମ କରିବା ତଥା ଅନ୍ୟାନ୍ୟ କାରଣରୁ ବେକ ଯନ୍ତ୍ରଣା ହୁଏ । ଏଥିରୁ ଆରାମ ପାଇବାକୁ ଅଧିକାଂଶ ଲୋକ ବେକର ପଛଭାଗକୁ ମସାଜ କରିଥାନ୍ତି । ଯଦିଓ କିଛି ସମୟ ପାଇଁ ଆରାମ ଅନୁଭବ ହୁଏ ହେଲେ ବାରମ୍ବାର ଜୋର କିମ୍ବା ଭୁଲଶୈଳୀରେ ବେକରେ ମସାଜ ନେବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି । ବେକରେ ଭର୍ଟିବ୍ରାଲ ଏବଂ କାରୋଟିଡ୍ ଆର୍ଟେରୀ ଥାଏ । ଏହା ମସ୍ତିଷ୍କକୁ ରକ୍ତ ପହଞ୍ଚାଏ । ଭୁଲ୍ ଶୈଳୀରେ ବେକକୁ ମସାଜ ଦେଲେ ସ୍ନାୟୁଜନିତ ଆଘାତ ହୋଇ ହାତ ଏବଂ ଗୋଡ଼ ପକ୍ଷାଘାତ ହେବାର ଆଶଙ୍କା ରହିଥାଏ । ଉଚ୍ଚରକ୍ତଚାପ ପୀଡ଼ିତ, ମାଇଗ୍ରେନ, ପୂର୍ବରୁ ମେରୁଦଣ୍ଡ ସମସ୍ୟାଥିବା ଲୋକ ଏବଂ ଚିନ୍ତାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ । ତେଣୁ ଏଥିରୁ ଆରାମ ପାଇବାକୁ ଶାରୀରିକ ବ୍ୟାୟାମ କରିପାରିବେ, ଗରମ ପାଣିରେ ଶେକ, ସଠିକ ପୋଷ୍ଚରରେ ବସିବା, ଦୀର୍ଘ ସମୟ ମୋବାଇଲ କିମ୍ବା ଲାପଟପ୍ ଦେଖିବା ଅନୁଚିତ । ଆବଶ୍ୟକ ସ୍ଥଳେ ଜଣେ ଅଭିଜ୍ଞ ଫିଜିଓଥେରାପିଷ୍ଟଙ୍କ ତତ୍ତ୍ୱାବଧାନରେ ସଠିତ ବ୍ୟାୟାମ କରି ପାରିବେ । ବେକମସାଜ ବା ମୋଡାଘଷା ପରେ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଅନ୍ଧାରିଆ ଦିଶିବା, ହାତପାଦରେ ଦୁର୍ବଳତା ଆଦି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଦ୍ୱାରା ଯନ୍ତ୍ରଣା ଲାଘବ ହୁଏ ।




# ସାବାଲେଙ୍କା-ରିବାକିନା ଫାଇନାଲ ଲଢ଼େଇ

**ଅଷ୍ଟ୍ରେଲିଆନ୍ ଓପନ୍**

**ମେଲବୋର୍ଣ୍ଣ, ୨୯ ।୧ (ଏଜେନ୍ସି):** ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ୫ମ ସିଡ୍ ଏଲିନା ରିବାକିନାଙ୍କ ମଧ୍ୟରେ ଚଳିତ ଅଷ୍ଟ୍ରେଲିଆନ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲ ଖେଳାଯିବ । ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଉଭୟ ଖେଳାଳି ବିଜୟୀ ହୋଇ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲରୁ ପାଦେ ଦୂରରେ ରହିଛନ୍ତି । ଦୁଇଥରର ବିଜୟିନୀ ସାବାଲେଙ୍କା ପ୍ରଥମ ସେମିଫାଇନାଲରେ ୬-୨, ୬-୩ ସିଧାସଳଖ ସେଟ୍‌ରେ ଦ୍ୱାଦଶ ସିଡ୍ କାଜାଖସ୍ତାନର ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଥିଲେ । ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ରିବାକିନା ୬-୩, ୭-୬ (୯/୭) ସେଟ୍‌ରେ ୬ଷ୍ଠ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ହରାଇଥିଲେ । ଏହି ମ୍ୟାଚ୍ ଜିତିବାକୁ ରିବାକିନାଙ୍କୁ ଏକ ଘଣ୍ଟା ୪୦ ମିନିଟ୍ ସମୟ ଲାଗିଥିଲା ।

ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲ ଖେଳାଯିବ । ଯାହାକି ୨୦୨୩ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲର ପୁନରାବୃତ୍ତି ହୋଇଛି । ୨୦୨୩ ଫାଇନାଲ ସାବାଲେଙ୍କା ଓ ରିବାକିନାଙ୍କ ମଧ୍ୟରେ ଖେଳାଯାଇଥିଲା । ଏଥିରେ ସାବାଲେଙ୍କା ୪-୬, ୬-୩, ୬-୪ ସେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ । ଏବେ ରିବାକିନାଙ୍କ ନିକଟରେ ପ୍ରତିଶୋଧ ନେବାର ସୁଯୋଗ ସୃଷ୍ଟି ହୋଇଛି । ଯଦି ରିବାକିନା ବିଜୟୀ ହୁଅନ୍ତି ତେବେ କ୍ୟାରିୟରର ୨ୟ ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିବେ । ସେହିଭଳି ବେଲାରୁଷ ତାରକା ସାବାଲେଙ୍କାଙ୍କ ନିକଟରେ ୩ୟ ଅଷ୍ଟ୍ରେଲିଆନ୍ ଓପନ୍ ଓ ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୁଯୋଗ ରହିଛି । ସେ ଏଠାରେ ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲେ ।






**ଜୋକୋଭିଚ୍-ସିନ୍ନରଙ୍କ ମଧ୍ୟରେ ମହାମୁକାବିଲା**

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସର ଉଭୟ ସେମିଫାଇନାଲ ଶୁକ୍ରବାର ଖେଳାଯିବ । ସକାଳ ୯ଟାରେ ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଓ ଗତ ସଂସ୍କରଣର ଉପବିଜେତା ଆଲେକ୍ସଜାଣ୍ଡର ଜ୍ୱେରେଭ ପରସ୍ପର ସାମ୍ନାସାମ୍ନି ହେବେ । ସେହିଭଳି ଦୁଇଥରର ଡିଫେଣ୍ଡିଂ ଚାମ୍ପିଅନ ତଥା ୨ୟ ସିଡ୍ ଜାନିକ ସିନ୍ନର ଓ ୪ର୍ଥ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ । ଏହି ମ୍ୟାଚ୍ ଅପରାହ୍ଣ ୨ଟାରୁ ଆରମ୍ଭ ହେବ ।

# ସୁନ୍ଦର, ତିଲକ ଫିଟ୍ ହେବେ ବୋଲି ଆଶା

**ମୁମ୍ବଇ,୨୯ ।୧(ଏଜେନ୍ସି):** ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ କ୍ରିକେଟ ଆରମ୍ଭ ହେବା ପୂର୍ବରୁ ଆହତ ହୋଇଥିବା ଭାରତର ଦୁଇ ଖେଳାଳି ୱାଶିଂଟନ ସୁନ୍ଦର ଓ ତିଲକ ବର୍ମା ଫିଟ୍ ହୋଇଯିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଓ ଚୟନ କମିଟି ଆଶା ରଖିଛନ୍ତି । ଏଣୁ ସେମାନଙ୍କ ଉପରେ ଭରସା ରଖି ଦଳ ଖେଳାଳି ପରିବର୍ତ୍ତନ କରିବ ନାହିଁ ବୋଲି ଚୟନ କମିଟି ସ୍ପଷ୍ଟ କରିଛି । ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଆରମ୍ଭ ପୂର୍ବରୁ ଏକ ଛୋଟିଆ ଅସ୍ତ୍ରୋପଚାର କରାଯାଇଥିବାରୁ ତିଲକ ବର୍ମା ଓ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଲା ବେଳେ ସୁନ୍ଦର ଆହତ ହୋଇଥିଲେ । ଏବେ ସେମାନେ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍‌ନେସ ଟ୍ରେନିଂ ନେଉଛନ୍ତି । ଖୁବ୍‌ଶୀଘ୍ର ଉଭୟ ଖେଳାଳି ଫିଟ୍ ହୋଇ ବିଶ୍ୱକପ୍ ପୂର୍ବରୁ ଦଳ ସହ ଯୋଗଦେବେ ବୋଲି ଆଶା କରାଯାଉଛି । ଜାନୁଆରୀ ୩୧ ପରେ ଭାରତୀୟ ଖେଳାଳିମାନେ ମୁମ୍ବଇରେ ଫେବୃଆରୀ ୩ରେ ଏକତ୍ର ହେବେ । ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ପରଦିନ ଅର୍ଥାତ୍ ୪ରେ ଦକ୍ଷିଣ ଆଫ୍ରିକା ସହ ୱାର୍ମଅପ୍ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ସୁନ୍ଦରଙ୍କ ଖେଳିବେ ବୋଲି ଆଶା କରାଯଉଛି । କିନ୍ତୁ ବର୍ମାଙ୍କ ଉପରେ ସେପରି କିଛି ସୂଚନା ମିଳିନାହିଁ । ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ ବିଫଳ ହୋଇଥିଲେ ମଧ୍ୟ ସଞ୍ଜୁ ସାମସନ ବିଶ୍ୱକପ୍ ଦଳରେ ରହିବା ନିଶ୍ଚିତ ହୋଇଛି ।



ଏହି ସିରିଜ୍‌ର ପ୍ରଥମ ୪ଟି ମ୍ୟାଚ୍‌ରୁ ସେ ଯଥାକ୍ରମେ ୧୦, ୬, ୦ ଓ ୨୪ ରନ୍ କରିଥିଲେ ମଧ୍ୟ ଦଳରେ ତାଙ୍କ ସ୍ଥାନ ବଜାୟ ରଖିବେ । ଯଦି ସେ ଫେଲ ହୁଅନ୍ତି, ତାଙ୍କ ସ୍ଥାନରେ ଇଶାନ କିସାନ ଇନିଂସ ଓପନ କରିବେ । ଜାନୁଆରୀ ୩୦ ସୁଦ୍ଧା ସମସ୍ତ ଅଂଶଗ୍ରହଣକାରୀ ଦେଶଗୁଡିକ ସେମାନଙ୍କ ଚୂଡାନ୍ତ ଟିମ୍‌ର ନାମତାଲିକା ଘୋଷଣା କରିବାକୁ କୁହାଯାଇଛି ।

**ଭାରତୀୟ ବିଶ୍ୱକପ୍ ଦଳ**

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଲକ ବର୍ମା, ଇଶାନ କିସାନ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଅକ୍ଷର ପଟେଲ (ଉପଅଧିନାୟକ), କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା ।

## ଭାରତୀୟ ହକି ଦଳର ପୂର୍ବତନ କୋଚ୍ ନୁବ୍ସଙ୍କ ପରଲୋକ

**ମେଲବୋର୍ଣ୍ଣ, ୨୯।୧ (ଏଜେନ୍ସି):** ଅଷ୍ଟ୍ରେଲିଆ ପୁରୁଷ ହକି ଦଳର ପୂର୍ବତନ ଖେଳାଳି ମାଇକେଲ ନୁବ୍ସଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ନୁବ୍ସଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଲି କାପ୍ସ ଓ ଝିଅ କେଟଲିନ ନୁବ୍ସ ଉପସ୍ଥିତ ରହିଥିଲେ । ଉଭୟ ଲି ଓ କେଟଲିନ ଅଷ୍ଟ୍ରେଲିଆ ମହିଳା ହକି ଦଳରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି । ମାଇକେଲ ୧୯୭୯ରୁ ୧୯୮୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୭୬ଟି ମ୍ୟାଚ୍ ଖେଳିଥିଲେ । ଯେଉଁଥିରେ ସେ ୧୯୮୧ ହକି ବିଶ୍ୱକପ୍ ଓ ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ମଧ୍ୟ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ । ଅବସର ପରେ ନୁବ୍ସ କୋଚିଂ କ୍ଷେତ୍ରରେ ପାଦ ଥାପିଥିଲେ । ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ସେ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ପ୍ରଶିକ୍ଷଣରେ ଭାରତ ଲଣ୍ଡନ ଅଲିମ୍ପିକ୍ସରେ ସବାଶେଷ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଏହାପରେ ନୁବ୍ସ ଜାପାନ ଦଳର ମଧ୍ୟ କୋଚ୍ ରହିଥିଲେ ।




**ରାଉରକେଲାରେ ହକି ପ୍ରୋ-ଲିଗ୍ ୧୫ରୁ**

## ଭାରତୀୟ ଦଳରେ ୫ ଓଡ଼ିଆ

**ଭୁବନେଶ୍ୱର,୨୯।୧ (ସମିସ):** ରାଉରକେଲା ଓ ହୋବାର୍ଟ ଲେଗର ହକି ପ୍ରୋ-ଲିଗ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି । ହରମନପ୍ରୀତ୍ ସିଂହ ପୂର୍ବପରି ଏହି ଦଳର ନେତୃତ୍ୱ ନେଉଛନ୍ତି । ଦଳରେ ସେପରି କିଛି ପରିବର୍ତ୍ତନ କରାଯାଇନାହିଁ । ଏହି ଦଳରେ ୫ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଛି । ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଅମନଦୀପ ଲାକ୍ରା । ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ଅମନଦୀପ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଏମାନଙ୍କ ବ୍ୟତୀତ ମିଡ୍‌ଫିଲ୍ଡରେ ରୋଶନ କୁଜୁର ଓ ଫରୱାର୍ଡରେ ଶିଳାନନ୍ଦ ଲାକ୍ରାଙ୍କୁ ସାମିଲ କରାଯାଇଛି । ଏହି ଲିଗ୍ ଲାଗି ୩୩ ଜଣିଆ ଖେଳାଳିଙ୍କ ନାମ ତାଲିକା ଘୋଷଣା କରାଯାଇଛି ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଫେବୃଆରୀ ୧ରୁ ୭ ତାରିଖ ଯାଏ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ସମସ୍ତ ଖେଳାଳିଙ୍କୁ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଫେବୃଆରୀ ୧୦ରୁ ୧୫ ଯାଏ ପ୍ରୋ-ଲିଗ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ହୋବାର୍ଟରେ ଲିଗ୍‌ର ପରବର୍ତ୍ତୀ ପର୍ଯ୍ୟାୟ ଖେଳାଯିବ ।

## ଡବ୍ଲ୍ୟୁପିଏଲ୍: ଫାଇନାଲରେ ଆର୍‌ସିବି

**ଭଦୋଦରା,୨୯।୧(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମହିଳା ପ୍ରିମିୟର ଲିଗ୍-୨୦୨୬ର ଫାଇନାଲରେ ପ୍ରବେଶ କରିଛି । ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଆର୍‌ସିବି ୮ ୱିକେଟରେ ୟୁପି ୱାରିୟର୍ଜଙ୍କୁ ହରାଇଛି । ଏହା ଫଳରେ ୮ଟି ଲିଗ୍ ମ୍ୟାଚ୍‌ରୁ ୬ଟି ବିଜୟ ସହ ସର୍ବାଧିକ ୧୨ ପଏଣ୍ଟ ପାଇ ଆର୍‌ସିବି ଟେବଲର ପ୍ରଥମସ୍ଥାନ ଅଧିକାର କରିବା ସହ ଫାଇନାଲରେ ପ୍ରବେଶ କରିଛି । ପଏଣ୍ଟ ଟେବଲର ଦ୍ୱିତୀୟ ଓ ତୃତୀୟ ସ୍ଥାନିତ ଦଳ ମଧ୍ୟରେ ୩ ତାରିଖରେ ହେବାକୁ ଥିବା ଏଲିମିନେଟରର ବିଜେତା ସହ ଆର୍‌ସିବି ଫେବୃଆରୀ ୫ରେ ଫାଇନାଲ ଖେଳିବ ।



ଆଜିର ମ୍ୟାଚ୍‌ରେ ନାଦିନ ଡି କ୍ଲର୍କ ୪ ଓ ଗ୍ରେସ୍ ହାରିସ୍ ୨ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୩ ରନ୍ କରିଥିଲା । ଦୀପ୍ତି ଶର୍ମା ସର୍ବାଧିକ ୫୫ ଓ ତାଙ୍କ ଓପନିଂ ପାର୍ଟନର ତଥା ଅଧିନାୟିକା ମେଗ୍ ଲାନିଂ ୪୧ ରନ୍ କରିଥିଲେ । ଜବାବରେ ଆର୍‌ସିବି ମାତ୍ର ୧୩.୧ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ହ୍ୟାରିସ୍ ୩୭ ବଲ୍‌ରୁ ୭୫ ରନ୍ କରିଥିଲାବେଳେ ଅଧିନାୟିକା ସ୍ମୃତି ମନ୍ଧାନା ୨୭ ବଲ୍‌ରେ ଅପରାଜିତ ୫୪ ରନ୍ କରିଥିଲେ ।

## ପ୍ରଥମ ଟି-୨୦ରେ ହାରିଲା ଅଷ୍ଟ୍ରେଲିଆ

**ଲାହୋର,୨୯।୧(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ପୂର୍ବରୁ ଶେଷ ପ୍ରସ୍ତୁତି ସ୍ୱରୂପ ପାକିସ୍ତାନ ଓ ଅଷ୍ଟ୍ରେଲିଆ ପରସ୍ପର ମଧ୍ୟରେ ୩ଟି ଟି-୨୦ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି । ଆଜି ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପାକିସ୍ତାନ ୨୨ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୮ ୱିକେଟରେ ୧୬୮ ରନ୍ କରିଥିଲା । ଯୁବ ଓପନର ସାଏମ ଆୟୁବ ୪୦, ଅଧିନାୟକ ସଲମାନ ଅଲି ଆଘା ୩୯ ଓ ବାବର ଆଜମ ୨୪ ରନ୍ କରିଥିଲେ । ପ୍ରତିପକ୍ଷ ଦଳର ଲେଗ୍‌ସ୍ପିନର ଆଦାମ ଜାମ୍ପାଙ୍କୁ ୪ଟି ୱିକେଟ ମିଳିଥିଲା । ଜବାବରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୪୬ ରନ୍ କରିପାରିଥିଲା । ଦଳ ପକ୍ଷରୁ କାମେରନ ଗ୍ରୀନ୍ ସର୍ବାଧିକ ୩୬, ଜାଭିୟର ବାର୍ଟଲେଟ ଅପରାଜିତ ୩୪, କାମଚଳା ଅଧିନାୟକ ଟ୍ରାଭିସ୍ ହେଡ୍ ୨୩ ରନ୍ କରିଥିଲେ ।

## ଭାରତ ବିପକ୍ଷ ସିରିଜ୍ ଲାଗି ଅଷ୍ଟ୍ରେଲିଆ ମହିଳା ଦଳ ଘୋଷିତ

**ମେଲବୋର୍ଣ୍ଣ,୨୯।୧(ଏଜେନ୍ସି):** ଭାରତର ଆଗାମୀ ଗସ୍ତ ଲାଗି ଅଷ୍ଟ୍ରେଲିଆ ମହିଳା ଦଳ ତାହାର ଖେଳାଳି ତାଲିକା ଘୋଷଣା କରିଛି । ଆଲିଶା ହିଲି ଏହି ସିରିଜ୍‌ରେ ଅବସର ନେବାକୁ ଘୋଷଣା କରିଥିବାରୁ ସୋଫି ମୋଲିନେକ୍ସଙ୍କୁ ସମସ୍ତ ଫର୍ମାଟର ଅଧିନାୟିକା ଘୋଷଣା କରାଯାଇଛି । ହିଲି କିନ୍ତୁ ଦିନିକିଆ ଓ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଶେଷଥର ଲାଗି ନେତୃତ୍ୱ ନେବେ । ଏହି ଫର୍ମାଟରେ ସୋଫି ତାଙ୍କ ଡେପୁଟି ଭାବେ ଦାୟିତ୍ୱ ସମ୍ଭାଳିବେ । ଯୁବ ପେସ୍‌ର ଲୁସି ହାମିଲଟନଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି । ଲେଗ୍ ସ୍ପିନର ଆଲାନା କିଙ୍ଗ୍‌ଙ୍କୁ ଟି-୨୦ ଓ ମେଗାନ ସ୍କଟ୍‌ଙ୍କୁ ଦିନିକିଆ ଦଳରୁ ବାଦ୍ ଦିଆଯାଇଛି ।

ଏହି ଟୁର୍‌ରେ ପ୍ରଥମେ ୩ଟି ଟି-୨୦ ମ୍ୟାଚ୍ ସିଡ୍‌ନୀ, କାନବେରା ଓ ଆଡିଲେଡ୍‌ରେ ଯଥାକ୍ରମେ ଫେବୃଆରୀ ୧୫, ୧୯ ଓ ୨୧ରେ ଖେଳାଯିବ । ଏହା ପରେ ଦିନିକିଆ ମ୍ୟାଚ୍ ଗୁଡିକ ବ୍ରିସ୍‌ବେନ୍‌ରେ ଫେବୃଆରୀ ୨୪ ଓ ୨୭ରେ, ଗାବ୍ବାରେ ମାର୍ଚ୍ଚ ୧ରେ ଖେଳାଯିବ । ମାର୍ଚ୍ଚ ୬ରୁ ପର୍ଥରେ ଏକମାତ୍ର ଟେଷ୍ଟ ଆରମ୍ଭ ହେବ ।

**ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ**

## ଓଡ଼ିଶା-ରେଲୱେ ମ୍ୟାଚ୍ ଡ୍ର

**କଟକ,୨୯।୧(ସମିସ):** ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ୪ଟି ମ୍ୟାଚ୍ ଖେଳିଥିଲେ ସୁଦ୍ଧା ବିଜୟ ପଏଣ୍ଟ ହାତେଇ ପାରିନାହିଁ । ଆସାମରେ ଗୁରୁବାର ଖେଳାଯାଇଥିବା ରେଲୱେ ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧-୧ ଗୋଲରେ ଡ୍ର ରଖିଛି । ୩ୟ ମିନିଟରେ ସୁବ୍ରତ ମୁର୍ମୁ ଗୋଲ ସ୍କୋର କରି ରେଲୱେକୁ ଅଗ୍ରଣୀ ରଖିଥିଲେ । ଓଡ଼ିଶା ୬୬ତମ ମିନିଟରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା । ମିଡଫିଲ୍ଡର ଅର୍ପଣ ଲାକ୍ରାଙ୍କ ଗୋଲ ବଳରେ ମ୍ୟାଚ୍ ବରାବର ସ୍ଥିତିରେ ପହଞ୍ଚିଥିଲା । ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ପ୍ରକାଶଥାଉକି, ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟ ଠାରୁ ହାରିବା ପରେ ସର୍ଭିସେସ ବିପକ୍ଷ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଡ୍ର ରଖିଥିଲା । ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ କେରଳ ଠାରୁ ପରାସ୍ତ ହୋଇଥିଲା ।

**ବାଂଲାଦେଶର ଦୋମୁହାଁ ନୀତି**

## କ୍ରିକେଟ୍ ଦଳକୁ ନା'; ସୁଟିଂକୁ ହଁ

**ନୂଆଦିଲ୍ଲୀ, ୨୯ ।୧ (ଏଜେନ୍ସି):** ଖେଳାଳିଙ୍କ ସୁରକ୍ଷା ଆଳ ଦେଖାଇ ବାଂଲାଦେଶ କ୍ରିକେଟ୍ ଦଳ ଏହାର ଖେଳାଳିଙ୍କୁ ବିଶ୍ୱକପ୍ ଲାଗି ଭାରତ ପଠାଇବାକୁ ମନା କରିଦେଇଛି । ଏହାକୁ ନେଇ ବାଂଲାଦେଶ କ୍ରିକେଟ୍ ବୋର୍ଡ ଓ ଆଇସିସି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ବାଂଲାଦେଶ ବଦଳରେ ଆୟର୍ଲାଣ୍ଡ ଦଳକୁ ବିଶ୍ୱକପ୍ ଖେଳିବାକୁ ଆଇସିସି ଆମନ୍ତ୍ରଣ କରିଥିଲା । ତେବେ ବାଂଲାଦେଶ ସରକାରଙ୍କ ଏକ ଦୋମୁହାଁ ନୀତି ଏବେ ସାମ୍ନାକୁ ଆସିଛି । କ୍ରିକେଟ୍ ଦଳକୁ ପଠାଇବାକୁ ମନା କରିଥିବା ବାଂଲାଦେଶ ଏବେ ସୁଟିଂ ଦଳକୁ ଭାରତ ଯିବା ଲାଗି ସବୁଜ ସଙ୍କେତ ପ୍ରଦାନ କରିଛି । ଫେବୃଆରୀ ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଏସିଆନ ରାଇଫଲ/ ପିସ୍ତଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏଥିରେ ଦୁଇଜଣିଆ ବାଂଲାଦେଶ ଅଂଶଗ୍ରହଣ କରିବ । ସୁରକ୍ଷା ଆଳ ଦେଖାଇ କ୍ରିକେଟ୍ ଟିମ୍‌କୁ ଭାରତ ପଠାଇବାକୁ ମନା କରିଥିବା ବାଂଲାଦେଶ ସରକାର ଏବେ କିପରି ସୁଟିଂ ଦଳକୁ ଅନୁମତି ପ୍ରଦାନ କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି । ତେବେ ବାଂଲାଦେଶ ପକ୍ଷରୁ ସଫେଇ ଦିଆଯାଇ କୁହାଯାଇଛି ଯେ, ସୁଟିଂ ଇଣ୍ଡୋର ଷ୍ଟାଡିୟମରେ ଖେଳାଯିବ । ଫଳରେ ସୁରକ୍ଷାକୁ ନେଇ କୌଣସି ଚିନ୍ତା କରିବାର ନାହିଁ ।

**ଟି-୨୦ ବିଶ୍ୱକପ୍ ବୟକଟ ଘୋଷଣା ସୋମବାର**

## କଲମ୍ବୋ ପାଇଁ ଟିକଟ ବୁକ୍ କଲା ପାକିସ୍ତାନ

**କରାଚି,୨୯।୧(ଏଜେନ୍ସି):** ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଫେବୃଆରୀ ୨ ତାରିଖ ବା ସୋମବାର ଘୋଷଣା କରିବ । କିନ୍ତୁ ଏହି ବିଶ୍ୱକପ୍‌ରେ ଖେଳିବା ଲାଗି କଲମ୍ବୋ ଯିବା ସକାଶେ ଆଜି ପାକିସ୍ତାନ କ୍ରିକେଟ ବୋର୍ଡ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଟିକ୍ ବୁକ୍ କରିଛି । ପାକିସ୍ତାନର ବୟକଟ କଥା ନିଶ୍ଚିତ ହୋଇଥିଲେ କ୍ରିକେଟ ବୋର୍ଡ ଆଦୌ ଏତେ ଅର୍ଥ ଦେଇ ଟିକଟ କରି ନ ଥାନ୍ତା । ଏଣୁ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଯେତେ ଫୁଟାଣି ମାରନ୍ତୁ ନା କାହିଁକି ପାକିସ୍ତାନ ଏହି ବିଶ୍ୱକପ୍‌ରେ ଯେ ଭାଗନେବ ତାହା ଟିକଟ ବୁକିଂରୁ ସ୍ପଷ୍ଟ ହୋଇଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହାବାଜ ଶରିଫ୍ ଏଭଳି ଘଟଣାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିବା ପରେ ନକ୍‌ଭୀ ଯେଉଁ ଦମ୍ଭ ଦେଖାଉଥିଲେ ତାହା ଆଉ ନାହିଁ । ଏଣୁ ଅଷ୍ଟ୍ରେଲିଆ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବା ପରେ ପାକିସ୍ତାନ ସିଧାସଳଖ କଲମ୍ବୋ ଯାଇ ଖେଳିବ । ହାଇବ୍ରିଡ୍ ମଡେଲରେ ପାକିସ୍ତାନ ଭାରତକୁ କୌଣସି ମ୍ୟାଚ୍ ଖେଳିବାକୁ ଯିବ ନାହିଁ, ବରଂ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ବାୟୁ ପ୍ରଦୂଷଣ ଲାଗି ମାସ୍କ ପିନ୍ଧିଲେ ମୁମ୍ବଇ ଖେଳାଳି

**ମୁମ୍ବଇ, ୨୯ ।୧ (ଏଜେନ୍ସି):** ଘରୋଇ ମୁମ୍ବଇ ଓ ଦିଲ୍ଲୀ ମଧ୍ୟରେ ଏଲିଟ୍ ଗ୍ରୁପ୍-ଡି'ର ରଣଜୀ



ଟ୍ରଫି ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଛି । ତେବେ ଶରଦ ପାୱାର ଏକାଡେମୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ବାୟୁ ପ୍ରଦୂଷଣ ଲାଗି ମୁମ୍ବଇ ଦଳର ଅଧିକାଂଶ ଖେଳାଳି ମାସ୍କ ପରିଧାନ କରି ଫିଲ୍ଡିଂ କରିବାକୁ ବାଧ ହୋଇଥିଲେ । ଗ୍ରାଉଣ୍ଡ ନିକଟରେ ଏକ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାର ଧୂଳି ବାୟୁର ଗୁଣବତ୍ତାକୁ ଖରାପ କରିଦେଇଥିଲା । ଫଳରେ ବାୟୁ ଗୁଣବତ୍ତା ସୂଚକାଙ୍କସ୍ତର ୧୬୦ରେ ପହଞ୍ଚି ଯାଇଥିଲା । ଶେଷରେ ବାଧହୋଇ ପ୍ରଥମ ଦିବସର ୩ୟ ସେସନରେ ମୁମ୍ବଇର ସର୍ଫରାଜ ଖାନ, ତାଙ୍କ ସାନ ଭାଇ ମୁସିର ଖାନ, ସ୍ପିନର ହିମାଂଶୁ ସିଂଙ୍କ ସମେତ ଅଧିକାଂଶ ଖେଳାଳି ମାସ୍କ ପିନ୍ଧି ଫିଲ୍ଡିଂ କରିଥିଲେ । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଓପନର୍ ସନତ ସାଙ୍ଗୱାନ ୯୧୧୮ ରନ)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୨୨୧ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ମୁମ୍ବଇ ଷ୍ଟମ୍ପବେଳକୁ ଗୋଟିଏ ୱିକେଟ୍ ହରାଇ ୧୩ ରନ ସଂଗ୍ରହ କରିଛି ।

**ଓଡ଼ିଶା ବନାମ ଝାଡ଼ଖଣ୍ଡ ରଣଜୀ ମୁକାବିଲା**

## ସ୍ୱସ୍ତିକ ଓ ଗୋବିନ୍ଦଙ୍କ ଅର୍ଦ୍ଧଶତକ

**ଭୁବନେଶ୍ୱର, ୨୯।୧ (ସମିସ):** ଓପନର ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାରଙ୍କ ଅର୍ଦ୍ଧଶତକ ବଳରେ ଜାମସେଦପୁରରେ ଝାଡ଼ଖଣ୍ଡ ବିପକ୍ଷ ଏଲିଟ ରଣଜୀ ଟ୍ରଫି ମୁକାବିଲାର ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୨ ରନ୍ ସଂଗ୍ରହ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ଭେଟେରାନ ଖେଳାଳି ବିପ୍ଳବ ସାମନ୍ତରାୟ ୩୮ ଓ ଚଳିତ ସିଜନରେ ଡେବ୍ୟୁ କରିଥିବା ୱିକେଟରକ୍ଷକ ସୱାନ ପାହାଡିଆ ୧୨ ରନ୍‌ରେ ବ୍ୟାଟିଂ କରୁଥିଲେ । ସେହିପରି ଯୁବ ଓପନର ସ୍ୱସ୍ତିକ ସାମଲ ସର୍ବାଧିକ ୭୯ ଓ ଅଭିଜ୍ଞ ଖେଳାଳି ଗୋବିନ୍ଦ ପୋଦ୍ଦାର ୬୪ ରନ୍ କରିଥିଲେ । ଚଳିତ ସିଜନରେ ଜବରଦସ୍ତ ଫର୍ମରେ ଥିବା ଝାଡଖଣ୍ଡ ପକ୍ଷରୁ ମିଡିୟମ ପେସର ସୌରଭ ଶେଖର ୩ଟି ଓ ଅଫ୍ ସ୍ପିନର ଆଦିତ୍ୟ ସିଂ ୨ଟି ୱିକେଟ ପାଇଥିଲେ । ଜାମ୍‌ସେଦ୍‌ପୁରର କିନାନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସେହିପରି ଏହି ମ୍ୟାଚ୍‌ରେ ଯୁବ ସ୍ପିନର ତୁଫାଏଲ ଅହମ୍ମଦ୍‌ଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିଛି । ତୁଫାଏଲ ଭୁବନେଶ୍ୱର ଓ ପାରାମାଉଣ୍ଟ ସ୍ପୋର୍ଟିଂ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଛନ୍ତି । ୧୯ ବର୍ଷରୁ କମ୍ କ୍ରିକେଟରେ ତୁଫାଏଲଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା ଓ ସିଜନର ଶେଷ ମୁକାବିଲାରେ ତାଙ୍କୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାକୁ ସୁଯୋଗ ମିଳିଛି । ଏଥିରୁ ସେ କେତେ ଫାଇଦା ଉଠାଉଛନ୍ତି ତାହା ଦେଖିବାକୁ ବାକି ରହିଛି ।





ଦୁଇ ଦଳ ମଧ୍ୟରେ ରଣଜୀ ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥାଏ । କିନ୍ତୁ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୩୮ ରନ୍ ମଧ୍ୟରେ ଓପନର ସନ୍ଦୀପ ପଟ୍ଟନାୟକ (୭) ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି (୧୦)ଙ୍କ ୱିକେଟ ହରାଇଥିଲା । ଏହି ସମୟରେ ଓପନର ସ୍ୱସ୍ତିକଙ୍କ ସହ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଯୋଗ ଦେଇ ତୃତୀୟ ୱିକେଟରୁ ୧୨୨ ରନ୍ ଉଠାଇଥିଲେ । ପ୍ରାରମ୍ଭିକ ବିପର୍ଯ୍ୟୟରୁ ଉଦ୍ଧାର ପାଇଥିବା ଓଡ଼ିଶାକୁ ଏହି ଯୋଡି ରକ୍ଷା କରିଥିଲେ । ଏହି ସମୟରେ ପୋଦ୍ଦାରଙ୍କୁ ୱିକେଟରକ୍ଷକ କୁମାର କୁଶାଗ୍ରଙ୍କ ହାତରେ କ୍ୟାଚ୍ ଆଉଟ କରାଯାଇ ସୌରଭ ଏହି ଯୋଡି ଭାଙ୍ଗିଦେଇଥିଲେ । ଏହାର ୭ ରନ୍ ପରେ ସ୍ୱସ୍ତିକଙ୍କୁ ମଧ୍ୟ ସେ ପାଭିଲିଅନ ଫେରାଇଦେଇଥିଲେ । ଗୋବିନ୍ଦ ୧୨୦ ବଲ୍‌ରୁ ୬ ଚୌକା ସହ ୬୪ ଓ ସ୍ୱସ୍ତିକ ୧୬୮ ବଲ୍‌ରୁ ୭ ଚୌକା ଓ ୨ଛକା ସହ ୭୯ ରନ୍‌ରେ ଆଉଟ ହୋଇଥିଲେ । ଏମାନଙ୍କ ପରେ ଅନିଲ ପରିଡ଼ା ତାଙ୍କ ପୂର୍ବ ମ୍ୟାଚ୍‌ର ଫର୍ମ ଦେଖାଇ ନ ପାରି ୧୫ ଓ ସମ୍ବିତ ବରାଳ ୧୦ ରନ୍‌ରେ ଆଉଟ ହୋଇଥିଲେ । ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଗୋଟିଏ ପଟ ସମ୍ଭାଳିଥିଲାବେଳେ ଷ୍ଟମ୍ପ ଅପସାରଣ ବେଳକୁ ସୱାନ ପାହାଡିଆ ୧୨ ରନ୍‌ରେ ତାଙ୍କୁ ଭଲ ସହଯୋଗ ଦେଇଥିଲେ । ବିପ୍ଳବ ୯୯ଟି ବଲ୍ ଖେଳି ୩୮ ରନ୍‌ରେ ଅପରାଜିତ ରହିଥିଲେ । ଏଠାରେ ଝାଡଖଣ୍ଡ ବ୍ୟାଟରଙ୍କୁ ଅଟକାଇବା କଷ୍ଟକର ମନେ ହେଉଥିଲାବେଳେ ଓଡ଼ିଶାର ବୋଲରମାନେ ଚାପରେ ରହିବେ ବୋଲି ପିଚ୍‌ର ପ୍ରଦର୍ଶନରୁ ସ୍ପଷ୍ଟ ହୋଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS